

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୬ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 16 July 2024
Vol.No. 35 ■ No.190 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାହୁଡ଼ାରେ ସୁଧାରିଲେ ଗୁଣ୍ଡିଚା ତ୍ରୁଟି !

# ଆଗୁଆ ପହଣ୍ଡି, ଧାର୍ଯ୍ୟ ସମୟ ପୂର୍ବରୁ ରଥଟଣା



ପୁରୀ, ୧୫/୭ (ନି.ପ୍ର): ଧାର୍ଯ୍ୟ ସମୟ ଆଗରୁ ପହଣ୍ଡି । ରଥ ଉପରେ ଅନଧିକୃତ ପ୍ରବେଶ ଉପରେ ରୋକ୍ । ନିର୍ଦ୍ଧାରିତ ସମୟ ପୂର୍ବରୁ ରଥଟଣା । ଏବର୍ଷ ଗୁଣ୍ଡିଚା ଯାତ୍ରାରେ ଏକାଧିକ ବିଲକ୍ଷଣ ଓ ବିଶୃଙ୍ଖଳା ପରେ ଚେତିଛି ପ୍ରଶାସନ, ସୁଦୃଢ଼ ହୋଇଛି ବ୍ୟବସ୍ଥା। ଆଜି ଶ୍ରୀଜିଉଙ୍କ ବାହୁଡ଼ା ଯାତ୍ରାକୁ ବିନା କୌଣସି ବିଶୃଙ୍ଖଳାରେ ସମାପନ କରିବାକୁ ଦୃଢ଼ ସଂକଳ୍ପ ନେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ଚତୁର୍ଦ୍ଧା ମୂରତିଙ୍କ ପହଣ୍ଡି ଆରମ୍ଭର ସମୟ ଥିଲା ଦିନ ୧୨ଟା। ହେଲେ ପହଣ୍ଡି କାର୍ଯ୍ୟ ଆରମ୍ଭ ହୋଇଥିଲା ଘଣ୍ଟାଏ ୧୫ ମିନିଟ୍ ଆଗୁଆ ଅର୍ଥାତ ସକାଳ ୧୦ଟା ୪୫ରୁ। ସେହିଭଳି ବେସ୍ ସଅଳ ସଅଳ ସରିଥିଲା ଛେରାପହଁରା, ଚାରମାଳ ଫିଟା ଓ ଘୋଡ଼ାଲାଗି ଆଦି ନୀତିକାନ୍ତି। ରଥଟଣା ପାଇଁ ଅପରାହ୍ଣ ୪ଟାକୁ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଏହାର ୩୫ ମିନିଟ ଆଗରୁ, ଅର୍ଥାତ ୩ଟା ୨୫ରୁ ଟଣା ଆରମ୍ଭ ହୋଇଥିଲା ତାଳଧ୍ୱଜ ରଥ। ବାହୁଡ଼ା ଯାତ୍ରାକୁ ବିଶୃଙ୍ଖଳାମୁକ୍ତ କରିବାର ସବୁଠୁ ବଡ଼ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା, ରଥ ଉପରକୁ ଅଣସେବାୟତ ଓ ଅନଧିକୃତ ବ୍ୟକ୍ତିଙ୍କୁ ଚଢାଇ ନଦେବା । ଆଜି ଦର୍ପଦଳନ ରଥରେ ସେବାୟତ ବେଶରେ ଚଢିଥିବା ଜଣେ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ନିଜେ ହାତ ଧରି ଓହ୍ଲାଇ ଦେଇଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଫଳରେ ଗୁଣ୍ଡିଚା ଭଳି ବାହୁଡ଼ା ଯାତ୍ରାରେ ଆଉ ରଥ ଉପରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇନଥିଲା। ସେପଟେ ବାହୁଡାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡିବିଜେ ଶୃଙ୍ଖଳିତ ଭାବେ ସମାପନ ସାଙ୍ଗକୁ ସେବକ ବନ୍ଧୁମାନେ ଆବଶ୍ୟକ ସଂଖ୍ୟାରେ ରହି ମହାପ୍ରଭୁଙ୍କ ସେବାର ନିଦର୍ଶନ ପ୍ରସ୍ତୁତ କହିଥିବା ଏକ୍ସରେ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଗୁଣ୍ଡିଚା ଯାତ୍ରାରେ ତିନି ରଥ ଉପରେ ଆବଶ୍ୟକତାଠାରୁ ଢେର ଅଧିକ ବ୍ୟକ୍ତିଙ୍କ ଉପସ୍ଥିତି ପାଇଁ ରଥ କଡ଼ ମାଡୁଥିବାର ଅଭିଯୋଗ ହୋଇଥିଲା। ସେହିଭଳି କର୍ଡନ ବ୍ୟବସ୍ଥାରେ ବି ତ୍ରୁଟି କଥା ସାମ୍ନାକୁ ଆସିଥିଲା। ହେଲେ ବାହୁଡ଼ାରେ ସେଭଳି ତ୍ରୁଟି ବିଚ୍ୟୁତିକୁ ଯେକୌଣସି ପ୍ରକାରେ ରୋକିବାକୁ ଠିକଣା ପଦକ୍ଷେପ ନେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ଏମିତିକି ପୋଲିସ ଡିଜି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ଏସପି ଏବଂ ଅନ୍ୟ ଉଚ୍ଚପଦାଧିକାରୀ ଭିଡ଼ ଭିତରେ ଗୋଡ଼ ଗୋଡ଼େ ଜଗି ରହି ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଆୟୋଜନ ଉପରେ ପ୍ରତ୍ୟକ୍ଷ ଦୃଷ୍ଟି ରଖୁଥିଲେ ଯେମିତି । ହେଲେ ଏତେସବୁ ଜଗାରଖା ଭିତରେ ବି କିଛି ସାମାନ୍ୟ ତ୍ରୁଟି ବିଚ୍ୟୁତି ଓ ବିଶୃଙ୍ଖଳାର ଚିତ୍ର କ୍ୟାମେରା ନଜରକୁ ଆସିଥିଲା। ରଥ ଉପରେ ମୋବାଇଲ ସମ୍ପୂର୍ଣ୍ଣ ନିଷେଧ ଥିଲେ ବି ବଳଭଦ୍ରଙ୍କ ତାଳଧ୍ୱଜ ରଥ ଉପରେ କିଛି ସେବାୟତ ମୋବାଇଲରେ ସେଲଫି ନେଉଥିବାର ଚିତ୍ର ସାମ୍ନାକୁ ଆସିଥିଲା। ଅନ୍ୟପଟେ ଏଥର ଗୁଣ୍ଡିଚା ଯାତ୍ରା ବେଳେ ଘଟିଥିବା ବିଶୃଙ୍ଖଳା ଓ ଅଘଟଣର ପୁନରାବୃତ୍ତି ନକରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁରୀରେ ଡେରା ପକାଇଛନ୍ତି।

# ରତ୍ନଭଣ୍ଡାରର ଚାବି କୁଆଡେ ଗଲା ?

## କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବାକୁ ଜୋର ଧରିଲା ଦାବି



ଭୁବନେଶ୍ୱର, ୧୫/୭ (ନି.ପ୍ର): ଶ୍ରୀମନ୍ଦିରର ଭିତର ରତ୍ନଭଣ୍ଡାର ଖୋଲିଲା । କିନ୍ତୁ ଯେଉଁଭଳି ଭାବେ ଭଣ୍ଡାରର ୩ଟି ଯାକ ତାଲା ଭାଙ୍ଗି ଖୋଲାଗଲା ତାହା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଶ୍ନ ଉଠୁଛି, ରତ୍ନଭଣ୍ଡାରର ଚାବି କୁଆଡେ ଗଲା ? କିଏ ହଜାଇଲା ଚାବି ? ୨୦୧୮ରେ ମିଛ କହିଥିଲେ କି ସରକାର ? ଅସଲ ଚାବି କୁଆଡେ ଗଲା ସେ ନେଇ ତଦନ୍ତ ହେବା ଜରୁରୀ ନୁହେଁ କି ? ଚାବି ହଜିବା ପ୍ରସଙ୍ଗରେ ରଘୁବୀର ଦାସ କମିଶନଙ୍କ ରିପୋର୍ଟ ସାର୍ବଜନୀନ ହେବ କି ? ଆଇନମନ୍ତ୍ରୀ କହିଛନ୍ତି, ଚାବି ହଜିବା ଘଟଣାର ତଦନ୍ତ ସାପେକ୍ଷ । ଆଉ ତଦନ୍ତ ହେବ। ୨୦୧୮ରେ ଭିତର ରତ୍ନଭଣ୍ଡାର ଚାବିକୁ ନେଇ ବଡ ବିବାଦ ହୋଇଥିଲା । ଅସଲ ଚାବି ନାହିଁ ଡୁପ୍ଲିକେଟ ଚାବି ଅଛି ବୋଲି ସରକାର କହିଥିଲେ । ଆଉ ସେ ସମୟରେ ରତ୍ନଭଣ୍ଡାର ଖୋଲାଯାଇନଥିଲା, ଯାହା ଏବେ ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି । ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଚାବିର ତତ୍ତ୍ୱାବଧାରକ ହେଉଛନ୍ତି ପୁରୀ ଜିଲ୍ଲାପାଳ । ତାଙ୍କ ତତ୍ତ୍ୱାବଧାନରେ ଭିତର ଭଣ୍ଡାରର ଚାବି ଟ୍ରେଜେରୀରେ ରହିଥାଏ । ଭିତର ରତ୍ନଭଣ୍ଡାର ୧୯୭୮ରେ ଖୋଲାଯାଇ ଅଳଙ୍କାରର ଗଣତିମଣତି ହୋଇଥିଲା । ୧୯୮୨ ଓ ୮୫ରେ ଖୋଲାଯାଇ କିଛି ସୁନା ଆଣି ମହାପ୍ରଭୁଙ୍କ ଅଳଙ୍କାର ମରାମତି ହୋଇଥିଲା । ୧୯୮୫ରୁ ପୁରୀର ଯେଉଁମାନେ ଜିଲ୍ଲାପାଳ ଥିଲେ, ସେମାନେ ଏ ବାବଦରେ ନିଶ୍ଚିତ ଭାବେ ଅବଗତ ଥିବେ । ୧୯୮୫ରେ ଜିଲ୍ଲାପାଳ ଥିଲେ ନରେନ୍ଦ୍ର କୁମାର ମହାପାତ୍ର । ଏହାର ଭିତରେ ୩୯ ବର୍ଷ ବିତିଗଲାଣି । ତେଣୁ କାହା ସମୟରେ ଚାବି ହଜିଲା ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଗକୁ ଏହି ଚାବି ହଜିବା ଘଟଣା ଏକ ବଡ ପ୍ରସଙ୍ଗ ହେବାକୁ ଯାଉଛି । ଏଥିପାଇଁ ବିଜେପି ନେତା ତତାକାଳୀନ ବିଜେଡି ସରକାରଙ୍କୁ କାଠଗଡାକୁ ଟାଣିଛନ୍ତି ।

# ଡିଏସ୍ କୁଟ୍ଟେଙ୍କୁ ଓଏସ୍ ଡି ଭାବେ ନିଯୁକ୍ତି



ଭୁବନେଶ୍ୱର, ୧୫/୭ (ନି.ପ୍ର): - ବିବାଦୀୟ ଆଇପିଏସ୍ ଡିଏସ୍ କୁଟ୍ଟେଙ୍କୁ ଓଏସ୍ ଡି ଭାବେ ନିଯୁକ୍ତି ମିଳିଛି। ତାଙ୍କୁ ରାଜ୍ୟ ଗୃହ ବିଭାଗ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ନିଲମ୍ବନ ଉଠିବା ପରେ କୁଟ୍ଟେଙ୍କୁ ନିଯୁକ୍ତି ମିଳିଛି। ନିର୍ବାଚନ ସମୟରେ କୁଟ୍ଟେଙ୍କୁ ନିଲମ୍ବିତ କରାଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଥିବା ବେଳେ ନିଲମ୍ବିତ ହୋଇଥିଲେ ଡିଏସ୍ କୁଟ୍ଟେ। ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ନିଲମ୍ବିତ ହୋଇଥିଲେ।

# ବଙ୍ଗୋପସାଗରରେ ଲଘୁଚାପ



ଭୁବନେଶ୍ୱର, ୧୫/୭ (ନି.ପ୍ର): ଦକ୍ଷିଣ ଓଡ଼ିଶା ଉପକୂଳର ବଙ୍ଗୋପସାଗରର ପଶ୍ଚିମ କେନ୍ଦ୍ର ସଂଲଗ୍ନ ଉତରପଶ୍ଚିମ ଭାଗରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ବାୟୁମଣ୍ଡଳର ୭.୬ କିଲୋମିଟର ଯାଏ ବ୍ୟାପିଛି। ଏହା ଦକ୍ଷିଣ ପଶ୍ଚିମ ଦିଗକୁ ଢଳି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ ଜରିଆରେ ଏହି ସୂଚନା ଦିଆଯାଇଛି।

# ଆବାସିକ କମିଶନର ପଦବୀରୁ ରବିକାନ୍ତ ବିଦା

ଭୁବନେଶ୍ୱର, ୧୫/୭ (ନି.ପ୍ର): ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନର ପଦବୀରୁ ହଟିଛନ୍ତି ଆଇପିଏସ୍ ରବିକାନ୍ତ। ୧୯୯୮ ବ୍ୟାଚ୍ ଆଇପିଏସ୍ ରବିକାନ୍ତଙ୍କୁ ଗୃହ ବିଭାଗର ଓଏସଡି ଭାବେ ବଦଳି କରାଯାଇଛି। ନୂଆଦିଲ୍ଲୀରେ ଶିକ୍ଷ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଆଇଏଏସ୍ ବିଶାଳ ଗଗନଙ୍କୁ ଆବାସିକ କମିଶନର ଭାବେ ନିଯୁକ୍ତି ମିଳିଛି । ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୮ ବ୍ୟାଚ୍ ଆଇପିଏସ୍ ରବିକାନ୍ତଙ୍କୁ ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନର ପଦବୀରୁ ହଟାଇ ତତ୍କାଳ ପ୍ରଭାବରୁ ଗୃହ ବିଭାଗର ଓଏସଡି ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ନୂଆଦିଲ୍ଲୀରେ ଶିକ୍ଷ ବିଭାଗର ସ୍ୱତନ୍ତ୍ର ସଚିବ(ଓଆଇଇପିଓ) ଭାବେ କାର୍ଯ୍ୟରତ ୧୯୯୮ ବ୍ୟାଚ୍ ଆଇଏଏସ୍ ବିଶାଳ ଗଗନଙ୍କୁ ନୂଆ ଆବାସିକ କମିଶନର ଭାବେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି ।

# ଦରଦାମ ବୃଦ୍ଧି ନେଇ ଖାଦ୍ୟଯୋଗାଣ ମନ୍ତ୍ରୀଙ୍କ ବିଭିନ୍ନ ବ୍ୟବସାୟୀ ସଙ୍ଘ ସହ ଆଲୋଚନା

ଭୁବନେଶ୍ୱର, ୧୫/୭ (ନି.ପ୍ର): ରାଜ୍ୟ ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ରାଜ୍ୟର ବିଭିନ୍ନ ବ୍ୟବସାୟୀ ସଂଘ ସହ ଆଲୋଚନା କରିଛନ୍ତି। ଖଣ୍ଡଗିରିସ୍ଥିତ ବୈଧ ଓଜନ ଓ ମାପ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, ଜଟଣୀ ଏବଂ ବିଭିନ୍ନ ଜିଲ୍ଲାର ବ୍ୟବସାୟୀ ସଙ୍ଘ ପ୍ରତିନିଧିମାନଙ୍କ ସହ ଏହି ଆଲୋଚନା ଅନୁଷ୍ଠିତ ହୋଇଛି । ସମ୍ପ୍ରତି ରାଜ୍ୟରେ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ଏବଂ ଖାଉଟିମାନଙ୍କୁ ଉପଯୁକ୍ତ ମୂଲ୍ୟରେ ସାମଗ୍ରୀ ଯୋଗାଣକୁ ସୁନିଶ୍ଚିତ କରିବା ନିମନ୍ତେ ଉକ୍ତ ବୈଠକରେ ମନ୍ତ୍ରୀ ଶ୍ରୀ ପାତ୍ର ଗୁରୁତ୍ୱାରୋପ କରିଥିଲେ । ଦରଦାମ ବୃଦ୍ଧି ଓ ଏହାର ନିୟନ୍ତ୍ରଣ ସହ ଏ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ମଧ ସଙ୍ଘମାନଙ୍କ ସହ ବିଶଦ ଭାବେ ଆଲୋଚନା ହୋଇଛି । ଯୋଗାଣ ଶୃଙ୍ଖଳ ତ୍ୱରାନ୍ୱିତ କରିବା ସହ ଖାଉଟିମାନଙ୍କ ସ୍ୱାର୍ଥ ରକ୍ଷା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏଥିସହ କଳାବଜାରୀଙ୍କୁ ଚିହ୍ନଟ ଓ ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସଂପର୍କରେ ମଧ ଆଲୋଚନା କରଯାଇଛି । ଏଥିନିମନ୍ତେ ଶ୍ରୀ ପାତ୍ର ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ଏତଦ୍ ବ୍ୟତୀତ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଦରଦାମ ବୃଦ୍ଧି ନିୟନ୍ତ୍ରଣ ନିମନ୍ତେ ଯୋଗାଣ ଅଧିକାରୀମାନେ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରଖିଛନ୍ତି । ରାଜ୍ୟର ଆଳୁ, ପିଆଜ, ଖାଇବା ତେଲ ଏବଂ ଡାଲି ମହଜୁଦ ଥିବା ବିଭିନ୍ନ ଗୋଦାମରେ ଚଢ଼ଉ କରାଯାଇଛି। ଉଭୟ ପାଇକାରୀ ଏବଂ ଖୁଚୁରା ଦୋକାନରେ ବିଭିନ୍ନ ସାମଗ୍ରୀର କିଲୋଗ୍ରାମ ପ୍ରତି ଦର ଏବଂ ମହଜୁଦ ପରିମାଣ ସଂପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ଶ୍ରୀ ପାତ୍ର ପୂର୍ବରୁ ନିର୍ଦ୍ଦେଶ ଦେଇସାରିଛନ୍ତି । ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦାନୀ-ହିନ୍ଦେନବର୍ଗ ମାମଲା: ସୁପ୍ରିମକୋର୍ଟ ସମୀକ୍ଷା ଆବେଦନକୁ କଲେ ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ, ୧୫ ଜୁଲାଇ (ହିସ) - ଆଦାନୀ-ହିଂଡନବର୍ଗ ମାମଲାରେ ସୁପ୍ରିମକୋର୍ଟଙ୍କ ନିଷ୍ପତିକୁ ଚ୍ୟାଲେଞ୍ଜ କରି ସମୀକ୍ଷା ଆବେଦନକୁ ସୁପ୍ରିମକୋର୍ଟ ପ୍ରତ୍ୟାଖ୍ୟାନ କରିଛନ୍ତି। ଜାନୁଆରୀ ୩ ରେ ଦିଆଯାଇଥିବା ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ଆଦେଶରେ କୌଣସି ତ୍ରୁଟି ନାହିଁ । ଯାଂଚ ଦ୍ୱାରା ହୋଇଥିବା ଅନୁସନ୍ଧାନରେ ସନ୍ଦେହ କରିବାର କୌଣସି କାରଣ ନାହିଁ ବୋଲି କୋର୍ଟ କହିଛନ୍ତି। କୋର୍ଟ କହିଛନ୍ତି ଯେ ନିୟାମକ ସଂସ୍ଥାର କାର୍ଯ୍ୟରେ କୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ। ତିନି ମାସ ମଧ୍ୟରେ ଅବଶିଷ୍ଟ ଦୁଇଟି ମାମଲାର ଯାଂଚ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଭାରତୀୟ ନିବେଶକଙ୍କ ସ୍ୱାର୍ଥ ରକ୍ଷା ପାଇଁ କୋର୍ଟ ଗଠନ କରିଥିବା କମିଟିର ପରାମର୍ଶକୁ କେନ୍ଦ୍ର ସରକାର ବିଚାର କରିବା ଉଚିତ ବୋଲି କୋର୍ଟ କହିଛନ୍ତି। ହିଂଡେନବର୍ଗ ରିପୋର୍ଟରେ ସ୍ୱଳ୍ପ ବିକ୍ରୟ ଅଭିଯୋଗର ଯାଂଚଏବଂ କୌଣସି ଆଇନ ଉଲ୍ଲଂଘନ ହୋଇଛି କି ନାହିଁ ତାହା ଅନୁସନ୍ଧାନ କରିବାକୁ କୋର୍ଟ କେନ୍ଦ୍ର ଏବଂ ସେବିଙ୍କୁ କହିଛନ୍ତି। କୋର୍ଟ କହିଛନ୍ତି ଯେ ପ୍ରେସର ଅନୁସନ୍ଧାନକାରୀ ଖବର କିମ୍ୱା କୌଣସି ସଂସ୍ଥାର ରିପୋର୍ଟ ନିର୍ଭରଯୋଗ୍ୟ ପ୍ରମାଣ ଭାବରେ ବିବେଚନା କରାଯାଇପାରିବ ନାହିଁ।


DADLS-15



ମହାନ୍ ବିପ୍ଲବୀ
ଚକ୍ରଧର ବେହେରାଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ

୧୬ ଜୁଲାଇ, ୨୦୨୪

ସକାଳ ୮ ଘଟିକା : ରାଜଭବନ ଛକ ସ୍ଥିତ ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥି ମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମାନ୍ୟବର ମନ୍ତ୍ରୀ, ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ସଂଜୀବ କୁମାର ମଲ୍ଲିକ
ମାନ୍ୟବର ବିଧାୟକ, ଭଣ୍ଡାରିପୋଖରୀ
ଶ୍ରୀଯୁକ୍ତ ଅଶୋକ କୁମାର ଦାସ
ମାନ୍ୟବର ବିଧାୟକ, ବାସୁଦେବପୁର
ଶ୍ରୀଯୁକ୍ତ ଶୀତାଂଶୁ ଶେଖର ମହାପାତ୍ର
ମାନ୍ୟବର ବିଧାୟକ, ଭଦ୍ରକ

ମୁଖ୍ୟ ବକ୍ତା
ଡକ୍ଟର ଗୌରହରି ଦାସ
ବିଶିଷ୍ଟ ସାହିତ୍ୟିକ

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ

OIPR : 15001/13/0047/2324


# ସମ୍ବଲପୁର ପର୍ଯ୍ୟଟନକୁ ନୂଆ ରୂପ ଦେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ପତ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୫ ଜୁଲାଇ - ସାବରମତୀ, କାଶୀ ଓ ବାରାଣାସୀ ଭଳି ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ 'ରିଭରଫ୍ରଂଟ ଡେଭଲପମେଂଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦକ୍ଷ ନେତୃତ୍ୱରେ ଭାରତ ସରକାର କ୍ରମାଗତ ଭାବରେ 'ବିକାଶ ବି, ବିରସାତ୍ ବି' ଅଧୀନରେ ପରମ୍ପରା ଏବଂ ଆଧୁନିକତା ମଧ୍ୟରେ ଥିବା ସମାନତା ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଆମର ବହୁ ପୁରୁଣା ଐତିହ୍ୟ ଏବଂ ସଂସ୍କୃତିର ସଂରକ୍ଷଣ କରିବା ସହିତ ଜନସାଧାରଣଙ୍କ ସୁବିଧା ପାଇଁ ଭବିଷ୍ୟତର ଜ୍ଞାନକୌଶଳ ଏବଂ ଭିତ୍ତିଭୂମି ସହିତ ଆଧୁନିକୀକରଣ କରୁଛନ୍ତି । ଓଡ଼ିଶାରେ ମଧ ଅନେକ ପୀଠ, ମନ୍ଦିର, ଐତିହ୍ୟ ସ୍ଥଳୀ ଓ ପ୍ରାକୃତିକ ଆକର୍ଷଣସ୍ଥଳୀରେ ପରିପୂର୍ଣ୍ଣ ରହିଛି । ଅନେକ ନଦୀ ଓ ଐତିହାସିକ ସ୍ଥଳୀରେ ପୂର୍ଣ୍ଣ ଓଡ଼ିଶା 'ରିଭରଫ୍ରଂଟ ଡେଭଲପମେଂଟ ପ୍ରୋଜେକ୍ଟ' ବିକଶିତ କରିବାର ଅନନ୍ୟ ସୁଯୋଗ ପ୍ରଦାନ କରୁଛି । ସାବରମତୀ ରିଭରଫ୍ରଂଟ ଏବଂ କାଶୀ ରିଭରଫ୍ରଂଟରେ ଏହିଭଳି କାମ କରାଯାଇଛି । ଏହା ଦ୍ୱାରା ଉକ୍ତ ସ୍ଥାନଟି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାରେ ବେଶ୍ ସହାୟକ ହେବା ସହ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ଗତି ଦେଇଛି । ବାରାଣାସୀରେ 'ନମୋ ରିଭରଫ୍ରଂଟ ପ୍ରକଳ୍ପ' ମଧ୍ୟ ଗଙ୍ଗା ନଦୀ କୂଳରେ ଥିବା 'ଖିଡକିଆଘାଟ'କୁ ସାଂସ୍କୃତିକ କାର୍ଯ୍ୟପନ୍ଥାକୁ ଜୀବନ୍ତ କରିଛି ।

▶▶ପୃଷ୍ଠା ୭

# କାମକରୁନି ଫିରିଙ୍ଗିଆ ସହରରେ ଲାଗିଥିବା ସିସି ଟିଭି : ବଢିଚାଲିଛି ଅପରାଧିକ କାର୍ଯ୍ୟକଳାପ

କନ୍ଧମାଳ , ୧୫/୦୭ (ନି.ପ୍ର): ଅପରାଧ କୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ସହରରେ ସିସି ଟିଭି ର ବ୍ୟବସ୍ଥା କରିଛନ୍ତି ଓ ଅନୁରୂପ ଭାବରେ କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ ଫିରିଙ୍ଗିଆ ସହରର ମୁଖ୍ୟ ବଜାର ରେ ମଧ୍ୟ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ପ୍ରାୟ ପନ୍ଦର ରୁ କୋଡିଏ ଟି ସିସି ଟିଭି ଲଗାଯାଇଛି ଓ ପ୍ରାୟ ତିନି ବର୍ଷ ତଳେ ତତ୍କାଳୀନ ଥାନା ଅଧିକାରୀ ପି ଶ୍ୟାମାସୁନ୍ଦର ରାଓ ଙ୍କ ପ୍ରଚେଷ୍ଟା ରେ ପଂଚାୟତ ତରଫରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ସବୁ ସିସି ଟିଭି ପଂଚାୟତ ତରଫରୁ ଲଗାଯାଇଥିବା ସୂଚନା ମିଳିଥିବା ବେଳେ ଥାନା ପରିସରରେ ଏହାର କଣ୍ଟ୍ରୋଲ ରୁମ ମଧ୍ୟ କରାଯାଇଥିଲା ଓ ତେବେ ଗତ ଏଗାର ମସ ତଳେ ଏହି ଫିରିଙ୍ଗିଆ ଥାନା ପୋଡି ଘଟଣାରେ ଥାନା ପରିସରରେ ଥିବା କଣ୍ଟ୍ରୋଲ ରୁମ ଜାଳିପୋଡି ସମ୍ପୂର୍ଣ ନଷ୍ଟ ହୋଇଯାଇଥିଲା ଓ ବର୍ତମାନ କେବଳ ସହରରେ ଥିବା ବିଦ୍ୟୁତ ଖୁଣ୍ଟ ଗୁଡିକରେ ସିସିଟିଭି କ୍ୟାମରା ଗୁଡିକ ଝୁଲୁଥିବା ଦେଖିବାକୁ ମିଳିଥିବା ବେଳେ କଣ୍ଟ୍ରୋଲ ରୁପ ପୋଡି ଯାଇଥିବାରୁ ସିସି ଟିଭି ଗୁଡିକ ବନ୍ଦ ହୋଇପଡ଼ିରହିଛି ଓ ସିସି ଟିଭି ଚାଲୁଥିବା ସମୟରେ ଏହି ଫିରିଙ୍ଗିଆ ସହରରେ କିଛିମାତ୍ରା ରେ ଅପରାଧ ନିୟନ୍ତ୍ରଣ ହୋଇପାରିଥିଲା ଓ କିନ୍ତୁ ଦୀର୍ଘ ଏଗାର ମସ ହେଲା ସିସି ଟିଭି ଅଚଳ ହୋଇ ରହିଥିବା ବେଳେ ସହରରେ ଅପରାଧୀ ମାନେ ବିଭିନ୍ନ ପ୍ରକାର ଅପରାଧିକ କରାଯ୍ୟକଳାପ ଚଳାଇ ଆସୁଥିବା ବେଳେ ଚୋରି, ରାହାଜାନି, ଡକାୟତି ଭଳି କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି ଓ ସେପଟେ ଶିଶିଟିଭି ଲାଗିବା ପରେ ସହରର ଜନସାଧାରଣ ମଧ୍ୟ ନିଜକୁ ସୁରକ୍ଷୀତ ମନେ କରୁଥିଲେ ସେପଟେ ଏହି ସିସିଟିଭି ଚାଲୁଥିବା ସମୟରେ ପୋଲିସ ବଡବଡ଼ ଅପରାଧ ଓ ଅପରାଧୀ ମାନଙ୍କୁ ମଧ୍ୟ ଧରିବାରେ ସକ୍ଷମ ହେଉଥିଲା ଓ କିନ୍ତୁ ବର୍ତମାନ ଏହି ସସିଟିଭି ବନ୍ଦ ହୋଇଯିବା ଦ୍ୱାରା ଅଂଚଳ ବାସି ମନେ ମଧ୍ୟ ନିଜକୁ ସୁରକ୍ଷିତ ମନେ କରୁନଥିବା ବେଳେ ଅପରାଧ ନିୟନ୍ତ୍ରଣ କରିବା ପାଇଁ ପୋଲିସ କୁ ମଧ୍ୟ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଓ ତେବେ ଅପରାଧ ନିୟନ୍ତ୍ରଣ କରିବାରେ ସିସି ଟିଭି ଏକ ପ୍ରମୁଖ ମାଧ୍ୟମ ସହିଥିବା ବେଳେ ସହରରେ ଲାଗିଥିବା ସିସି ଟିଭି ଗୁଡିକୁ ସଜଡ଼ା ଯାଇ କଣ୍ଟ୍ରୋଲ ରୁମ ପୁନଃ ସ୍ଥାପନ କରିବା ପାଇଁ ସାଧାରଣରେ ଦାବି ଜୋର ଧରିଛି ।

# ଅଣଓଡିଆ ଘରୋଇ ଠିକା ସଂସ୍ଥାର ମନମାନୀ : ୧୬ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟର ରକ୍ଷଣାବେକ୍ଷଣ ଶୂନ

ଭଦ୍ରକ, ୧୫/୦୭ (ନି.ପ୍ର): ସଂପ୍ରତି ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ୧୬ନଂ ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟ ସଂପନ୍ନ କରିଛି। ପ୍ରାୟ ଦୁଇବର୍ଷ ହେବ ଚଣ୍ଡିଖୋଲ ଠାରୁ ଭଦ୍ରକ ଯାଏ କାର୍ଯ୍ୟ ସରିଥିବାବେଳେ ଆଗାମୀ ୧୫ ବର୍ଷ ଯାଏ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ରାସ୍ତା ନିର୍ମାଣକାରୀ ଅଣଓଡିଆ ଘରୋଇ ସଂସ୍ଥା ହାତରେ ରହିଛି। ପରିତାପର ବିଷୟ ରକ୍ଷଣାବେକ୍ଷଣା ଦାୟିତ୍ୱ ନେଇଥିବା ସଂସ୍ଥା ଉପଯୁକ୍ତ ଗମନାଗମନ ସକାଶେ ରାସ୍ତା ଉପରେ ନଜର ଦେଉନାହିଁ। କେଉଁଠି ରାସ୍ତାର ଓଭରବ୍ରିଜ୍ ସ୍ଥାନ ଗୁଡିକରେ ନାଳ ସୃଷ୍ଟି ହେଲାଣି ତ ପୁଣି କେଉଁଠି ରାସ୍ତାର ବିସ୍ତୀର୍ଣ୍ଣ ଅଂଚଳ ବାଲିଗୋଡିରେ ଭର୍ତ୍ତି ହୋଇଗଲାଣି। ଏଥିପାଇଁ ଯାତାୟତରେ ଘୋର ବାଧା ସୃଷ୍ଟି ହେଉଥିବାବେଳେ ଅନେକ ସମୟରେ ମଧ ଦୁର୍ଘଟଣା ମାନ ଘଟୁଛି। ସୂଚନା ଅନୁଯାୟୀ ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ରାସ୍ତାର ସୀମା ଆଖୁଆପଦା ଠାରୁ ବିଷ୍ଣୁପୁର ଯାଏ ରହିଥିବାବେଳେ ଏହାର ରକ୍ଷଣାବେକ୍ଷଣ ପ୍ରତି ସଂସ୍ଥା ଗୁରୁତ୍ୱ ଦେଉନାହିଁ। ରାସ୍ତାର ଯଶୋଟିକିରି ଠାରୁ ପୁରୀପଡା ଯାଏ ବାଲି ଭର୍ତ୍ତି ହୋଇଯାଇଛି। ୩ ଲାଇନ୍‌ରୁ ଗୋଟିଏ ପାର୍ଶ୍ୱରେ ପ୍ରାୟ ଅଧ ଇଂରୁ ଏକ ଇ ଯାଏ ବାଲିଧୂଳି ଜମିରହିଛି। ଫଳରେ ଯାତାୟତରେ ଏହା ଘୋର ସମସ୍ୟା ସୃଷ୍ଟି କରୁଥିବାବେଳେ ବିଶେଷକରି ମୋଟର ସାଇକେଲ୍ ଆରୋହୀମାନେ ଅନେକ ସମୟରେ ଦୁର୍ଘଟଣାରେ ଶୀକାର ହେଉଛନ୍ତି। ସେହିଭଳି ତହସିଲ ଛକ, କହରାପୋଖରୀ, ଧାମନଗର ଛକ ପ୍ରମୁଖ ସ୍ଥାନ ଗୁଡିକରେ ମଧ ରାସ୍ତା ସଫା ହେଉନାହିଁ। ଛତାବର ଟୋଲ ଗେଟ୍ ନିକଟରେ ଅସ୍ଥାୟୀ କାର୍ଯ୍ୟାଳୟ ରହିଥିଲେ ସୁଦ୍ଧା ରାସ୍ତା ପରିଷ୍କାର ପରିଛନ୍ନ ପାଇଁ କର୍ମଚାରୀମାନେ ଦୃଷ୍ଟି ଦେଉନାହାଁନ୍ତି। ଏପରିକି ଦୈନିକ ନିର୍ମାଣକାରୀ ସଂସ୍ଥାର ଅଧିକାରୀମାନେ ଯାତାୟତ କରୁଥିଲେ ସୁଦ୍ଧା ବାଇପାସ ରାସ୍ତାର ପାଣି ନିଷ୍କାସନ ଭଗ୍ନନାଳର ମରାମତି ହେଉ କିମ୍ବା ଦବିଯାଇଥିବା ରାସ୍ତାର ମରାମତି ହେଉ କୌଣସି କାର୍ଯ୍ୟକୁ ତତ୍‌କାଳ କରୁନାହାଁନ୍ତି। ତେଣୁ ଏହା ଉପରେ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମୁମ୍ବାଇରେ ପ୍ରବଳ ବର୍ଷା କାରଣରୁ ଅନେକ ଅଂଚଳ ଜଳମଗ୍ନ, ପଶ୍ଚିମ ରେଲୱେ ଯାତାୟତ ବାଧାପ୍ରାପ୍ତ

ମୁମ୍ବାଇ,୧୫/୦୭ (ନି.ପ୍ର): ମୁମ୍ବାଇରେ ମୂଷଳଧାରରେ ବର୍ଷା ଲାଗିରହିଛି । ଫଳରେ ସହର ଓ ଏହାର ଆଖପାଖ ଅଂଚଳ ଜଳମଗ୍ନ ହୋଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ବି ସହର ଓ ଏହାର ଆଖପାଖ ଅଂଚଳରେ ଜୋରଦାର ବର୍ଷା ଆଲର୍ଟ ରହିଛି । ବର୍ଷା କାରଣରୁ ପର୍ଶ୍ଚିମ ରେଲୱେର ସେବା ବାଧାପ୍ରାପ୍ତ ହୋଇଛି । ମୁମ୍ବାଇ ନଗର ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ ନାଗରିକଙ୍କୁ ସତର୍କ ରହିବାକୁ ଓ ଜରୁରୀ ନଥିଲେ ଘରୁ ନାବାହାରିବାକୁ ପରାମର୍ଶ ଦେଇଛି । ମୁମ୍ବାଇ ଉପନଗରରେ ସକାଳ ୫ଟା ବେଳେ ୧୩୧.୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ମୁମ୍ବାଇ ସହରରେ ୭୭.୪ ମିମି ବର୍ଷା ରେକର୍ଡ ହୋଇଛି ।

## ନେପାଳ ବସ ଦୁର୍ଘଟଣା- ତିନି ଦିନରେ କେବଳ ୫ଟି ମୃତଦେହ ଜବତ

କାଠମାଣ୍ଡୁ,୧୫/୦୭ (ନି.ପ୍ର): ଶୁକ୍ରବାର ଭୋରରେ ନଦୀକୁ ଖସିପଡି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦୁଇଟି ବସରେ ଥିବା ୬୫ ଯାତ୍ରୀଙ୍କ ତଲାସୀରେ ଚାଲିଥିବା ଅଭିଯାନରେ ଏବେ ସୁଦ୍ଧା କେବଳ ୫ଟି ମୃତଦେହ ଜବତ ହୋଇଛି । ୧୫୦ କିଲୋମିଟର ପରିସର ଯାଏ ତଲାସୀ ଅଭିଯାନ ପରେ ବି ରବିବାର ସକାଳ ସୁଦ୍ଧା ସେତେଟା ସଫଳତା ମିଳିନି । ଏପରିକି ଦୁର୍ଘଟଣାର ଶିକାର ହୋଇଥିବା ଦୁଇଟି ବସର ଏବେ ସୁଦ୍ଧା କୌଣସି ପତ୍ତା ମିଳିନି । ଶନିବାର ତିନୋଟି ମୃତଦେହ ଜବତ ହୋଇଥିବା ବେଳେ ରବିବାର ସକାଳେ ଦୁଇଟି ମୃତଦେହ ଉଦ୍ଧାର ହୋଇଛି । ପୂର୍ବ ନଭଲପରାସୀ ଜିଲ୍ଲାର ଗୋଲାଘାଟ ନିକଟରୁ ଏହି ମୃତଦେହ ଜବତ ହୋଇଛି ।

# ନୀଳଗିରିରେ ଗଞ୍ଜେଇ ଜବତ : ଜଣେ ଗିରଫ

ନୀଳଗିରି୧୫/୦୭ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ଓ ବାଲେଶ୍ୱର ମୋବାଇଲ ସ୍କ୍ୱାର୍ଡ ଦ୍ୱାରା ମିଳିତ ଚଢାଉ କରାଯାଇ ନୀଳଗିରି ଥାନା ଅଧୀନ ୨ ନମ୍ବର ୱାର୍ଡ ଘାଟଘର ସାହିର ସୁରେନ୍ଦ୍ର ପ୍ରଧାନ( ୫୨)ଙ୍କ ବାସଭବନରୁ ୧୨ କିଲୋ ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ୧୩ ତାରିଖ ବିଳମ୍ବିତ ରାତିରେ ମିଳିତ ଚଢାଉ କରାଯାଇଥିବା ବେଳେ ସୁରେନ୍ଦ୍ରଙ୍କ ସହ ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୫ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ୧୦୮/୨୪ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସୁରେନ୍ଦ୍ରକୁ କୋର୍ଟ ଚାଲଣ କରାଯାଇଛି ।ଏହି ଚଢାଉରେ ମୋବାଇଲ ଇନ୍ସପେକ୍ଟର ସଞ୍ଜିତ ବାର୍ଲା, ନୀଳଗିରି ଅବକାରୀ



ବିଭାଗ ଓଆଇସି ଜଗନ୍ନାଥ ବେହେରା, ଏ.ଏସ୍.ଆଇ. ଜୟମାଧବ ଦାସପଟ୍ଟନାୟକ, କନେଷ୍ଟବଳ ଦେବାଶିଷ ମଲ୍ଲିକ, ନାହାନ ମୁର୍ମୁ ପ୍ରମୁଖ ସାମିଲ ଥିଲେ ।

# ବାୟୁସେନାର ଏୟାର ସୋରେ ଆକାଶରେ କୌଶଳ ଦେଖାଇଲେ ସୁଖୋଇ ଓ ରାଫେଲ ଯୋଡି

ନୂଆଦିଲ୍ଲୀ, ୧୫/୦୭ (ନି.ପ୍ର): ଭାରତୀୟ ବାୟୁସେନା କାରଗିଲ ଯୁଦ୍ଧରେ ବିଜୟର ୨୫ ବର୍ଷ ପୂର୍ତ୍ତି ହେବା ଅବସରରେ ସହାରନପୁରର ସରସାଭା ଷ୍ଟେସନରେ 'କାରଗିଲ ବିଜୟ ଦିବସ ରଜନ ଜୟନ୍ତୀ' ସମାରୋହ ଆରମ୍ଭ କରିଛି, ଯାହାକି ଜୁଲାଇ ୨୬ ଯାଏ ଚାଲିବ। ସରସାଭା ଏୟାରଫୋର୍ସ ଷ୍ଟେସନରେ ବାୟୁସୈନିକ ଏକ ଚପରରୁ ରଶି ସାହାରାରେ ଝିଲି କରି ପବନରେ ଉଡିଥିଲେ, ଯାହାକୁ ଦେଖିବା ପରେ ଦର୍ଶକଙ୍କ ଜୋଶ ହାଇ ହୋଇଯାଇଥିଲା । ଏୟାର ସୋରେ ଫାଇଟର ଜେଟ ସୁଖୋଇ, ରାଫେଲ, ଜଗୁଆର, ଏମଆଇ-୧୭ଭି ୫ ହେଲିକପ୍ଟର, ଏଏନ-୩୨ ଓ ଡୋର୍ନିୟର ବିମାନ ବିଭିନ୍ନ କୌଶଳ ଦେଖାଇଥିଲା । ଗୋଟିଏ ପଟେ ବାୟୁସେନାର ହେଲିକପ୍ଟର ଉଡାଣ ଭରିଥିବା ବେଳେ ଅନ୍ୟପଟେ ଫାଇଟର ଜେଟ ଆକାଶକୁ ଚିରି ଉପରକୁ ଉଡିଥିଲା । ଭାରତୀୟ ବାୟୁସେନା ନିକଟରେ ନିଜ ବୀର ବାୟୁ ଯୋଦ୍ଧାଙ୍କ ସାହସ ଓ ବଳିଦାନର ଏକ ଗୌରବଶାଳୀ ଐତିହ୍ୟ ରହିଛି, ଯେଉଁମାନେ ୧୯୯୯ ମସିହାରେ କାରଗିଲ ଯୁଦ୍ଧରେ ଅଦମ୍ୟ ସାହସରେ ଯୁଦ୍ଧ ଲଢିଥିଲେ ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ଭଦ୍ରକ, ୧୫/୦୭ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ଥାନା ନେରଡା ନିକଟ ଶାଳଣିଆ କେନାଲବନ୍ଧ ଉପରେ ଗତକାଲି ବୈଦ୍ୟୁତକ ଗଣମାଧ୍ୟମରେ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ପୁଲିସ୍ ଅଭିଯୁକ୍ତ ନେରଡା ଗ୍ରାମର ଜିତୁ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ ଜିତୁ ଜେନା ନାମକ ଯୁବକ ଶାଳଣିଆ ଶାକା କେନାଲବନ୍ଧ ରାସ୍ତା କାମ ସଂପର୍କରେ ଖବର ପ୍ରସାରଣ ପାଇଁ ଅର୍ଗସ ଟିଭି ସାମ୍ବାଦିକ ବିଶ୍ୱଜିତ ପଲାଇଙ୍କୁ ଡାକିଥିଲେ। ପ୍ରାୟ ଏକ ସପ୍ତାହ ହେବ ଖବର ପାଇଁ ଯୁବକ ଜଣକ ଫୋନ୍ ଯୋଗେ ସାମ୍ବାଦିକଙ୍କୁ ଡାକିଥିଲେ। ତଦନୁଯାୟୀ ସାମ୍ବାଦିକ ଜଣଙ୍କ ତାଙ୍କ ସହଯୋଗୀ କ୍ୟାମେରାମେନ୍‌ଙ୍କୁ ଧରି ଗତକାଲି ଦିନ ପ୍ରାୟ ୧୨ଟା ସମୟରେ ଉକ୍ତ ସ୍ଥାନରେ ପହ଼ି ନିମାଣ କାର୍ଯ୍ୟର ଭିଡିଓ ଉତ ।ଳନ କରିବା ସହ ତଥ୍ୟ ସଂଗ୍ରହ କରିଥିଲେ। ଏହାପରେ ବାଇଟ୍ ନେବାପାଇଁ ସାମ୍ବାଦିକ ଶ୍ରୀ ପଲାଇ ଯୁବକ ଜଣକୁ କହିଥିବାବେଳେ ସେ କ୍ୟାମେରା ସାମ୍ନାକୁ ଆସି କିଛି କହିବେ ନାହିଁ ବୋଲି କହିଥିଲେ। କେବଳ ଭିଡିଓ ରେକର୍ଡିଂ ହୋଇଥିବା ତଥ୍ୟ ଅନୁସାରେ ଜବରଦସ୍ତ ଖବର ପ୍ରସାରଣ ପାଇଁ ସାମ୍ବାଦିକଙ୍କୁ ଯୁବକ ଜଣକ କହିଥିଲେ। ଏହାଛଡା ଅନେକ ଯୁକ୍ତିତର୍କ କରିବା ସହ ଯୁବକ ଜଣକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବାଡି ଓ ଲୁହାରଡ଼୍‌ରେ ସାମ୍ବାଦିକ ଜଣଙ୍କୁ ଆକ୍ରମଣ କରିଥିଲେ। ସହଯୋଗୀ କ୍ୟାମେରାମେନ୍ ମଧ ଆକ୍ରମଣରୁ ର୍ବ ନଥିଲେ। କୌଶଳ କ୍ରମେ ଦୁହେଁ ସେଠାରୁ ଖସି ଆସିଥିଲେ। ସାମ୍ବାଦିକ ବିଶ୍ୱଜିତ୍ ପ୍ରାଥମିକ ଚିକିତ୍ସା ହେବା ପରେ ଏନେଇ ଥାନାରେ ଲିଖିତ ଭାବେ ଜଣାଇଥିଲେ। ପୁଲିସ୍ ଅଭିଯୋଗକୁ ଭିଁ କରି ୩୦୯/୨୪ ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆଗରପଡା ମହାବିଦ୍ୟାଳୟରେ ବନ ମହୋତ୍ସବ

ଭଦ୍ରକ, ୧୫/୦୭ (ନି.ପ୍ର): -ଏହି ଜିଲାର ଆଗରପଡା ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଚାରାରୋପଣ କଲେଜ ପରିସରରେ ଆଜି ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ନାରାଚନ୍ଦ୍ର ପାତ୍ର ପ୍ରଥମେ ବୃକ୍ଷରୋପଣ କରି ଏହାର ଶୁଭାରମ୍ଭ କରିଥିଲେ। ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ର ସ୍ୱେଚ୍ଛାସେବୀମାନେ ବୃକ୍ଷରୋପଣ କରିଥିଲେ। ଏନଏସଏସ ପୋଗ୍ରାମ ଅଫିସର ପ୍ରକାଶ କୁମାର ରାଉତ, ଏନସିସି ଅଫିସର ଜଗନ୍ନାଥ ଦାସ, ରସାୟନ ବିଭାଗର ଅଧାପକ ପ୍ରଶାନ୍ତ କୁମାର ନାୟକ, ମୁଖ୍ୟ ସହାୟକ ଅଶୋକ କୁମାର ଦାସ ଓ କର୍ମଚାରୀ ନିର୍ମଳ କୁମାର ମଣ୍ଡଳ, ନରୋ ମ ଧଡା ଉପସ୍ଥିତ ସହିତ ବୃକ୍ଷରୋପଣ କରିଥିଲେ। ମୋଟ ୨୫ ରୁ ଉର୍ଦ୍ଧ୍ୱ ଚାରା ବୃକ୍ଷରୋପଣ ସହିତ ଛାତ୍ରଛାତ୍ରୀମାନଙ୍କ ମଧରେ ୨୫ଟି ଚାରା ବ ନ କରାଯାଇଥିଲା।

## ରାଜଭବନ ପରିସରରେ ଧ୍ୟାନ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର୧୫/୦୭ (ନି.ପ୍ର): - ରବିବାର ଦିନ ଏକ ଆଧାତ୍ମିକ ପରିବେଶରେ ରାଜଭବନ ପରିସରରେ ସ୍ଥାପିତ ଧ୍ୟାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟପାଳ ରଘୁବର ଦାସଙ୍କ ପୌରହିତରେ ଯଥାରିତି ପୂଜାକାର୍ଯ୍ୟ ସଂପନ୍ନ ହୋଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ରାଜଭବନର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବିଏସକେୱାଇରୁ ବାଦ୍ ପଡିଲା ତ୍ରିଶା ହସ୍ପିଟାଲ

ଭୁବନେଶ୍ୱର, ୧୫/୦୭ (ନି.ପ୍ର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ତାଲିକାରୁ ତ୍ରିଶା ହସ୍ପିଟାଲ ବାଦ୍ ପଡ଼ିଛି। ଯାଂଚ ପ୍ରକ୍ରିୟା ଜାରି ଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଗତକାଲି କଟକ ସ୍ଥିତ 'ତ୍ରିଶା' ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ପରେ ଏକାଧିକ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧରୁ କଟକ ଶିଶୁଭବନରେ ୧୦ ଜଣ, ଏସସିବି ଏନଆଇସିୟୁରେ ୩ ଜଣ, ଆଇସିୟୁରେ ୪ ଜଣ ଓ ୱାର୍ଡରେ ୧୦ ଜଣ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ରବିବାର ଜଣେ ୧୧ ଦିନର ଶିଶୁର ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଅଗ୍ନିକାଣ୍ଡ ଘଟଣାର ତଦନ୍ତ କରାଯାଉଛି।

## ରତ୍ନଭଣ୍ଡାର ଭିତରେ ନାହିଁ ସାପ ଭୟ

ଭୁବନେଶ୍ୱର,୧୫/୦୭ (ନି.ପ୍ର): ଭିତର ରତ୍ନଭଣ୍ଡାରରେ ବିରାଟ ବିରାଟ ଗାତ ରହିଛି। ମୂଷାମାନେ ଏଭଳି ବଡ଼ ବଡ଼ ଗାତ କରିଛନ୍ତି। ମୂଷାମାନଙ୍କ ଦ୍ୱାରା ସୁଡ଼ଙ୍ଗ ଭଳି ବଡ଼ ବଡ଼ ଗାତ ହୋଇଛି। ରତ୍ନଭଣ୍ଡାର ଭିତରେ କୌଣସି ସାପ ଭୟ ନଥିଲା। ତେଣୁ ଶ୍ରୀମନ୍ଦିର ଭିତରୁ ସ୍ନେକ ହେଲ୍ ପଲାଇନ ସଦସ୍ୟ ବାହାରି ଆସିଥିଲେ ବୋଲି ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ସେ କହିଛନ୍ତି, ଆମକୁ ଷ୍ଟାଣ୍ଡବାଇ ରଖାଯାଇଥିଲା, ଆମେ ଅପେକ୍ଷା କରିଥିଲୁ। ଆମେ ଭିତରକୁ ଯାଇନଥିଲୁ, ବାହାରେ ଅପେକ୍ଷା କରିଥିଲୁ ।

# ପୋଲିସ କବଜାରେ ୬ ଲୁଟେରା

ଚମ୍ପୁଆ, ୧୫/୦୭ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ କଂଚନପୁର ଠାରେ ଥିବା ଲାଗୁରୀ ପେଟ୍ରୋଲ ପମ୍ପ କର୍ମଚାରୀ ଙ୍କ ଠାରୁ ବନ୍ଧୁକ ମୁନ ରେ ଅଢେଇ ଲକ୍ଷ ଟଙ୍କା ଲୁଟ୍ ହେବା ଘଟଣାରେ ଆଜି ଚମ୍ପୁଆ ପୋଲିସ ୬ଜଣ ଲୁଟେରା ଙ୍କୁ ଗିରଫ କରି ଥିବା ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ କି ଗତ ୩ ତାରିଖ ରାତି ପ୍ରାୟ ଦୁଇଟା ତିରିଶ ମିନିଟ ସମୟରେ ଲାଗୁରୀ ପେଟ୍ରୋଲ ପମ୍ପ ରେ ଆଠ ଜଣ ଦୁର୍ବୃତ୍ତ ପହଂଚି ସେଠାରେ ଡ୍ୟୁଟି ରେ ଥିବା ତିନିଜଣ କର୍ମଚାରୀ ହରିଶ ତାସମୟ , ସୁରଜ ଲୁଗୁନ ଓ ରାଜେଶ ମୁଣ୍ଡା ଙ୍କୁ ବନ୍ଧୁକ ମୁନରେ ମୁଣ୍ଡ ଜାମିନ କରିବା ସହ ଗୋଟିଏ ଘରେ ଭର୍ତ୍ତି କରି ବାହାର ପଟୁ ତାଲା ପକାଇ ଦେଇଥିଲେ । ସେହି ସମୟରେ ପେଟ୍ରୋଲ ପମ୍ପ ର ସଟର ଅଧା ଖୋଲା ଥିବା ବେଳେ ସଟର ଟେକି କ୍ୟାସ କାଉଣ୍ଟର ରେ ଥିବା ଦୁଇ ଲକ୍ଷ ଚଉରାଳିଶି ହଜାର ନଅ ଶହ ଟଙ୍କା , ପେଟ୍ରୋଲ ପମ୍ପ ସିସିଟିଭି ର ହାର୍ଡ ଡିସ୍କ ସହିତ କର୍ମଚାରୀ ଙ୍କ ନିକଟରୁ ତିନୋଟି ମୋବାଇଲ କୁ ମଧ ଲୁଟ କରି ନେଇ ଯାଇଥିଲେ । ଡକାୟତି ଖବର ପାଇ ଚଂପୁଆ ପୋଲିସ ର ପେଟ୍ରୋଲିଂ ଗାଡି ପହଂଚିଥିଲା । ତେବେ ସେତେବେଳକୁ ଡକାୟତ ମାନେ ଘଟଣା ସ୍ଥଳ ରୁ ଫେରାର ହୋଇଯାଇଥିଲେ । ପେଟ୍ରୋଲ ପମ୍ପ ମାଲିକ ଯୁଗଳ ଚାତମ୍ବା ଏ ନେଇ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଚମ୍ପୁଆ ପୋଲିସ ଯୋଡ଼ା, ବଡ଼ବିଲ ଓ ଝାଡ଼ଖଣ୍ଡ ଅଂଚଳରେ ଚଢାଉ କରି ଯୋଡ଼ା କୁନ୍ଦୁରନାଲା ବସ୍ତିର ବାପି ପାତ୍ର,ରାଜୁ ମହାକୁଡ, ଝାଡ଼ଖଣ୍ଡ ଜଗନ୍ନାଥପୁର ରୁ ରଞ୍ଜନ ଗୋପ, ରୁଗୁଡି ଥାନା ଅଂଚଳର ନନ୍ଦଲାଲ ପାତ୍ର ଓ ଚମ୍ପୁଆ ଥାନା କୋଦଗାଡିଆ ଗ୍ରାମ ର ସୁମିତ ଲୋହାର କୁ ଗିରଫ କରିଥିବା ବେଳେ ତାଙ୍କ ନିକଟରୁ ନଗଦ ୫୦ହଜାର ଟଙ୍କା ୭ଟି ମୋବାଇଲ, ୩ଟି ବାଇକ୍ ଓ ଗୋଟିଏ ବସ୍ ଜବତ କରିଥିବା ଚମ୍ପୁଆ ଏସଡିପିଓ ବିଜୟ କୁମାର ମଲ୍ଲିକ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି।

# ସାଂସଦଙ୍କୁ ଭେଟି ସ୍ମାରକ ପତ୍ର ଦେଲା ନୀଳଗିରି ନିୟମିତ ଲେଭେଲ -୫ (ଏକ୍ସ କେଡର) ଶିକ୍ଷକ ସଂଘ



ନୀଳଗିରି ୧୫/୦୭ (ନି.ପ୍ର): ରବିବାର ନିଳଗିରି ବ୍ଲକ ନିୟମିତ ଲେଭେଲ-୫(ଏକ୍ସ-କ୍ୟାଡର) ଶିକ୍ଷକ ମହାସଂଘର କର୍ମକର୍ତ୍ତା ଏବଂ ଶିକ୍ଷକ ମାନଙ୍କର ଏକ ପ୍ରତିନିଧିଦଳ ସଂଘ ସଭାପତି ଅକ୍ଷୟ କୁମାର ଦାସ ଏବଂ ସମ୍ପାଦକ ରତିକାନ୍ତ ବେହେରାଙ୍କ ନେତୃତ୍ୱରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ତାଙ୍କ ଗୋପିନାଥପୁର ବାସଭବନରେ ସୌଜନ୍ୟ ମୂଳକ ସାକ୍ଷାତ ପୂର୍ବକ ପୁଷ୍ପଗୁଚ୍ଛ ଦେବା ସହ ଚାରିଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।ପ୍ରକାଶ ଥାଉକି ଶ୍ରୀଯୁକ୍ତ ଷଡଙ୍ଗୀ ନିଳଗିରି ବିଧାୟକ ଥିବା ସମୟରେ ଉକ୍ତ ଶିକ୍ଷକଙ୍କ ସହ ଓତଃପ୍ରୋତ ଭାବେ ଜଡିତରହି ଏମାନଙ୍କୁ ଇ.ଜି.ଏସ୍ ରୁ ଗଣଶିକ୍ଷକ ନିଯୁକ୍ତି ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।ପରବର୍ତ୍ତୀ ସମୟରେ ଏମାନେ ନିୟମିତ ହେଲେସତ, କିନ୍ତୁ ସରକାର ଏମାନଙ୍କ ଠାରେ ଏକ୍ସ-କ୍ୟାଡର ଏବଂ ଓଟିଇଟି ନାମକ ପାବନ୍ଧି ଲଗାଇ ବହୁ ସୁବିଧା ସୁଯୋଗରୁ ବଞ୍ଚିତ ରଖିଛନ୍ତି ।ଏହି ସମସ୍ୟାର ସମାଧାନ ପାଇଁ ମଧ ଶିକ୍ଷକମାନେ ଶ୍ରୀଯୁକ୍ତ ଷଡଙ୍ଗୀଙ୍କୁ ଭେଟିଥିଲେ। ବର୍ତ୍ତମାନ ଶ୍ରୀଯୁକ୍ତ ଷଡ଼ଙ୍ଗୀ ବାଲେଶ୍ୱର ସାଂସଦ ଭାବେ ନିର୍ବାଚିତ ହୋଇଥିବାରୁ ଶିକ୍ଷକମାନଙ୍କ ମନରେ ଆଶାର ସଂଚାର ହୋଇଛି। ପ୍ରମୁଖ ୪ଟି ଦାବୀ ମଧରେ ଏକ୍ସ କେଡର ଉଚ୍ଛେଦ କରି ନିୟମିତ ଲେଭେଲ୍ - ୫ଏଲିମେଣ୍ଟାରି କେଡ଼ର ଶିକ୍ଷକ ମାନଙ୍କୁ ପଦନ୍ନୋତି ଭିତ୍ତିକ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା, ଟ୍ରେଜେରୀ ମାଧମରେ ଦରମା ପ୍ରଦାନ, ଓଟିଇଟି ଉଚ୍ଛେଦ କରି ୨୦୨୦ମସିହା ମାର୍ଚ୍ଚ ୧ତାରିଖ ଠାରୁ ବର୍ଦ୍ଧିତ ଦରମା ପ୍ରଦାନ, ଏନପି ଏସ ଉଚ୍ଛେଦ କରି ପୁରାତନ ପେନସନ ପ୍ରଦାନ କରିବା ଦାବୀ ସମ୍ବଳିତ ପତ୍ର ପ୍ରଦାନ କରିଥିଲେ ।ଶ୍ରୀଯୁକ୍ତ ଷଡଙ୍ଗୀ ମଧ୍ୟ ଉକ୍ତସମସ୍ୟା ଗୁଡିକର ସମାଧାନ ପାଇଁ ନର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।ସାକ୍ଷତ ସମୟରେ ସଭାପତି, ସମ୍ପାଦକଙ୍କ ସହ ଶିକ୍ଷୟିତ୍ରୀ ବାସନ୍ତୀ ନାୟକ,ମମତା ପଣ୍ଡା, ସୁବାସିନୀ ବିଶ୍ୱାଳ,ସୁଜାତା ଦାସ, ସଜନୀ ବାରିକ୍ ସମେତ ଅନେକ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

### କୃଷ୍ଣା ମହାନ୍ତି ପାଇଲେ ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର

# ଦେଶ ବିପଦରେ ପଡିଥିବା ବେଳେ ଗାନ୍ଧୀ ପୁରସ୍କାର ମୋ ପାଇଁ ଏକ ଆହ୍ୱାନ : କୃଷ୍ଣା ମହାନ୍ତି

ଭୁବନେଶ୍ୱର, ୧୫/୦୭ (ନି.ପ୍ର): ରାଷ୍ଟ୍ରୀୟ ସ୍ତରରେ ଗାନ୍ଧୀ ଓ ସର୍ବୋଦୟ ବିଚାରର ସର୍ବୋଚ୍ଚ ସଂଗଠନ ସର୍ବ ସେବା ସଂଘ (ଅଖିଳ ଭାରତ ସର୍ବୋଦୟ ମଣ୍ଡଳ) ପକ୍ଷରୁ ୨୦୨୩ ଆର୍ଥିକ ବର୍ଷ ନିମନ୍ତେ ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର ଓଡିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ତଥା ବିପ୍ଳବିଣୀ ମାଳତୀ ଚୌଧୁରୀଙ୍କ ସୁକନ୍ୟା ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତିଙ୍କୁ ଅନୁଗୁଳସ୍ଥ ବାଜି ରାଉତ ଛାତ୍ରାବାସ ପରିସରରେ ପ୍ରଦାନ କରାଯାଇଛି । ଏହି ପୁରସ୍କାରରେ ଏକ ଲକ୍ଷ ଟଙ୍କାର ସମ୍ମାନ ରାଶି, ମାନପତ୍ର ତଥା ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ସହ ସେବାଗ୍ରାମ ଆଶ୍ରମରେ ପ୍ରାତଃଭ୍ରମଣରେ ଏକଦା ଯାଇଥିବା ବାଳିକା କୃଷ୍ଣାଙ୍କର ଏକ ତୈଳଚିତ୍ର ପ୍ରଦାନ କରାଯାଇଥିଲା । ସମ୍ମାନ ସମାରୋହରେ ଅଧକ୍ଷତା କରି ସର୍ବ ସେବା ସଂଘର ରାଷ୍ଟ୍ରୀୟ ଅଧକ୍ଷ ଚନ୍ଦନ ପାଲ କହିଲେ ଯେ, କୃଷ୍ଣା ଅପାଙ୍କୁ ଏହି ସମ୍ମାନ ପ୍ରଦାନ କରି ସମଗ୍ର ସର୍ବୋଦୟ ପରିବାର ସମ୍ମାନିତ ହୋଇଛି । ସର୍ବୋଦୟ ଆନ୍ଦୋଳନକୁ ଦେଶବ୍ୟାପୀ ବ୍ୟାପକ କରିବାରେ କୃଷ୍ଣା ଅପାଙ୍କ ପରିବାରର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ବଡବାପା ଗୋପବନ୍ଧୁ ଚୌଧୁରୀ ସର୍ବ ସେବା ସଂଘର ପ୍ରତିଷ୍ଠାତା ସମ୍ପାଦକ, ବାପା ନବକୃଷ୍ଣ ଚୌଧୁରୀ, ବଡଭାଇ ମନମୋହନ ଚୌଧୁରୀ, ଭିଣୋଇ ନାରାୟଣ ଦେଶାଇ ସଂଘର ସଭାପତି ଭାବରେ କାର୍ଯ୍ୟ କରିଥିଲେ । ବଡମା' ରମାଦେବୀ, ମାଆ ମାଳତୀ ଦେବୀ, ବଡ ଦୁଇ ଭଉଣୀ ଅନ୍ନପୂର୍ଣ୍ଣା ମହାରାଣା, ଉତରା ଦେଶାଇ, ବଡ ଭିଣୋଇ ଶରତ ଚନ୍ଦ୍ର ମହାରାଣା, ଭାଉଜ ସୁମିତ୍ରା ଦେବୀ ସମସ୍ତେ ସର୍ବୋଦୟ ଆନ୍ଦୋଳନରେ ଜୀବନଦାନ କରିଥିଲେ । କୃଷ୍ଣା ଅପା ନିଜେ ସାଢେତିନି ବର୍ଷ ବୟସରେ ଇଂରେଜ ସରକାରର ଜେଲରେ ରହିଥିଲେ । ଭୂଦାନ ଗ୍ରାମଦାନ ଆନ୍ଦୋଳନ ହେଉ କି ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ, ଗାନ୍ଧୀ ସର୍ବୋଦୟ ଆନ୍ଦୋଳନର ସିପାହୀ ଭାବରେ କୃଷ୍ଣା ଅପାଙ୍କର ଭୂମିକା ଉଲ୍ଲେଖଯୋଗ୍ୟ । ଦଳିତ ଉତଥାନ ହେଉ କି ସାମ୍ପ୍ରଦାୟିକ ସଦଭାବ, ବାଜି ରାଉତ ଛାତ୍ରାବାସ ହେଉ କି ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଜୀବନକୁ ବାଜି ଲଗାଇ କୃଷ୍ଣା ଅପା ସର୍ବୋଦୟ ସଂଗଠନଗୁଡିକୁ ସକ୍ରିୟ ରଖିଛନ୍ତି । ସମ୍ମାନର ଉତରରେ କୃଷ୍ଣା ମହାନ୍ତି କହିଲେ ଯେ, ଆଜି ଗଣତନ୍ତ୍ର ବିପଦରେ, ଦଳିତ, ମହିଳା ସମସ୍ତେ ଅତ୍ୟାଚାରର ଶୀକାର ହେଉଛନ୍ତି, ସରକାର ମଦ ପ୍ରସାର ନୀତି ଆପଣେଇଛନ୍ତି, ଆଉ ଏ ଦେଶ କର୍ପୋରେଟ ଓ ଭ୍ରଷ୍ଟ ନେତାଙ୍କ ଦଖଲରେ ଥିବାବେଳେ ଗାନ୍ଧୀ ପୁରସ୍କାର ମୋ ପାଇଁ ଏକ ଆହ୍ୱାନ। ଏହି ସଭାରେ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡିଶା କୃଷକ ସଂଗଠନର ଆବାହକ ଲିଙ୍ଗରାଜ, ନିୟମଗିରି ଆନ୍ଦୋଳନର ନେତା ଲିଙ୍ଗରାଜ ଆଜାଦ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ମହମ୍ମଦ ଶେଖ ହୁସେନ, ଅବିନାଶ କାକଡେ, ଅରବିନ୍ଦ ଅଞ୍ଜୁମ, ଗୌରାଙ୍ଗ ମହାପାତ୍ର, ଅରବିନ୍ଦ କୁଶୱାହା, ମିହିର ପ୍ରତାପ ଦାସ, ଦେବ ପ୍ରସାଦ ରାୟ ପ୍ରମୁଖ ଦେଶର ଗଣତାନ୍ତ୍ରିକ ପରିସ୍ଥିତି ଓ ମହାତ୍ମା ଗାନ୍ଧୀ ଶୀର୍ଷକ ଆଲୋଚନାରେ ଭାଗ ନେଇଥିଲେ । ସର୍ବ ସେବା ସଂଘ ଆନ୍ଦୋଳନ ସମିତିର ସଂଯୋଜକ ଡାକ୍ତର ବିଶ୍ୱଜିତ ସଭା ସଂଚାଳନ କରିଥିଲେ ।

# ଗ୍ରୀନ ସିଟି ନାମରେ ବି ପରିଚିତ ହେବ ଇନ୍ଦୋର: ଅମିତ ଶାହ

ଇନ୍ଦୋର, ୧୫/୦୭ (ନି.ପ୍ର): ଦିନିକିଆ ମଧ୍ୟପ୍ରଦେଶ ଗସ୍ତରେ ରବିବାର ଇନ୍ଦୋରରେ ପହଂଚିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏଠାରେ ବୃକ୍ଷରୋପଣ ଅଭିଯାନରେ ସାମିଲ ହୋଇ ମାଆଙ୍କ ନାମରେ ଗୋଟିଏ ଗଛ ଲଗାଇଛନ୍ତି । ଏହି ଅବସରରେ ସେ ରେବତୀ ରେଂଜରେ କାର୍ଯ୍ୟକ୍ରମକୁ ସଂବୋଧିତ କରି କହିଛନ୍ତି ଯେ, ଇନ୍ଦୋର ଏବେ ଗ୍ରୀନ ସିଟି ନାମରେ ବି ପରିଚିତ ହେବ । ସେ କହିଛନ୍ତି ଯେ, ଗଛ ଲଗାଇବା ସହଜ ।କିନ୍ତୁ ତାକୁ ପାଳି ବଡ କରିବା ଚ୍ୟାଲେଂଜପୂର୍ଣ୍ଣ ଅଟେ । ଅମିତ ଶାହ ସ୍ୱତନ୍ତ୍ର ବିମାନ ଯୋଗେ ଇନ୍ଦୋର ଏୟାରପୋର୍ଟରେ ପହଂଚିଥିଲେ । ଏଠାରେ ସେ ସର୍ବପ୍ରଥମେ ପିତୃପର୍ବତରେ ପଂହଚି ପିତରେଶ୍ୱର ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ସେ ରେବତୀ ରେଂଜ ସ୍ଥିତ ବିଏସଏଫ ଗ୍ରାଉଣ୍ଡରେ ପହଂଚି ସେଠାରେ ମାଆଙ୍କ ନାମରେ ଗଛ ଲଗାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡ.ମୋହନ ଯାଦବ ସେଠାରେ ଉପସ୍ଥିତ ଥିଲେ ।

# ସଂଶୋଧିତ ନିର୍ବାଚନୀ ପଟ୍ଟକଥା

ଗୋପାଳ ମହାପାତ୍ର



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନରେ ଗତ ଜୁନ ୨୭ ତାରିଖ ଦିନ ତାଙ୍କ ଅଭିଭାଷଣ ରଖିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣରୁ ମୁଖ୍ୟତଃ ୩ଟି କଥା ସ୍ୱଷ୍ଟ ଦେଖିବାକୁ ମିଳିଛି। ରାଷ୍ଟ୍ରପତି କେ.ଆର. ନାରାୟଣଙ୍କ ଭଳି ସ୍ୱତନ୍ତ୍ର ଚିଂାଧାରାର ଅଭିଭାଷଣ ଦେଇନଥିଲେ। ଏଣୁ ତାଙ୍କ ଅଭିଭାଷଣକୁ କେନ୍ଦ୍ର ସରକାରର ବ୍ଲୁପ୍ରିଣ୍ଟ ବୋଲି ମଧ୍ୟ କୁହାଯାଇପାରେ ଯେଉଁଥିରେ ସରକାରଙ୍କ ଉପଲବ୍ଧି ଏବଂ ଭବିଷ୍ୟତର ରୋଡ଼ମ୍ୟାପ ଥିଲା। ଏପରିକି ସରକାରଙ୍କୁ ଘଣ୍ଟ ଘୋଡାଇବାର ପ୍ରୟାସ ମଧ୍ୟ କରାଯାଇଥିଲା। ସାଧାରଣତଃ ରାଷ୍ଟ୍ରପତିଙ୍କୁ ସେଇଆ ହିଁ ପଢିବାକୁ ହୋଇଥାଏ ଯାହା ସରକାର ଲେଖିଥାଁ। ରାଷ୍ଟ୍ରପତି ଅଭିଭାଷଣ ମାଧ୍ୟମରେ ଏନ୍‌ଡିଏ ସରକାରର ଯେଉଁ ପ୍ରମୁଖ ୩ଟି କଥା ଉଠାଇଛନ୍ତି, ତାହା ହେଉଛି-୨୦୨୪ ଲୋକସଭା ନିର୍ବାଚନରେ ବିଜେପି ସଂଖ୍ୟା ଗରିଷ୍ଠ ହୋଇନଥିଲେ ମଧ୍ୟ ସରକାର ସାହାସିକ ତଥା ଠୋସ୍ ପଦକ୍ଷେପ ଉଠାଇବେ। ଜରୁରୀକାଳୀନ ପରିସ୍ଥିତି ପ୍ରସଙ୍ଗ ଉଠାଇ ସରକାର 'ସମ୍ବିଧାନ ବଞ୍ଚାଅ' କଥା କହୁଥିବା ବିରୋଧିଦଳକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି। ଯେଉଁ ସବୁ ପ୍ରସଙ୍ଗ ଯୋଗୁଁ ବିଜେପିର ଆସନ କମିଲା ସେସବୁ ପ୍ରସଙ୍ଗ ଯଥା ନିଯୁକ୍ତି, ଦରଦାମ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମତରେ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ପ୍ରଗତି ଓ ପ୍ରସାସନର ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇଛି। ଏଥିସହ ଚାଲେ ଗୁଡିକୁ ସୂଚୀତ କରାଯାଇଛି। ସେସବୁ ଉପରେ ବିଚାର କରାଯିବ ଫଳତଃ ଲୋକଙ୍କ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ଆସିପାରିବ। କିଂୁ ବିରୋଧିଙ୍କ ମତ ହେଉଛି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ନିଟ୍ ପେପର ଲିକ୍, ମଣିପୁର ହିଂସା, ରେଳ ଦୁର୍ଘଟଣା, ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀଙ୍କ ଆକ୍ରମଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏଡାଇ ଦିଆଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କରିଛଂି ଯେ ରାଷ୍ଟ୍ରପତିଙ୍କ ଭାଷଣ କେବଳ ମୋଦୀଙ୍କ ପିଠି ଥାପୁଡ଼େଇବାପାଇଁ ଉଦ୍ଧିଷ୍ଟ। ସେହିପରି ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବଙ୍କ ମତ ହେଉଛି 'ଭାରତ ବିଶ୍ୱର୫ମ ବୃହତ୍ ଅର୍ଥବ୍ୟବସ୍ଥା ହେବାକୁ ଯାଉଛି ବୋଲି ଯାହା କୁହାଯାଉଛି .............କ'ଣ ଆମ ଦେଶର କୃଷକ ମାନେ ସମୃଦ୍ଧ ହୋଇଗଲେଣି ? ଯଦି ଆମେ ୫ମ ବୃହତ୍ ଅର୍ଥବ୍ୟବସ୍ଥା ହେବାକୁ ଯାଉଛେ ତେବେ ଯୁବ ବର୍ଗଙ୍କୁ ନିଯୁକ୍ତି ମିଳୁନାହିଁ କାହିଁକି ? ଅଗ୍ନିବୀର ଭଳି ଯୋଜନା କରାଯାଇଛି କାହିଁକି ? ଦରଦାମ ବଢୁଛି କାହିଁକି ? ମାତ୍ର କିଛି ହାତଗଣିତ ବ୍ୟକ୍ତିଙ୍କ ବିକାଶ ରାଷ୍ଟ୍ରର ବିକାଶ ନୁହେଁ ବୋଲି ମଧ୍ୟ କହିଛଂି ଅଖିଳେଶ।

ଏକଥା ସ୍ୱାଭାବିକ୍ ଯେ ଶାସକ ଦଳ ରାଷ୍ଟ୍ରପତିଙ୍କ ଅଭିଭାଷଣ କୁ ପ୍ରଶଂସା କରିବେ ଓ ବିରୋଧି ଏହାର ଆଲୋଚନା କରିବେ। କିଂୁ ଏଇ ସମର୍ଥନ ଓ ବିରୋଧ ମଧ୍ୟରେ ଶାସକ ଓ ବିରୋଧିଙ୍କ ମଧ୍ୟରେ ଯେଉଁଭଳି ମାନସିକତା ଦେଖିବାକୁ ମିଳିଛି ସେଥିରୁ ସ୍ୱଷ୍ଟ ଯେ ସଂସଦର ଅଧିବେଶନରେ ଅଧିକ ହଟଗୋଳ ହେବ। ରାଷ୍ଟ୍ରପତିଙ୍କ ଅଭିଭାଷଣ କୁ ସମୀକ୍ଷା କରିବା ପୂର୍ବରୁ ସଂକ୍ଷେପରେ ଅଭିଭାଷଣର ମୁଖ୍ୟ ବିନ୍ଦୁକୁ ଦୋହରାଇବା ଉଚିତ୍। ରାଷ୍ଟ୍ରପତି କହିଥିଲେ ଯେ ପେପର ଲିକ୍ ଓ ପରୀକ୍ଷାରେ ଅନିୟମିତତା ଉପରେ ଉଚ୍ଚସ୍ତରୀୟ ତଦ' ଜାରି ରହିଛି ଏଣୁ ପକ୍ଷପାତି ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠିବା ଉଚିତ୍। ସରକାରୀ ନିଯୁକ୍ତି ପାଇଁ ପରୀକ୍ଷାରେ ଶୁଚିତା, ପାରଦର୍ଶିତା ରହିବା ଜରୁରୀ। ଜରୁରୀ କାଳୀନ ପରିସ୍ଥିତି ସମ୍ବିଧାନ ଉପରେ ସିଧାସଳଖ ଆକ୍ରମଣ ଥିଲା ଓ ଏହା ଏକ କଳା ଅଧ୍ୟାୟଥିଲା। ପୁରା ଦେଶ ଜେଲ ପାଲଟି ଯାଇଥିଲା। ଇଭିଏମ୍ ସପକ୍ଷରେ ରାଷ୍ଟ୍ରପତି କହିଛଂି ଯେ ସୁପ୍ରିମ୍ କୋର୍ଟ ଠାରୁ ଜନତାଙ୍କ ଅଦାଲତ ପର୍ଯ୍ୟ' ସବୁଠି ଇଭିଏମ୍ ସବୁ ପରୀକ୍ଷାରେ ପାସ୍ କରିଛି। କାଶ୍ମୀର ସନ୍ଦର୍ଭରେ ସେ କହିଛଂି ଯେ ରେକର୍ଡ ସଂଖ୍ୟକ ଭୋଟ ଦାନ କରି ଜାମ୍ମୁକାଶ୍ମୀର ଶତୃଙ୍କୁ ମୁହଁତୋଡ ଜବାବ ଦେଇଛଂି। ଉତ୍ତର-ପୂର୍ବ ଭାରତ ବିଷୟରେ ରାଷ୍ଟ୍ରପତି କହିଛଂି ଯେ ସେ ଅଞ୍ଚଳରେ ସ୍ଥାୟୀ ଶାଂି ପାଇଁ ସରକାର ପ୍ରୟାସ କରୁଛଂି ଏବଂ ଅଫଂସ୍ପା ଆଇନ୍ ପ୍ରତ୍ୟାହାର ପାଇଁ ସରକାର ଯୋଜନା କରୁଛଂି। ସିଏଏ ମାଧ୍ୟମରେ ସରକାର ନାଗରିକତା ପ୍ରଦାନ କରିବା ଆରମ୍ଭ କରିଛଂି ବୋଲି ମଧ୍ୟ ରାଷ୍ଟ୍ରପତି କହିଛଂି।

ନିଟ୍ ପରୀକ୍ଷା ଦୁର୍ନୀତି ଓ ପେପର ଲିକ୍ ଏକ ଅତି ଗୁରୁତର ଘଟଣା। କାରଣ ଲକ୍ଷ ଲକ୍ଷ ଛାତ୍ରଙ୍କ ଭବିଷ୍ୟତ ଏଥିସହ ଜଡ଼ିତ। ଏ ପ୍ରସଙ୍ଗରେ ଉଚ୍ଚସ୍ତରୀୟ ତଦ' ବୋଲି କହି ସରକାର ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇ ପାରିବେ ନାହିଁ। ଏହା ଉପରେ ରାଜନୀତି କରାଯିବା ଉଚିତ୍ ନୁହେଁ ବୋଲି କହି ସରକାର କ'ଣ କହିବାକୁ ଚାହୁଁଛଂି ? ଏହା ଏଭଳି ଏକ ପ୍ରସଙ୍ଗ ଯାହା ଉପରେ ସଂସଦରେ ବ୍ୟାପକ ଆଲୋଚନା ହେବା ଉଚିତ୍ ଓ ଭବିଷ୍ୟତରେ ଏଭଳି ଘଟଣା ଯେମିତି ନ ଘଟିବ ସେ ଦିଗରେ ରାସ୍ତା ବାହାରେ କରାଯିବା ଉଚିତ୍। ପେପରଲିକ୍ କୁ ରୋକିବା ପାଇଁ କଡା ଆଇନ୍ ଥିବା ସତ୍ୱେ ବାରମ୍ବାର ଏଭଳି ଘଟଣା ଘଟୁଛି। ବିଗତ ୫ବର୍ଷ ମଧ୍ୟରେ ଏନ୍‌ଟିଏ (ନ୍ୟାସନାଲ ଟେଷ୍ଟ ଏଜେନ୍ସୀ) ଦ୍ୱାରା ଆୟୋଜିତ ୬୬ ପରୀକ୍ଷା ମଧ୍ୟରୁ ୧୨ ପରୀକ୍ଷାରେ ଅନିୟମିତତା ହୋଇଥିବା ସ୍ୱଷ୍ଟ ଜଣାପଡିଛି। ଏହା ଫଳରେ ୭୫ ଲକ୍ଷ ଛାତ୍ର/ଛାତ୍ରୀ ପ୍ରଭାବିତ ହୋଇଛଂି। ଯେତେବେଳେ ଓମ୍ ବିରଳା ବାଚସ୍ପତି ଭାବେ ନିର୍ବାଚିତ ହେବାପରେ ତାଙ୍କ ସ୍ୱୀକୃତି ଭାଷଣରେ ଜରୁରୀକାଳୀନ ପରିସ୍ଥିତିକୁ ବିସ୍ତୃତ ଭାବେ ଉଠାଇଥିଲେ ସେତେବେଳେ ସ୍ୱଷ୍ଟ ହୋଇଯାଇଥିଲା ଯେ ଏନ୍‌ଡ଼ିଏ ସରକାର ବିରୋଧିଙ୍କ 'ସମ୍ବିଧାନ ବଞ୍ଚାଅ' ଅଭିଯାନକୁ କାଉଣ୍ଟର କରିବା ପାଇଁ ଏହାକୁ ଉଠାଇଛଂି। ଲୋକସଭାର ବାଚସ୍ପତି ନିରପେକ୍ଷ ହେବାଉଚିତ୍। ବାଚସ୍ପତି ସଂସଦୀୟ ପରମ୍ପରାର ପାଳନ କରିବା ଉଚିତ୍ ଓ କୌଣସି ପ୍ରସଙ୍ଗ ଉଠାଇବା ଠିକ୍ ନୁହେଁ। ଯେହେତୁ ପରମ୍ପରା ଓ ନିୟମର ଖୋଲାଖୋଲି ଉଲଂଘନ ହେଉଛି ସେହେତୁ ବିରୋଧି ସଂବିଧାନକୁ ବଞ୍ଚାଇବା କଥା କହୁଛଂି। ଏହା ସତ୍ୱେ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଜରୁରୀକାଳୀନ ପରିସ୍ଥିତି ପ୍ରସଙ୍ଗ ରହିଛି ଯାହା ସଂଘର ଏଜେଣ୍ଡା। ନିଜକୁ ବିଶାଳ ସାଂସ୍କୃତିକ ସଂଗଠନ ବୋଲି ଦାବି କରୁଥିବା ସଂଘର ଛୁଆଁ ଅଛୁଆଁ ଭେଦଭାବ ହଟାଇବା, ଦଳିତଙ୍କ ପ୍ରତି ମାନସିକତା ଏବଂ ମହିଳାଙ୍କ ପ୍ରତି ଦୃଷ୍ଟିକୋଣ ସମସ୍ତେ ଜାଣଂି। ସଂଘ କେତେ ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ଚାଲିଛି ସେ କଥା ବି ଭାବିବା ଉଚିତ୍। ମୋହନ ଭାଗବତ ଭାଷଣ ପ୍ରସଙ୍ଗରେ ଯାହା ସବୁ କହିଲେ ତାର ସିଧାସଳଖ ଅର୍ଥ ହେଉଛି ବିଜେପି ନେତୃତ୍ୱ ଉପରେ ଚାପ ସୃଷ୍ଟି କରିବା। ଏବେବି ସଂଘ ପାଇଁ ବିଜେପି ଯେମିତି ଆବଶ୍ୟକ ବିଜେପି ପାଇଁ ମଧ୍ୟ ସଂଘର ଆବଶ୍ୟକତା ସେତିକି ରହିଛି।

+ ରାମଚନ୍ଦ୍ରପୁର, ରଣପୁର
ମୋ - ୯୪୩୮୪୮୫୦୯୪

## ସ୍ୱାସ୍ଥ୍ୟ ପାଇଁ ବାସ୍ତୁ

ମଣିଷ ପାଇଁ ଧନସମ୍ପଦ ଯେମିତି ମୂଲ୍ୟବାନ ସ୍ୱାସ୍ଥ୍ୟ ବି ସେମିତି ଅପରିହାର୍ଯ୍ୟ । ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ନଦେଲେ ଯେତେ ଧନସମ୍ପଦ ରୋଜଗାର କଲେ କ'ଣ ହେବ । ସେଥିପାଇଁ ସମସ୍ତେ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଦରକାର ବୋଲି ଜାଣିଲେ ବି ଅଧିକାଂଶ ଲୋକ କିନ୍ତୁ ଏହାକୁ ଖାମଖିଆଲ ଭାବରେ ନେଇଥାନ୍ତି । ରୋଗ ହେଲେ ଡାକ୍ତର ଦେଖାଇବାର ମାନସିକତା ଲୋକଙ୍କୁ ସ୍ୱାସ୍ଥ୍ୟ ପ୍ରତି ବେଶ୍ ସଚେତନ କରାଇ ପାରୁନାହିଁ । ଏଣୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେକୌଣସି ପ୍ରସଙ୍ଗରେ ବାସ୍ତୁର ମଧ୍ୟ ପ୍ରମୁଖ ଭୂମିକା ରହିଛି । ଏଣୁ ବାସ୍ତୁଶାସ୍ତ୍ରରେ ଏହି ସବୁ ଦିଗ ପ୍ରତି ଧ୍ୟାନ ଦେଲେ ହୁଏତ କିଛି ଅସୁବିଧା ଦେଖାଦେଇ ନପାରେ ।

- ଉତ୍ତମ ନିଦ ପାଇଁ ଦକ୍ଷିଣମୁହାଁ ହୋଇ ଶୋଇବା ଆବଶ୍ୟକ ।
- ଘରର ମଧ୍ୟଭାଗ ବା ବଙ୍ଗଳାରେ ଏତେ ଆସବାବପତ୍ର ରଖନ୍ତୁ ନାହିଁ ଯେ ମୁକ୍ତବାୟୁ ଚଳାଚଳରେ ଯେମିତି ବାଧାପ୍ରାପ୍ତ ହେବ । ଘରେ ମୁକ୍ତବାୟୁ ଚଳାଚଳ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇବ ।
- ରୋଷେଇଘର ଓ ପାଇଖାନାର ଦ୍ୱାର ମୁହାଁମୁହିଁ ହେବା ଉଚିତ ନୁହେଁ । ଯଦି ଏପରି ରହିଛି ତା' ହେଲେ ଯେକୌଣସି ଦ୍ୱାରକୁ ସବୁବେଳେ ବନ୍ଦ ରଖିବା ଦରକାର ।
- ଯଦି କେହି ଘରେ ଅସୁସ୍ଥ ଅଛନ୍ତି, ଦୀପଟିଏ ଜଳାଇ ରଖନ୍ତୁ, ତା' ହେଲେ ସେ ଶୀଘ୍ର ସୁସ୍ଥ ହୋଇଯିବେ ।
- ଘର ଭିତରେ ଯେତେବେଳେ ପାଣି ପିଉଛନ୍ତି, ତା' ହେଲେ ଉତ୍ତର-ପୂର୍ବ ମୁହାଁ ହୋଇ ପାଣି ପୁଅନ୍ତୁ । ସ୍ୱାସ୍ଥ୍ୟ ଭଲ ରହିବ ।

## ଘରେ ଔଷଧ ଖାଇବା ପୂର୍ବରୁ....



- ଘରେ ରହି ଯଦି କୌଣସି ରୋଗ ପାଇଁ ନିୟମିତ ଔଷଧ ସେବନ କରିବାକୁ ପଡୁଛି ତେବେ ସାମାନ୍ୟ ସତର୍କ ରୁହନ୍ତୁ । ଔଷଧ ମନଇଚ୍ଛା ବ୍ୟବହାର କରନ୍ତୁ ନାହିଁ ।
- ପ୍ରଥମତଃ ଔଷଧ ସର୍ବଦା ଠିକ୍ ସମୟରେ ନିଅନ୍ତୁ । ଯେତିକି ଘଣ୍ଟା ଅନ୍ତରରେ ଔଷଧ ଓ ଯେତିକି ପରିମାଣରେ ନେବାକୁ କୁହାଯାଇଛି ଠିକ ସେତିକି ମାତ୍ରାରେ ଓ ସେତିକି ସମୟ ଅନ୍ତରାଳୀରେ ନିଅନ୍ତୁ । ଅଧିକ ବା କମ୍ ଖାଆନ୍ତୁ ନାହିଁ ।

# ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ



ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଜ୍ଞ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ ।

ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ

# ବେବି ଫୁଡ୍ ନବଜାତ ସ୍ୱାସ୍ଥ୍ୟ ପାଇଁ ହୋଇପାରେ କ୍ଷତିକାରକ: ଡବ୍ଲ୍ୟୁଏଚ୍ଓ

ଜାତିସଂଘର ଏକ ରିପୋର୍ଟକୁ ଯଦି ଗ୍ରହଣ କରାଯାଏ ତେବେ ବଜାରରେ ବିକ୍ରି ହେଉଥିବା ଅଧିକାଂଶ ବେବି ଫୁଡ୍ ନବଜାତ ଶିଶୁର ସ୍ୱାସ୍ଥ୍ୟପାଇଁଢ କ୍ଷତିକାରକ ଅଟେ । କାରଣ ଏଥିରେ ଚିନିର ମାତ୍ରା ଅଧିକ ରହୁଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏକ ନିୟମାବଳୀ ମଧ୍ୟ ଜାରି କରିଛି । ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ନଭେମ୍ବର ୨୦୧୭ରୁ ଜାନୁଆରୀ ୨୦୧୮ ମଧ୍ୟରେ ଅଷ୍ଟ୍ରିୟା, ବୁଲଗେରିଆ, ଇସ୍ରାଏଲ, ହଙ୍ଗେରି ଆଦି ଦେଶର ୫୦୦ରୁ ଅଧିକ ଦୋକାନରେ ବିକ୍ରି ହେଉଥିବା ୮ ହଜାରରୁ ଅଧିକ ବେବି ଫୁଡ୍ (ଶିଶୁ ଖାଦ୍ୟ)ର ଯାଞ୍ଚ କରାଯାଇଥିଲା । ପରେ ରିପୋର୍ଟରେ କୁହାଯାଇଛି ଯେ, ୮ ହଜାର ଉତ୍ପାଦ ମଧ୍ୟରୁ ଅଧାରୁ






ଅଧିକ ଉତ୍ପାଦରେ ୩୦% କ୍ୟାଲେରି ସୁଗର ଥିଲ । ବେଳେ ପାଖାପାଖି ଏକ ତୃତୀୟାଂଶ ଉତ୍ପାଦରେ ଚିନି ମାତ୍ରା ଅଧିକ ଥିବା ଜଣାପଡ଼ିଛି । ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି ଯେ, ଫଳ ପନିପରିବାରେ ପ୍ରାକୃତିକ ଭାବେ ଚିନି ମହଜୁଦ ରହିଥାଏ । ଏହା ପିଲାଙ୍କ ଖାଦ୍ୟରେ ସାମିଲ କରାଯାଇପାରେ । ମାତ୍ର ବଜାରରେ ବିକ୍ରି ହେଉଥିବା ଶିଶୁ ଖାଦ୍ୟରେ ଚିନି ମାତ୍ରା ଅଧିକ ପରିମାଣର ରହୁଥିବାରୁ ଏହା ଶରୀର ପାଇଁ କ୍ଷତିକାରକ ଅଟେ । ଏହି ଖାଦ୍ୟ ଖାଇବା ଦ୍ୱାରା ଶିଶୁଙ୍କ ଓଜନ ବଢ଼ିବା ସହ ଦାନ୍ତରେ କ୍ୟାଭିଟିଜ ସମସ୍ୟା ସୃଷ୍ଟି ହୋଇଥାଏ । ନିୟମାବଳୀର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି ଯେ, ପିଲାମାନଙ୍କୁ ଅଧିକ ମାତ୍ରାର ଚିନି ସେବନ ଠାରୁ ଦୂରେଇ ରଖିବା ନିହାତି ଜରୁରୀ । ଜୀବନର ପ୍ରାରମ୍ଭରୁ ଯଦି ଅଧିକ ମାତ୍ରାର ମିଠା ଖାଦ୍ୟ ସେମାନଙ୍କୁ ଦିଆଯାଏ ତେବେ ବଡ଼ ହେଲେ ଏହା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରେ, ସେମାନଙ୍କୁ ଅନ୍ୟ ପୋଷକ ତତ୍ୱ ଯୁକ୍ତ ଖାଦ୍ୟ ଗ୍ରହଣ କରିବାକୁ ଇଚ୍ଛା ହୋଇନଥାଏ । ଏହା ଶିଶୁର ଅଭିବୃଦ୍ଧି, ବିକାଶରେ ମଧ୍ୟ ବାଧକ ସାଜିଥାଏ । ରିପୋର୍ଟରେ କୁହାଯାଇଛି ଯେ, ଯେଉଁ ଶିଶୁ ଖାଦ୍ୟରେ ଅଧିକ ମାତ୍ରାରେ ଚିନି ରହୁଛି, ସେହି ଖାଦ୍ୟକୁ ନିଷିଦ୍ଧ କରିବା ନିହାତି ଆବଶ୍ୟକ ।

# ପ୍ଲାଷ୍ଟିକ୍ ବ୍ୟାଗରେ ଭର୍ତ୍ତି କରି ପିଲାଙ୍କୁ ନଦୀ ପାର୍ କରନ୍ତି ପରିବାର ଲୋକେ



ଶୁଖିଲା ପୋଷାକରେ ପିଲାଙ୍କୁ ସ୍କୁଲ ଛାଡ଼ିବା ପାଇଁ ଭିଏତ୍‌ନାମର ହୁଓଇ ଗ୍ରାମର ଲୋକେ ଯେଉଁ କାର୍ଯ୍ୟ କରନ୍ତି ତାହା ବୋଧହୁଏ ବିଶ୍ୱର କେଉଁଠାରେ ମଧ୍ୟ ଦେଖିବାକୁ ମିଳୁନଥିବ । ଏଠାକାର ପିଲାମାନେ ବର୍ଷାଦିନେ ନିଜ ଜୀବନକୁ ବାଜି ଲଗାଇ ନଦୀ ପାର୍ ହୋଇ ସ୍କୁଲ ଯାଇଥାନ୍ତି । ଗ୍ରାମରୁ ସ୍କୁଲକୁ ଯିବା ପାଇଁ ନଦୀ ପାର୍ ହେବାକୁ ପଡ଼ିଥାଏ । ବର୍ଷାଦିନେ କାଠ ତିଆରି ପୋଲ ଭାଙ୍ଗି ଯାଇଥିବାରୁ ପ୍ଲାଷ୍ଟିକ୍ ବ୍ୟାଗରେ ପିଲାମାନଙ୍କୁ ଭର୍ତ୍ତି କରି ପରିବାର ଲୋକେ ନଦୀରେ ପହଁରି ପହଁରି ସ୍କୁଲ ଛାଡ଼ିଥାନ୍ତି । ସ୍କୁଲରେ ପହଞ୍ଚିଲା ବେଳକୁ ଯେପରି ପିଲାଙ୍କ ଡ୍ରେସ୍ ଓଦା ହୋଇନଥିବ ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେଇଥାନ୍ତି ସେମାନେ । ଗାଁ ମୁଖିଆଙ୍କ କହିବା ଅନୁସାରେ ଏହି କାମ ଅତି ବିପଦପୂର୍ଣ୍ଣ । ହେଲେ ଆମ ନିକଟରେ ଆଉ କୌଣସି ବାଟ ନାହିଁ । ଏୟାର ଟାଇଟ୍ ପଲିଥିନ୍ କାରଣରୁ ପିଲାମାନଙ୍କ ପାଇଁ ଅନେକ ସମୟରେ ଅକ୍ସିଜେନ୍ କମ୍ କାରଣରୁ ବଡ଼ ସମସ୍ୟା ସୃଷ୍ଟି ହୋଇଥାଏ । ତେବେ ଆମେ ଏହି ସମସ୍ୟା ନେଇ ଅନେକ ଥର ସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନଥିବାରୁ ଏପରି ଅସୁବିଧା ଆମକୁ ଏବଂ ଆମ ପିଲାମାନଙ୍କୁ ଭୋଗିବାକୁ ପଡୁଛି ।

## ବର୍ଷାଦିନେ ସତର୍କତା

ବର୍ଷାଦିନରେ ବିଭିନ୍ନ ପ୍ରକାର ରୋଗ ହେବା ଏକ ସାଧାରଣ କଥା; କିନ୍ତୁ ତା ଠାରୁ ବଡ଼ ହେଉଛି ବିଭିନ୍ନ ପ୍ରକାର ଚର୍ମରୋଗ । ବିଶେଷ କରି ପାଣି ଲାଗିବା ଯୋଗୁଁ ପାଦରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ । ଯେପରି କି ପାଦ ଓଦା ହୋଇ ଦୁଇ ଆଙ୍ଗୁଠି ମଝିରେ ଫଙ୍ଗାଲ୍ ଇନ୍‌ଫେକ୍‌ସନ୍, ନଖ କୋଣରେ ପାଣି ପଶି ଫୁଲିବା ମଇଳା ପାଣି ଲାଗି କୁଣ୍ଡାଇ ହେବା । ସେଥିପାଇଁ ଆମକୁ ସତର୍କ ହେବା ସହିତ ଏହି ଦିନରେ ଅଧିକ ଯତ୍ନ ନେବାକୁ ପଡ଼ିଥାଏ । ବାହାରୁ କୁଆଡ଼େ ଘରକୁ ଆସିଲେ ସାବୁନରେ ଗୋଡ଼ ହାତ ଭଲଭାବରେ ଧୋଇ ନିଅନ୍ତୁ । ପାଦକୁ ପୋଛି ଶୁଖାଇବା ପରେ ପାଉଡ଼ର ପକାଇ ପାରନ୍ତି । ବର୍ଷା ଦିନେ ଖାଲିପାଦରେ କେବେ ବି ବାହାରେ ପାଦ ରଖନ୍ତୁ ନାହିଁ । ନଚେତ୍ ଘା' ହୋଇଯିବ । ବର୍ଷାଦିନେ ମୋଜା ପ୍ରତିଦିନ ବଦଳାନ୍ତୁ । ଯଦି ପାରିବେ ଏହି ଋତୁରେ ପେଡିକିୟୋର କରିବା ଆହୁରି ଭଲ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସବୁଜ ଭବିଷ୍ୟତର ପରିକଳ୍ପନା...

ବିଶ୍ୱ ତାପନ, ଜଳବାୟୁ ପରିବର୍ତ୍ତନ ଆଦି ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ପରିମାଣରେ ବନୀକରଣ କରି ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ସହିତ ତା'ର ସୁରକ୍ଷା, କ୍ଷୟଶୀଳ ଅରଣ୍ୟ ସମ୍ପଦର ପୁନରୁଦ୍ଧାର ଅପରିହାର୍ଯ୍ୟ ହୋଇପଡ଼ିଛି। ଏହାଛଡ଼ା ଉଜୁଡ଼ା ଜଙ୍ଗଲ ଜମିର ପୁନରୁଦ୍ଧାର, କୃତ୍ରିମ ଜଙ୍ଗଲ ସୃଷ୍ଟି, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ପାଇଁ ବ୍ୟାପକ ଚାରାରୋପଣର ଆବଶ୍ୟକତା ଅଛି। ଚଳିତ ବର୍ଷ ବନୀକରଣ ଯୋଜନା ମାଧ୍ୟମରେ ବହୁଳ ସଂଖ୍ୟାରେ ଜଙ୍ଗଲ କିସମ ବୃକ୍ଷ, ଔଷଧୀୟ ବୃକ୍ଷ, ବନ୍ୟଜନ୍ତୁ ଖାଦ୍ୟ ଉପଯୋଗୀ ବୃକ୍ଷ, ସୌନ୍ଦର୍ଯ୍ୟ ବର୍ଦ୍ଧକ ବୃକ୍ଷ, ଅର୍ଥକାରୀ ଚାରାରୋପଣ କରି ଜଙ୍ଗଲ ମଧ୍ୟରେ ଏବଂ ଅଣଜଙ୍ଗଲ ଜମିରେ ସବୁଜ ବଳୟ ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଉଛି। ଏହିକ୍ରମରେ ଚଳିତ ବର୍ଷ ୫ କୋଟି ଗଛ ଲଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବନମହୋତ୍ସବ ପାଳନ ଅବସରରେ ରାଜ୍ୟରେ ସବୁଜ ବଳୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ 'ମିଶନ ଶକ୍ତି' ପକ୍ଷରୁ ମହିଳାମାନେ ୪.୫ କୋଟି ଗଛ ଲଗାଇବେ। କୃଷିବିଭାଗ, ବନବିଭାଗ ଓ ବିଭିନ୍ନ ନର୍ସରୀ ଦ୍ୱାରା 'ମିଶନ ଶକ୍ତି'କୁ ଚାରା ଯୋଗାଇ ଦିଆଯିବ। ଏହାଛଡ଼ା ଚଳିତ ବର୍ଷ ହାତୀ ଖାଦ୍ୟ ପାଇଁ ତଥା ବଜ୍ରପାତରୁ ରକ୍ଷା କରିବା ପାଇଁ ଜଙ୍ଗଲ ଓ କୃଷି ବିଭାଗ ୧୯ ଲକ୍ଷ ତାଳ ଚାରା ରୋପଣ ପାଇଁ ନିଷ୍ପତ୍ତି ନେବା ସହିତ ଏହାର ଅବାଧ କଟା ଉପରେ କଟକଣା ଜାରି କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବନୀକରଣରେ ସାଧାରଣତଃ କେତୋଟି ସମସ୍ୟା ଦେଖାଯାଇଥାଏ। ସେଗୁଡ଼ିକ ହେଲା -ଚାରାରୋପଣ ପାଇଁ ସାର୍ବଜନୀନ ସ୍ଥାନର ଅଭାବ, ଗଛ ବଡ଼ ହେଲା ପରେ ଦୁର୍ବୃତ୍ତଙ୍କ ଦ୍ୱାରା ଗଛକୁ କାଟି ଆସବାବପତ୍ର ନିର୍ମାଣ ତଥା ଇନ୍ଧନ ରୂପେ ବ୍ୟବହାର, ପଶୁଙ୍କ ଦ୍ୱାରା ଗଛ ନଷ୍ଟ ହେବା, ସାର, ପାଣି ଇତ୍ୟାଦି ଅଭାବରୁ ଚାରାଗୁଡ଼ିକ ବଢ଼ି ନ ପାରି ନଷ୍ଟ ହୋଇଯିବା, ରୋଗ ପୋକ ଲାଗିବା, ବନାଗ୍ନି ଇତ୍ୟାଦି। ଏହି ପରିପ୍ରେକ୍ଷୀରେ କେତୋଟି ପଦକ୍ଷେପ ବିଷୟରେ ଆଲୋଚନା କରିବାର ଆବଶ୍ୟକତା ଅଛି। ଚାରାରୋପଣଠାରୁ ଆରମ୍ଭ କରି ଗଛଗୁଡ଼ିକ ବଞ୍ଚାଇ ରଖିବା ପାଇଁ ଏକ ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ଅଛି। ବୈଷୟିକ ଜ୍ଞାନକୌଶଳ (ଏଆଇ) ଉପଯୋଗ କରି ଉପଗ୍ରହ ମାଧ୍ୟମରେ ଚିତ୍ର ଉତ୍ତୋଳନ ସାହାଯ୍ୟରେ ବନୀକରଣର ଆବଶ୍ୟକ ସ୍ଥାନକୁ ଚିହ୍ନଟ କରି ଡ୍ରୋନ୍ ମାଧ୍ୟମରେ ବିପୁଳ ପରିମାଣରେ ଏବଂ କମ୍ ସମୟ ମଧ୍ୟରେ ବିହନ ଗୁଳା ନିକ୍ଷେପ/ଚାରା ରୋପଣ କରାଯାଇ ପାରିବ। ଜଙ୍ଗଲର ଘନତାକୁ ବଢ଼ାଇବା କିମ୍ବା ଅଳ୍ପ ସମୟ ମଧ୍ୟରେ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଦ୍ରୁତ ବଢୁଥିବା ବୃକ୍ଷ ପ୍ରଣାଳୀ (ଜାପାନୀ ଶୈଳୀ-ମିଆୱାକୀ) କୁ ଆପଣାଇ ଯାଇପାରିବ। ପରବର୍ତ୍ତୀ ଅବସ୍ଥାରେ ଏହାର ସ୍ଥିତିକୁ ଡ୍ରୋନ୍ ମାଧ୍ୟମରେ ନିରୀକ୍ଷଣ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ। ଡ୍ରୋନ୍ ଦ୍ୱାରା ବନୀକରଣର ସୀମା ଓ କ୍ଷେତ୍ରଫଳ ନିର୍ଦ୍ଧାରଣ, ଫସଲର ବୃଦ୍ଧି ତଥା ଅନ୍ୟ ଜୈବିକ ପ୍ରକ୍ରିୟା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ, ମୃତ୍ତିକା ଓ ଖେତର ବିଶ୍ଳେଷଣ, କୀଟନାଶକ, କବକନାଶକ, ସାର ଇତ୍ୟାଦିକୁ ଅତି ସହଜରେ, ନିରାପଦରେ ଏବଂ ଅଳ୍ପ ଖର୍ଚ୍ଚରେ ସିଞ୍ଚନ କରାଯାଇପାରିବ। ଜଙ୍ଗଲ ସୀମାରେ ସୌର ବାଡ଼ ନିର୍ମାଣ କରାଯାଇ ପାରିବ। ଗଛ କଟାଳୀ ଏବଂ ଶିକାରୀଙ୍କ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ସିସିଟିଭି ଡ୍ରୋନ୍ ଦ୍ୱାରା ନିରୀକ୍ଷଣ କରାଯାଇପାରିବ। ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ୩୬୦ ଡିଗ୍ରୀ ବୁଲି ପାରୁଥିବା ଆଇଆର କ୍ୟାମେରାର ପ୍ରୟୋଗ ଦ୍ୱାରା ନିଆଁ ଲାଗିଥିବା ସଠିକ ସ୍ଥାନ ନିରୂପଣ କରି ନିଆଁକୁ ଆୟତ୍ତ କରିବା ଏବଂ ଆବଶ୍ୟକ ସ୍ଥଳେ ନିଆଁ ଲିଭାଇବା ପାଇଁ ରୋବଟ୍ ବ୍ୟବହାର କରାଯାଇ ପାରିବ। ଆବଶ୍ୟକ ସ୍ଥଳେ ବନ କର୍ମଚାରୀଙ୍କୁ ଡ୍ରୋନ୍ ସମ୍ବନ୍ଧରେ ପ୍ରଶିକ୍ଷଣ ଦେବାକୁ ପଡ଼ିବ। ଏଥିସହିତ ଚାରାରୋପଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବନ ସୁରକ୍ଷା ସହାୟକ ଗୋଷ୍ଠୀ ଗଠନ କରିବାର ଆବଶ୍ୟକତା ଅଛି। ଗ୍ରାମବାସୀ/ସ୍ଥାନୀୟ ବାସିନ୍ଦା/ ସ୍ୱେଚ୍ଛାସେବୀ/ମିଶନ ଶକ୍ତି କର୍ମଚାରୀଙ୍କୁ ନିଯୁକ୍ତି ଓ ପାରିଶ୍ରମିକ ଭିତ୍ତିରେ ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ଦେଇ ଆକର୍ଷଣୀୟ ଆର୍ଥିକ ପ୍ରୋତ୍ସାହନ ଦିଆଯିବା ନିହାତି ଆବଶ୍ୟକ। ବୃକ୍ଷ ପ୍ରକୃତିର ଏକ ମୂଲ୍ୟବାନ ଉପହାର ଏବଂ ଅମ୍ଳଜାନ ବିତରଣର ଏକ ପ୍ରଧାନ ଉତ୍ସ। ବ୍ୟାପକ ଚାରାରୋପଣ ଦ୍ୱାରା ବାୟୁ ବିଶୋଧନ, ଜଳ ସଂରକ୍ଷଣ, ଜଳବାୟୁ ନିୟନ୍ତ୍ରଣ, ମାଟି ସଂରକ୍ଷଣ ଇତ୍ୟାଦି କାର୍ଯ୍ୟ ଅନାୟାସରେ ସମ୍ପାଦନ ହୋଇଥାଏ ଏବଂ ପ୍ରକୃତି ଓ ପରିବେଶକୁ ପ୍ରଦୂଷଣମୁକ୍ତ କରିବାରେ ସାହାଯ୍ୟ କରିଥାଏ। ଏତଦ୍‌ବ୍ୟତୀତ, ଅନେକ ଆଦିବାସୀ ପରିବାର ପ୍ରତିପୋଷଣ ପାଇଁ ବନଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାଆନ୍ତି। ଚାରାରୋପଣର ଉପକାରିତା ବିଷୟରେ ଆବାଳବୃଦ୍ଧବନିତାଙ୍କୁ ସଚେତନ କରିବାର ଆବଶ୍ୟକତା ମଧ୍ୟ ରହିଛି। ଜଙ୍ଗଲ ବିଭାଗ ଓ ଆମେ ସମସ୍ତେ ମିଳିତ ଭାବେ ଉଦ୍ୟମ କରି ଏହାର ସଂରକ୍ଷଣ ଓ ସମ୍ପ୍ରସାରଣ ଦିଗରେ ଆଗେଇ ଆସିଲେ ସ୍ୱର୍ଗଠାରୁ ବଳି ଆମରି ଧରିତ୍ରୀ ମା' ସବୁଜ ବଳୟରେ ହସି ଉଠିବ।



## ସୁନାବେଶରେ ଚତୁର୍ଦ୍ଧାମୂର୍ତ୍ତି

**ଡକ୍ଟର ଲକ୍ଷ୍ମଣ ସାହୁ**

ବେଶ ହେଉଛି ବିଶେଷ ମାନସିକତା, ଭାବାବସ୍ଥା ତଥା ପ୍ରକୃତିର ପ୍ରତିଫଳନ। ସମଗ୍ର ବିଶ୍ୱର ଆଦିପୁରୁଷଙ୍କ ବିବିଧ ବେଶକୁ ଲକ୍ଷ୍ୟ କଲେ ତାଙ୍କ ମହାନୁଭବତା, ଉଦାରତା ତଥା ପ୍ରେମମୟତା ଓ ସହୃଦୟତାର ପରିଚୟ ମିଳିଥାଏ। ଭଗବାନ ବିଷ୍ଣୁଙ୍କ ପ୍ରସିଦ୍ଧ ଅବତାର ହେଲେ ଚବିଶ। ଶ୍ରୀଜଗନ୍ନାଥ ସ୍ୱୟଂ ଅବତାରୀ ହୋଇଥିବାରୁ ତାଙ୍କର ପ୍ରସିଦ୍ଧ ବେଶ ଚବିଶ ବୋଲି କୁହାଯାଏ। କିନ୍ତୁ ବିଶେଷ କ୍ଷେତ୍ରରେ ଠାକୁରଙ୍କର ଏହାଠାରୁ ଅଧିକ ବେଶ ହୋଇଥାଏ। ସେହି ଚବିଶ ବେଶ ବର୍ଷର ବିଭିନ୍ନ ମାସ ଓ ତିଥି ଅନୁସାରେ ପାଳନ କରାଯାଏ।

ମହାବାହୁଙ୍କ ୨୪ ବେଶ ମଧ୍ୟରୁ ରାମ-୧, ଗଣେଶ-୧, ବାମନ-୨, ନରସିଂହ-୧, ଶ୍ରୀକୃଷ୍ଣ-୭ ଓ ସ୍ୱୟଂ ଜଗନ୍ନାଥଙ୍କ ୧୨ଟି ବେଶ ଅନୁଷ୍ଠିତ ହୋଇଥାଏ। ବିଭିନ୍ନ ବେଶ ବା ଶୃଙ୍ଗାର ମଧ୍ୟରେ ବସ୍ତ୍ର ଶୃଙ୍ଗାର ବା ସିଂଗାର, ଭୂଷଣ ଶୃଙ୍ଗାର ଓ ପୁଷ୍ପ ଶୃଙ୍ଗାର ଅନ୍ତର୍ଭୁକ୍ତ ହୋଇଛି। ବସ୍ତ୍ର ଶୃଙ୍ଗାରର ଅର୍ଥ ହେଉଛି ବାର ଅନୁସାରେ ଠାକୁର ବିଭିନ୍ନ ରଙ୍ଗର ବସ୍ତ୍ର ପରିଧାନ କରିବା। ଏହି ନିୟମରେ ମହାପ୍ରଭୁ ରବିବାର-ଲାଲ ବସ୍ତ୍ର (ରକ୍ତ ବର୍ଣ୍ଣ), ସୋମବାର କଳାଛିଟ ଥିବା ଧଳାରଙ୍ଗର ବସ୍ତ୍ର, ମଙ୍ଗଳବାର-ବାରପଟିଆ (ପାଞ୍ଚରଙ୍ଗ) ବସ୍ତ୍ର, ବୁଧବାର-ନୀଳବସ୍ତ୍ର, ଗୁରୁବାର-ପୀତରଙ୍ଗର ବସ୍ତ୍ର, ଶୁକ୍ରବାର-ଶ୍ୱେତ ବସ୍ତ୍ର ଓ ଶନିବାର- କୃଷ୍ଣରଙ୍ଗର ବସ୍ତ୍ର ପରିଧାନ କରିଥା'ନ୍ତି। ଭୂଷଣ ଶୃଙ୍ଗାରରେ ବିଭିନ୍ନ ଅମୂଲ୍ୟ ରତ୍ନ, ମଣି, ମାଣିକ ଓ ସୁବର୍ଣ୍ଣ ଆଦିରେ ଠାକୁରମାନଙ୍କୁ ସିଙ୍ଗାର କରାଯାଏ। ପୁଷ୍ପ ଶୃଙ୍ଗାର କହିଲେ ବିଭିନ୍ନ ସୁଗନ୍ଧିତ ଫୁଲରେ ଅଳଙ୍କାର ଓ ମାଳା ଆଦି କରି ଠାକୁରମାନଙ୍କୁ ସୁନ୍ଦର ଭାବେ ସଜେଇ ଦେବା। ତୁଳସୀ, ଦୟଣା ଓ ଚନ୍ଦନ, କର୍ପୂର ଆଦି ମଧ୍ୟ ଏସବୁ ବେଶର ଉପାଦାନ।

ଏ ସବୁ ବେଶ ମଧ୍ୟରୁ କେତେକ ବେଶରେ ମହାପ୍ରଭୁ ଜଗନ୍ନାଥଙ୍କ ପୋଷାକ କେବଳ ବଦଳୁଥିବା ବେଳେ ଆଉ କେତେକ କ୍ଷେତ୍ରରେ ତାଙ୍କର ଅବତାର ବଦଳିଯାଇଥାଏ। କେତେବେଳେ ସେ ବିଷ୍ଣୁ ତ ଆଉ କେତେବେଳେ ନୃସିଂହ ବେଶ ଧାରଣ କରିଥାନ୍ତି। ପୁଣି ମହାପ୍ରଭୁମାନଙ୍କ ସବୁଯାକ ବେଶରେ ଜଗନ୍ନାଥ ମୁଖ୍ୟ ଭୂମିକାରେ ରହୁଥିବା ବେଳେ କେବଳ ପ୍ରଳମ୍ବାସୁରବଧ ବେଶରେ ବଳଭଦ୍ର ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ଜଗନ୍ନାଥଙ୍କ ମୁଖ୍ୟ ୨୪ ବେଶ ମଧ୍ୟରୁ କେତେକ ବେଶ ବର୍ଷକରେ ଏକାଧିକବାର ସଂପନ୍ନ ହୋଇଥାଏ। ସୁନାବେଶ ପ୍ରାୟ ପାଞ୍ଚ ଥର ଓ ଶ୍ରାଦ୍ଧ ବେଶ ତିନିଥର ସଂପନ୍ନ ହୋଇଥାଏ।

ଶ୍ରୀଜଗନ୍ନାଥ ସେ ରାଜାଧିରାଜ ସେ କାଳିଆ ସାଆନ୍ତ। ସେ ହେଉଛନ୍ତି ସମନ୍ୱିତ ସାଂସ୍କୃତିକ ପରମ୍ପରାର ଶ୍ରେଷ୍ଠ ନିଦର୍ଶନ। ଅପୂର୍ବ ତାଙ୍କର ମାନବୀୟ ଲୀଳା। ପ୍ରତ୍ୟେକ ଲୀଳାର ଅନ୍ତରାଳେ ନିହିତ ଥାଏ ବିଶ୍ୱ ମଙ୍ଗଳ କାମନା। ସେଥିପାଇଁ ତାଙ୍କର ନୀତିକାନ୍ତି, ଭୋଗ, ବେଶ ସବୁକିଛି ମହିମାମଣ୍ଡିତ। ପୁଣି ବେଶ ମଧ୍ୟରେ ଅନନ୍ୟ ତାଙ୍କର ସୁନାବେଶ। ବର୍ଷକୁ ରତ୍ନ ସିଂହାସନରେ ୪ଥର ଆଉ ଥରେ ଭାଇ ଭଉଣୀଙ୍କ ସହ ରଥରେ ସ୍ୱର୍ଣ୍ଣ ଅଳଙ୍କାରରେ ସଜେଇ ହୁଅନ୍ତି।

କହିବାକୁ ଗଲେ ଓଡ଼ିଶାର ଉପାସନା ପରମ୍ପରାରେ ଦେବୀ/ଦେବତାଙ୍କ ବେଶ ସୌନ୍ଦର୍ଯ୍ୟ ଚେତନାର ଏକ ବଡ଼ ନିଦର୍ଶନ। ନିଜସ୍ୱ ସୃଜନଶୀଳତା ଭକ୍ତଙ୍କୁ ବିମୋହିତ କରେ। ନିଜର ଇଷ୍ଟଦେବତାଙ୍କୁ ଆକର୍ଷଣୀୟ କରିବା ହିଁ ଆନ୍ତରିକ ଇଚ୍ଛାଶକ୍ତି। ଏଥିରେ ଜ୍ଞାନ ଅପେକ୍ଷା ଭକ୍ତି ଭାବ ଅଧିକ। ଭକ୍ତ ନିଜର ଇଚ୍ଛାକୁ କେବଳ ଅଳଙ୍କାରରେ ସଜାଏ ନାହିଁ, ଫୁଲ ଓ ପୋଷାକରେ ବି ସଜାଏ। ସେଥିରେ ଥାଏ ପରମ ଆତ୍ମତୃପ୍ତି। ମନୋବିଜ୍ଞାନୀଙ୍କ ଦୃଷ୍ଟିରେ ପ୍ରଭୁ ମନନ ହେବା ପାଇଁ ଏହା ଏକ ଶ୍ରେଷ୍ଠ ମାଧ୍ୟମ। ସନାତନ ପରମ୍ପରାରେ କୁହାଯାଇଛି 'ଅଳଙ୍କାରପ୍ରିୟ ହରି'। ସେହି ଦୃଷ୍ଟିରୁ ଦାରୁଦିଅଁଙ୍କୁ ପ୍ରତ୍ୟହ ଫୁଲ ଓ ବସ୍ତ୍ର ଭୂଷଣରେ ଭୂଷିତ କରାଯାଏ। କିନ୍ତୁ ସୁନାବେଶ କରାଯାଏ ପାଞ୍ଚଥର। ଆଷାଢ଼ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିର ବାହାରେ (ରଥ ଉପରେ) ଥରେ, ଶ୍ରୀମନ୍ଦିର ଭିତରେ ଦଶହରା, କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମାରେ ଚାରିଥର ସୁନାବେଶ କରାଯାଇଥାଏ। ଏହି ବେଶର ସାମାଜିକ ବାର୍ତ୍ତା ହେଉଛି ସୁବର୍ଣ୍ଣ ଯୁଗ ସୃଷ୍ଟି ପାଇଁ ଉତ୍ତମ ଆଚାର ହେବା। ଅର୍ଥାତ୍? ଭଲ ମଣିଷ ହେବା ଓ ଅନ୍ତରକୁ ସୁବର୍ଣ୍ଣଗୁଣରେ ବିକଶିତ କରିବା। ଶ୍ରୀମନ୍ଦିରରେ ରଥରେ ଓ ଗୁଣ୍ଡିଚା ଘରେ ଦାରୁଦିଅଁଙ୍କର ଯେତେ ବେଶ ହୁଏ, ସେସବୁ କେବଳ ପୁଷ୍ପାଳକ ସେବକ ସମ୍ପାଦିତ କରିଥାନ୍ତି। ରଥରେ ସୁନାବେଶବେଳେ ଭଣ୍ଡାର ମେକାପ ସେବକ ଶ୍ରୀମନ୍ଦିର ଭଣ୍ଡାର ଘରୁ ଅଳଙ୍କାରମାନ ଆଣି ରଥ ବାଡ଼ଗ୍ରାହୀଙ୍କୁ ଦିଅନ୍ତି। ବାଡ଼ଗ୍ରାହୀ ସେବକୁ ଅଳଙ୍କାର ପୁଷ୍ପାଳକ ସେବକମାନଙ୍କୁ ହସ୍ତାନ୍ତର କରନ୍ତି। ଏହାପରେ ସେମାନେ ଠାକୁରଙ୍କୁ ସୁନାବେଶରେ ସଜ୍ଜିତ କରିଥାନ୍ତି।

କୁହାଯାଏ ସୁନାବେଶରେ ମହାପ୍ରଭୁଙ୍କୁ ଦର୍ଶନ କଲେ ମୁକ୍ତି ମିଳେ ବୋଲି। ବାହୁଡ଼ା ଯାତ୍ରାରେ ହେଉଥିବା ସୁନାବେଶ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟମିଳେ ବୋଲି ବିଶ୍ୱାସ ଅଛି। ସେଇଥିପାଇଁ ଦର୍ଶନ କରିବାକୁ ବଡଦାଣ୍ଡରେ କୋଟି କୋଟି ଭକ୍ତଙ୍କ ସମାଗମ ଘଟିଥାଏ। ଶ୍ରୀଜଗନ୍ନାଥ ବିଭିନ୍ନ ପ୍ରକାରର ଅଳଙ୍କାର ପିନ୍ଧନ୍ତି। ଶ୍ରୀପୟର, କିରିଟ, ଶ୍ରୀଭୁଜ(ହାତ), ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ, ଓଡ଼ିଆଣୀ(କାନ ଫୁଲ), କମରପଟି, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ତ୍ରିଖଣ୍ଡିକା, ଝୋବାକଣ୍ଠି, ବାହାଡ଼ା ମାଳି, ତାବିଜ ମାଳି, ସେବତୀ ମାଳି, ତିଳକ, ଚନ୍ଦ୍ରିକା, ଅଳକାରେ ସଜେଇ ହୁଅନ୍ତି। ସେଭଳି ସୁନା ବେଶରେ ଶ୍ରୀବଳଭଦ୍ର ପିନ୍ଧୁଥିବା ଅଳଙ୍କାରମାନ ହେଉଛି-ଶ୍ରୀପୟର, କିରିଟ, ଶ୍ରୀଭୁଜ, ହଳ ଓ ମୂଷଳ, ଓଡିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ତ୍ରିଖଣ୍ଡିକା, କମରପଟି, ଆଡ଼କାନି, ଘାଗଡ଼ା ମାଳି, କଦମ୍ବ ମାଳି, ବାହାଡ଼ା ମାଳି, ବାଘନଖ ମାଳି, ସେବତୀ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି ରେ ସଜେଇ ହେଉଥିବା ବେଳେ ଦେବୀ ସୁଭଦ୍ରା କିରୀଟ, ଓଡ଼ିଆଣୀ, କାନ, ଚନ୍ଦ୍ରସୂର୍ଯ୍ୟ, ତଗଡ଼ି-୨ଟି, ସେବତୀ ମାଳି, ଘାଗଡ଼ା ମାଳି, କଦମ୍ବ ମାଳି ଆଦି ଅଳଙ୍କାରରେ ଶୋଭା ପାଇଥାନ୍ତି।

ବାସ୍ତବରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ବେଶମଧ୍ୟରେ 'ସୁନାବେଶ' ଅନ୍ୟତମ, ଯାହାକି ଅତ୍ୟନ୍ତ ଉପଭୋଗ୍ୟ ତଥା ଆକର୍ଷଣୀୟ। କହିବାକୁ ଗଲେ ମହାପ୍ରଭୁଙ୍କ ସକଳ ବେଶରେ ମାଧୁର୍ଯ୍ୟ ଲାବଣ୍ୟ ପ୍ରକଟିତ ହେଉଥିବା ସ୍ଥଳେ କେବଳ ସୁନା ବେଶରେ ଐଶ୍ୱର୍ଯ୍ୟ ପ୍ରାବଲ୍ୟ ପରିସ୍ଫୁଟ ହୋଇଥାଏ। ଶ୍ରୀମନ୍ଦିରସ୍ଥ ରତ୍ନ ସିଂହାସନ ଉପରେ ଶ୍ରୀବିଗ୍ରହମାନେ ବିଭିନ୍ନ ତିଥିରେ ଯଥା କାର୍ତ୍ତିକ ପୂର୍ଣ୍ଣମୀ, କୁମାର ପୂର୍ଣ୍ଣମୀ, ଦୋଳ ପୂର୍ଣ୍ଣମୀ, ଦଶହରା ( ବିଜୟା ଦଶମୀ) ପ୍ରଭୃତି ଦିବସ ମାନଙ୍କରେ ରାଜବେଶ, ରାଜ ରାଜେଶ୍ୱର ଇତ୍ୟାଦି ସୁନାବେଶରେ ସଜ୍ଜିତ ହେଉଥିଲେ ହେଁ ଶ୍ରୀଗୁଣ୍ଡିଚା ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଅର୍ଥାତ୍ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାରଠାରେ ଦଣ୍ଡାୟମାନ ଥିବା ତ୍ରିରଥ ଉପରେ ଆକର୍ଷଣୀୟ ସୁନାବେଶ ହୋଇ ଲକ୍ଷ ଲକ୍ଷ ଭକ୍ତଙ୍କ ସମ୍ମୁଖରେ ଦର୍ଶନ ଦେଇଥାନ୍ତି।

ଏହି ସୁନାବେଶ ପ୍ରଚଳନର ଇତିହାସ ସଂପର୍କରେ ଜଣାଯାଏ ଯେ, ଓଡ଼ିଆ ଜାତିର ପରମାରାଧ ଶ୍ରୀଗଜନ୍ନାଥଙ୍କୁ ରାଷ୍ଟ୍ର ଦେବତାରୂପେ ସ୍ୱକାର କରି ଏ ରାଜ୍ୟର ରାଜା ମହାରାଜାମାନେ ସ୍ୱଂୟ ରାଉତ ବା ଆଦେଶ ବାହକ ରୂପେ ମହାପ୍ରଭୁଙ୍କ ସେବା ନିର୍ବାହ କରିଥିବାର ପ୍ରମାଣ ଶିଳାଲେଖରେ ଉଲ୍ଲେଖ ଅଛି। ତୃତୀୟ ଅନଙ୍ଗ ଭୀମ ଦେବ ( ୧୨୧୧-୧୨୩୮) ଶ୍ରୀଜଗନ୍ନାଥଙ୍କୁ ଉତ୍କଳର ପ୍ରକୃତ ରାଜା ଓ ନିଜକୁ ତାଙ୍କର ଜନୈକ ଅକିଞ୍ଚନ ସେବକ ଭାବେ ସର୍ବପ୍ରଥମେ ଘୋଷଣା କରିଥିଲେ। ପରେ ତାଙ୍କ ପୁତ୍ର ଲାଗଙ୍ଗୁଳା ନରସିଂହ ଦେବ ( ୧୨୩୮-୧୨୬୪) ମଧ୍ୟ ନିଜକୁ ପୁରୁଷୋତ୍ତମ ପୁତ୍ର ଭାବେ ଅବିହିତ କରିଥିଲେ। ଭାନୁଦେବ ତୃତୀୟ ( ୧୩୦୮-୧୩୨୮) ଶ୍ରୀଜଗନ୍ନାଥଙ୍କୁ ରାଜାଧିରାଜ ରୂପେ ସ୍ୱୀକାର କରି ମହାପ୍ରଭୁଙ୍କ ନାମରେ ଅଙ୍କ ଗଣନା ଆରମ୍ଭ କରିଥିଲେ। ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ ( ୧୪-୩୫-୧୪୬୬) ଶ୍ରୀଜଗନ୍ନାଥଙ୍କୁ ଜାତୀୟ ଦେବତାରୂପେ ପ୍ରଚାରିତ କରି ନିଜକୁ ତାଙ୍କର ସେବକ ସ୍ୱୀକାର କରିଥିଲେ। ଏପରିକି ଅନଙ୍ଗଭୀମ ଦେବ ଓ ପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କୁ ଓଡ଼ିଶାର ରାଜା ରୂପେ ମାନ୍ୟତା ପ୍ରଦାନ ପୂର୍ବକ ଉଭୟ ଦୁଇବର୍ଷ ଧରି ଅଭିଷେକ ହୋଇନଥିଲେ। କେତେକ ଗବେଷକଙ୍କ ମତରେ ରଥ ଉପରେ ଠାକୁରମାନଙ୍କ ଏହି ବେଶର ନାମ ବଡ଼ ତଢ଼ାଉ ବେଶ।

ବଡ଼ତଢାଉ ବେଶ ମତରେ କପିଳେନ୍ଦ୍ର ଦେବ ୧୪୬୦ରେ ଦକ୍ଷିଣ ବିଜୟରୁ ଫେରିବା ବେଳେ ୧୬ଟି ହାତୀ ପିଠିରେ ବୋଝେଇ ସୁନାଅଳଙ୍କାର ଆଣିଥିଲେ ସ ଏହାକୁ ମହାପ୍ରଭୁଙ୍କୁ ସମର୍ପଣ କରିଥିବା ନେଇ ଜୟବିଜୟ ଦ୍ୱାରସ୍ଥିତ ଶିଳାଲେଖରେ ସୂଚନା ରହିଛି। ଅଳଙ୍କାର ସମ୍ପର୍କରେ ରାଜା ବଡ଼ତଢାଉଙ୍କ ପରାମର୍ଶ ନେଇଥିଲେ। ରତ୍ନବେଦିରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁବର୍ଗରେ ଭକ୍ତ ଦର୍ଶନ କରି ପାରୁନାହାନ୍ତି। ତେଣୁ ରଥ ଉପରେ ସବୁବର୍ଗର ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରେଇବାକୁ ବଡ଼ତଢାଉ ରାଜାଙ୍କୁ ବିନତି କରିଥିଲେ। ବଡ଼ ତଢ଼ାଉଙ୍କ ଶ୍ରଦ୍ଧା ଓ ଅନୁରୋଧକ୍ରମେ କପିଳେନ୍ଦ୍ର ଦେବ ବଡ଼ ତଢ଼ାଉ ନାମକ ଏକ ପ୍ରକାର କଣ୍ଠମାଳା ସମେତ ଶ୍ରୀଭୁଜ, ଶ୍ରୀପୟର, ରତ୍ନ ପଦକ, ରତ୍ନ କିରୀଟ, କାନଫୁଲ, ମର୍କତ ମୁକୁଟ, ପଦ ପଲ୍ଲବ, ମୁଦି, କଣ୍ଠିମାଳ, ମର୍କତ କାଉଁଳି, ବଳା, ବାହୁଟି, କାନ୍ତି ଜରକବର, କଟି ମେଖଳା, ପ୍ରଭୃତି ୧୩୮ ପ୍ରକାରର ରତ୍ନ ଖଞ୍ଜିତ ସ୍ୱର୍ଣ୍ଣାଳଙ୍କାର କରି ପ୍ରଥମ ରଥ ଉପରେ ମହାପ୍ରଭୁମାନଙ୍କ ଲାଗି ସୁନାବେଶ କରାଇଥିଲେ ବୋଲି କିମ୍ବଦନ୍ତୀ ରହିଛି।

ଦକ୍ଷିଣାଭିମୁଖୀ ଯାତ୍ରାରେ ତିନି ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନାବେଶ କରିବାକୁ ରାଜା ଅନୁମତି ଦେଇଥିଲେ। ଅଦ୍ୟାବଧି ଏହି ପରମ୍ପରା ଅନୁଯାୟୀ ରଥ ଉପରେ ଠାକୁରମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇ ଆସୁଛି। ବଡ଼ ତଢ଼ାଉଙ୍କ ଅଳିକୁ ସମ୍ମାନ ଦେଇ ସେହି ଦିନଠାରୁ ଏହି ସୁନାବେଶ 'ବଡ଼ ତଢ଼ାଉ ବେଶ' ନାମରେ ନାମିତ ହୋଇଛି। ଅନ୍ୟ ଅର୍ଥରେ ମଧ୍ୟ ସୁନା ବେଶ, ଯାହାକୁ "ରାଜାଧିରାଜ ବେଶ ' ମଧ୍ୟ କୁହାଯାଏ। ଅତୀତରେ ଓଡ଼ିଶାର ବହୁ ରାଜା, ଜମିଦାର ଓ ସାମନ୍ତ ବର୍ଗ ଶ୍ରୀମନ୍ଦିରକୁ ଆଗମନ ପୂର୍ବକ ଦାରୁବ୍ରହ୍ମ ରୂପୀ ଶ୍ରୀବିଗ୍ରହମାନଙ୍କର ଏହି ରାଜ ବେଶ ଦର୍ଶନରେ ପରମ ସନ୍ତୋଷ ଲାଭ କରିବା ସଙ୍ଗେ ସଙ୍ଗେ ଠାକୁରମାନଙ୍କର ଉଦ୍ଦେଶ୍ୟରେ ନାନାଦି ରତ୍ନ ଅଳଙ୍କାର ଦାନ କରୁଥିଲେ। ମୟୂରଭଞ୍ଜର ରାଜା ଓ ପାରଳାଖେମୁଣ୍ଡି ରାଜ୍ୟର ଗଜପତିମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଠାକୁରମାନଙ୍କ ରାଜରାଜେଶ୍ୱର ବେଶ ଦର୍ଶନ କରି ମହାପ୍ରଭୁଙ୍କୁ ସୁନିଆ ଭେଟିଦେଇ ମହୋତ୍ସବ କରାଉଥିବା ଜଣାଯାଏ।

ଉତ୍କଳର ରାଜା ସାମନ୍ତରାଜାଙ୍କ ପକ୍ଷେ ଏହି ବେଶ ଅତ୍ୟନ୍ତ ପବିତ୍ର ଓ ଦର୍ଶନୀୟ ଥିଲା କେବଳ ନୁହେଁ ମୋକ୍ଷ ପ୍ରାପ୍ତିର, ସକଳ ବର୍ଗର, ଭକ୍ତଙ୍କ ମୋକ୍ଷ ଓ ପୁଣ୍ୟ ପ୍ରାପ୍ତି ନିମନ୍ତେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ। ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନା ବେଶ ଅନୁଷ୍ଠିତ ହୋଇଥାଏ..!!!


ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ- ୪
ମୋ:୯୦୪୦ ୧୫୧୪୭୫




## ଧ୍ୟାନମୂଳଂ ଗୁରୁମୂର୍ତ୍ତିଂ, ପୂଜାମୂଳଂ ଗୁରୁପାଦଂ...

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆଜି ଆଷାଢ଼ ମାସ ପୂର୍ଣ୍ଣିମା ତିଥି। ଏହି ତିଥିକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ। ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଥିବା ଯୋଗୁଁ ଗୁରୁଙ୍କ ଭଗବାନର ସ୍ଥାନ ଦିଆଯାଇଛି। କାରଣ ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି। ସେମାନଙ୍କୁ ଅଜ୍ଞାନର ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି। ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ। 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ। ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା। ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି। ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ଗୁରୁ ବେଦ ବ୍ୟାସଜୀଙ୍କ ଜନ୍ମ ହୋଇଥିଲା। ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ। କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି। ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହାଯାଏ। ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇଯାଇଥାଏ। ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି। ହିନ୍ଦୁ ଧର୍ମ ଗ୍ରନ୍ଥରେ ଗୁରୁଙ୍କ ଭଗବାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ବୋଲି କୁହାଯାଇଛି। ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ମଧ୍ୟ ବାଟ ଦେଖାଇଥାନ୍ତି।

ଏହି ପ୍ରସଙ୍ଗରେ ଯୁଗାବତାର ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗୁରୁ ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି 'ବିପାକ ପଥରେ ହାତ ଧରି ଯିଏ ଚାଲିବା କୌଶଳ ଶିଖାଇ ଦିଅନ୍ତି, ତାଙ୍କୁ ହିଁ ଜାଣିବ ଗୁରୁବୋଲି ଅଭୟ ପଥରେ ସେ ହିଁ ନିଅନ୍ତି।' ଗୁରୁଙ୍କ ଶ୍ରୀଚରଣରେ ସୃଷ୍ଟିସ୍ଥିତି ଓ ପ୍ରଳୟର ସମସ୍ତ କୌଶଳ ଓ ଜ୍ୟୋତି ସନ୍ନିବେଶ ହୋଇ ରହିଛି। ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର କହିଛନ୍ତି 'ଯୁଗପୁରୁଷ ଆବିର୍ଭାବେ, ଦେବଶକ୍ତି-ସିଦ୍ଧଶକ୍ତି, ଅତି-ଦୈହିକସମାହାରେ ତାଙ୍କଠି ପୂରଣ ଅଭିବ୍ୟକ୍ତି, ଯେତେକ ତନ୍ତ୍ର ବ୍ରାହ୍ମୀ ମନ୍ତ୍ର, ସାର୍ଥକତାର ଲଭେ ଯନ୍ତ୍ର, ଯବକାଚରେ ସୂର୍ଯ୍ୟ-ରଶ୍ମୀ ଯେଭଳି ସ୍ୱଭାବ ସଂହତି।' ଗୁରୁଙ୍କ ନିକଟରେ ଶିଷ୍ୟର ସମସ୍ତ କଷ୍ଟ ଦୂର କରିବାର କ୍ଷମତା ରହିଛି। ବୈଦିକ ମାନ୍ୟତା ଅନୁଯାୟୀ ଗୁରୁଶକ୍ତି ସର୍ବୋଚ୍ଚ ତଥା ସମ୍ମାନନୀୟ। ଗୁରୁଙ୍କ ଅସ୍ତିତ୍ୱ କେବଳ ଭୌତିକ ଶରୀର ଭିତରେ ସୀମିତ ନଥାଏ, ବରଂ ଦିବ୍ୟ ଚେତନା ପର୍ଯ୍ୟନ୍ତ ଏହି ଶକ୍ତି ବ୍ୟାପ୍ତ ଥାଏ। ସେଥିପାଇଁ ଗୁରୁଙ୍କୁ ପରମାତ୍ମାଙ୍କ ସହିତ ସମାନ ସ୍ଥାନ ଦିଆଯାଇଛି। କୁହାଯାଇଛି - 'ଧ୍ୟାନମୂଳଂ ଗୁରୁମୂର୍ତ୍ତିଂ, ପୂଜାମୂଳଂ ଗୁରୁପାଦଂ, ମନ୍ତ୍ରମୂଳଂ ଗୁରୁବାକ୍ୟ, ମୋକ୍ଷଂମୂଳ ଗୁରୁକୃପା'। ଆଲୋଚନା ପ୍ରସଙ୍ଗରେ ଜଗତ୍‌ଗୁରୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି- ଗୁରୁ ସର୍ବସ୍ୱ ଓ କେନ୍ଦ୍ରାନୁଗ ଆକର୍ଷଣ ଏକାନ୍ତ ଆବଶ୍ୟକ। ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡ - ଗ୍ରହ-ନକ୍ଷତ୍ର-ତାରା, କ୍ଷିତି-ଅପ୍-ତେଜ-ମରୁତ୍-ବ୍ୟୋମ, ଗଛ-ଲତା, ପଶୁ-ପକ୍ଷୀ, ମନୁଷ୍ୟ, ତୁମେ ଓ ମୁଁ - ନାନା ପର୍ଯ୍ୟାୟରେ, ନାନା ସ୍ତରରେ, ନାନା କ୍ରମରେ ସେହି କେନ୍ଦ୍ରାନୁଗ ଆକର୍ଷଣର ପ୍ରତିଫଳନ। ସଦ୍‌ଗୁରୁଙ୍କୁ ଗ୍ରହଣ କରି ତାଙ୍କର ନିର୍ଦ୍ଦେଶାନୁସାରେ ବିହିତ ଭାବରେ ସାଧନ କଲେ ଏହାର ରହସ୍ୟ ଧୀରେ ଧୀରେ ଫୁଟି ଉଠେ - ସବୁକିଛି ଆଖିରେ ଦେଖାଯାଏ ଓ କାନରେ ଶୁଣାଯାଏ। ଏହା ହିଁ ବିଜ୍ଞାନ।

ଗୁରୁପୂଜା ପରମ୍ପରା ମୁଖ୍ୟତଃ ଗୁରୁଙ୍କ ପୂଜା କରିବା ଓ ଭକ୍ତି ପ୍ରଦାନ ଦିଗରେ ଉତ୍ସର୍ଗୀକୃତ। ଏହି ସଂସ୍କୃତ ଶବ୍ଦ ଗୁରୁ ଶବ୍ଦଟିର ଦୁଇଟି ଅକ୍ଷରର ଅର୍ଥ ବିଶେଷ ଗୁରୁତ୍ୱ ବହନ କରେ। 'ଗୁ'ର ଅର୍ଥ ଅଜ୍ଞାନ ବା ଅନ୍ଧକାର। ଆଉ 'ରୁ' ଅର୍ଥ ଲିଭେଇଦେବା ବା ଦୂରେଇ ଦେବା। ଅର୍ଥାତ୍ ଅଜ୍ଞାନ ବା ଅନ୍ଧକାରକୁ ଯିଏ ଦୂରେଇ ଦିଅନ୍ତି ସେ ଗୁରୁ ପଦବାଚ୍ୟ। ଗୁରୁ ପୂର୍ଣ୍ଣିମା ବା ବ୍ୟସା ପୂର୍ଣ୍ଣିମା ଆଷାଢ଼ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ। ମୁଖ୍ୟତଃ ହିନ୍ଦୁ, ବୌଦ୍ଧ ଓ ଜନୈନ ଧର୍ମାବଲମ୍ବୀମାନେ ଏହି ପର୍ବଟିକୁ ମହା ଆଡ଼ମ୍ବରରେ ପାଳନ କରିଥାନ୍ତି। ଭାରତ ବ୍ୟତୀତ ନେପାଳରେ ମଧ୍ୟ ଏହି ପର୍ବଟିର ପାଳନ ପରମ୍ପରା ରହିଛି। ଉତ୍ତର ପ୍ରଦେଶରେ ବୌଦ୍ଧ ଧର୍ମାବଲମ୍ବୀମାନେ ଗୌତମ ବୁଦ୍ଧଙ୍କ ପାଇଁ ଏହି ପର୍ବ ପାଳନ କରିଥାନ୍ତି। ଯୋଗୀ ପରମ୍ପରା ଅନୁଯାୟୀ ଭଗବାନ ଶିବ ହେଉଛନ୍ତି ପ୍ରଥମ ଗୁରୁ। ତେଣୁ ଯୋଗୀମାନେ ଶିବଙ୍କୁ ଆଦିଗୁରୁ ଭାବେ ପୂଜା କରିଥାନ୍ତି। କିନ୍ତୁ ହିନ୍ଦୁ ଋଷି, ସାଧୁ, ସନ୍ଥମାନେ ବ୍ୟାସଦେବଙ୍କୁ ଗୁରୁ ଭାବରେ ପୂଜା କରିଥାନ୍ତି। ବ୍ୟାସଦେବଙ୍କ ଆଲୋକ ବର୍ତ୍ତିକାରେ ସପ୍ତଋଷିଗଣ ସୃଷ୍ଟି ହୋଇଥିଲେ। ତେଣୁ ହିନ୍ଦୁମାନେ ବ୍ୟାସଦେବଙ୍କୁ ମହାନ ଗୁରୁ ଭାବରେ ପୂଜା କରନ୍ତି। ପ୍ରାଚୀନ କାଳରୁ ଏହି ଗୁରୁ ଶିଷ୍ୟ ପରମ୍ପରା ଚାଲିଆସୁଛି। ଏହି ଦିନଟିରେ ଗୁରୁ ଶିଷ୍ୟମାନଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟିହୁଏ।

ମହର୍ଷି ବେଦବ୍ୟାସ ଭବିଷ୍ୟତର ପୁରାଣରେ ଗୁରୁ ପୂର୍ଣ୍ଣିମା ବିଷୟରେ ଲେଖିଛନ୍ତି - 'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)




### ସୁନାବେଶ

**ନୀଳମଣି ଚାନ୍ଦ**

ସମସ୍ତବର୍ଗର ଭକତ ଯେମିତି
ରଥରେ ପାରିବେ ଦେଖି
ବାହାରରେ ହୁଏ ଦିଅଁମାନଙ୍କର
ସୁନାବେଶଟି ଯେ ଏକି।

ତିନିରଥ ଜନ୍ମବେଦୀରୁ ଲେଉଟି
ଥିଲେ ଆସି ସିଂହଦ୍ୱାର
ହରିଶୟନ ଏକାଦଶୀ ତିଥିରେ
ବେଶ ହୁଏ ପ୍ରଭୁଙ୍କର।

ମହଣ ମହଣ ସୁନା ଆଭୂଷଣ
ନିଏ ଭକ୍ତ ମନ ଜିଣି
କିରିଟ, ଶ୍ରୀଭୁଜ କେତେ ଅଳଙ୍କାର
କିଏ ବା ପାରିବ ଗଣି।

ସୁନାବେଶ, ବଡ଼ ତଢାଉବେଶ ଏ
ରାଜବେଶ କହେ କିଏ
ଅତି ପରିଚିତ ସୁନାବେଶ ଭାବେ
ଜଣାଯାଇଥାଏ ସିଏ।

ଆମ ଦିଅଁ ସୁନା, ତାଙ୍କ ସୁନାବେଶ
ଯାଏ ସଭି ମନ ଛୁଇଁ
ଏତିକି ପ୍ରାର୍ଥନା କରିଦିଅ ଦିଅଁ
ସୁନାର ଓଡ଼ିଶା ଭୂଇଁ।


ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


### ସେଇ ଅଭିମାନ...

**ସୁଜିତ୍ କୁମାର ମିଶ୍ର**

ହୁଏ ପଛେ ମୁହିଁ ପରଦେଶୀ ବନ୍ଧୁ
ହୃଦୟଟି ତମ ପାଶେ,
ଉଡିବି କେମିତି ତମେ ତ ବାନ୍ଧିଛ
ଉଚ୍ଛ୍ୱସିତ ଭାବ ଫାଶେ।

ଦୂରେ ଥିଲେ ଥାଏ ଦରଦୀ ମନ ମୋ
ମୋହଗ୍ରସ୍ତ ତମପାଇଁ
ଆଖି ଆଇନାରେ ଦେଖେ ତେଣୁ ସଖୀ
ମିଠା ଅନୁରାଗେ ଛୁଇଁ।

ପରଦେଶୀ ନୁହେଁ ପ୍ରେମିକ ଶଶୀ ମୁଁ
ତମ ନୀଳ ଆକାଶରେ,
ଖୋଜ ଭିଜି କେବେ ନିଜଠୁ ଦୂରେଇ
କଇଁ ହୋଇ ଶରଧାରେ।

ଆସୁଛ ଯାଉଛ ଜୀବନରେ ମୋର
ଅଶ୍ରୁ ଅନୁରାଗ ଢାଳି,
ବୋଧେ ସେଥିପାଇଁ ଜଳୁଛି କେବେ
ମୁଁ
ଭାବ ବେଳାଭୂମି ପରି।

ସକାଳଠୁ ସଞ୍ଜ ମନ ଆକାଶରେ
ତମେ ଯେବେ ଦେଖାଦିଅ,
ଅଭିମାନ ସବୁ ଭାଙ୍ଗିରୁଜି ହୁଏ
କାକରର ମିଠା କୋହ।

ତମ ଅଭିମାନ ଆଉ କିଛି ନୁହଁ
ସବୁ ବିରହର ତାତି,
ସେ ତାତି ବୋଲିଛି ଜୀବନେ ବୋଲି
ତ
ସାଉଁଟୁଛି ଜହ୍ନରାତି।

ସେଇ ଅଭିମାନ ଶିହରଣ ନଇ
ଶ୍ରାବଣ ମୋ ବଇଶାଖେ,
ଝୁରି ଝୁରି ତେଣୁ ବିଜନେ ତମକୁ
ଝରକା ଫାଙ୍କରୁ ଦେଖେ।


ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨


### ମଉସୁମୀ ଖିଲି ଖିଲି

**ରାହାସ କୁମାର ବେହେରା**

ମଉସୁମୀ ଖିଲି ଖିଲି
ଲୁଚି ଚାହେଁ ମିଳି ମିଳି
ବାଜେ ରୁମଝୁମ ପାଉଁଜି ତା'
ଶୁଦ୍ଧ ତାଳରେ,
ଭିଜାଏ ମୋ ଛାତି ତଳ
ଶରୀରଟା ଟଳମଳ
ଆନନ୍ଦରେ ନାଚେ ଗାଏ ମନ
ମୁଗ୍ଧ ବେଳରେ।

ଆଶ୍ୱସ୍ତିର ଗପସପ
ଝରେ ବାରି ଟପ ଟପ
ଆକାଂକ୍ଷା ଚାତକ ଶୋଷ ମାରେ
ଆକାଶ କୋଳେ,
ସ୍ୱପ୍ନ ଭରେ ନାନା ରଙ୍ଗେ
ପ୍ରୀତି ପ୍ରିୟା ଅଙ୍ଗେ ସଙ୍ଗେ
ଇନ୍ଦ୍ରଧନୁ କାମ ବାଣେ ହଜି
ସଂଶୟ ଟାଳେ।

ଜୀବନଟା ମିଠା ମିଠା
ସଂପର୍କଟା ଅଠା ଅଠା
କେକୀ ଟେକି ପୁଚ୍ଛ କଳା ମେଘେ
ଆନନ୍ଦେ ରଟେ,
ବଦଳି ଯାଇଛି ପାଗ
ଆସିଛି ଅପୂର୍ବ ଯୋଗ
ଦିବ୍ୟ ଉଦ୍ଦୀପନା ଶୋଭା ଝରେ
ସବୁରି ଘଟେ।

ନବ ବଧୂର ସଜବାଜ
ଓଦା ମୁଖେ ରୂପ ତେଜ
ମୁଲାୟମ ଗୋଲାପୀ ବାସରେ
କେଡେ ସୁନ୍ଦର,
ଠୁମକ ଠୁମକ ଚାଲି
ଓଢଣୀ ଯାଇଛି ଖୋଲି
ପ୍ରକୃତି ରଚିଛି ମାୟା ଆହା
ଲାଗେ ହୁନ୍ଦର।

ଶୁଭିଲାଣି କାଆ କାଆ
କ୍ଷେତ ଦିଶେ ନୂଆ ନୂଆ
ହଳୁଆ ସଙ୍ଗୀତ ଗାଏ ଚାଷି
କରିବ ହଳ,
ଅମୃତ ବର୍ଷଣ ଠାଣି
ସଂପର୍କକୁ ଆଣେ ଟାଣି
ବରଷୁଛି ସ୍ୱପ୍ନ ସବୁ ମେଘୁ
ହୋଇଣ ଜଳ।


ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ : ୯୪୩୮୧୧୪୩୬୮

## ବରଷା ଭିଜାଏ ଓ ଶବ୍ଦରେ ଲୁଚାଏ
### ପୁନମ୍ ମାଝୀ

କିଏ କହିଲା ବରଷା ଭିଜାଏନା
ବରଷା ଭିଜାଏ
ଗ୍ରୀଷ୍ମରେ ବଡ଼ ବଡ଼ ଫାଟ ଥିବା
ସେହି ମାଟିକୁ,
ପୂରଣ କରେ ଶୁଖି ଯାଉଥିବା ସେହି
ଗଛର ଶୂନ୍ୟସ୍ଥାନକୁ,
ଭିକାରୀ, ଭିକାରୁଣୀ
ଆଞ୍ଜୁଳା ପାତିଥିବା ପରି
ସେହି ନଦୀ ନାଳ ହ୍ରଦ ପୋଖରୀକୁ,
ଅକ୍ତିଆର କରିନିଏ
ତା ଟିପ୍‌ଟାପ୍ ଧ୍ୱନିରେ
ଦୁଃଖୀ ମଣିଷ ପାଟିରୁ ବାହାରୁ ଥିବା
କୋହ ଓ ଯନ୍ତ୍ରଣାର ବ୍ୟଥାକୁ,
ଗୋଟେ ପରିବାରର ଅଶାନ୍ତି, ଗଣ୍ଡଗୋଳ
ଆଉ କୋଳାହଳକୁ ।

ଚୋରି କରୁଥିବା ଜଣେ ଚୋରର
ଚିଟ୍‌ଚାଟ୍ ତା ପାଦ ଶବ୍ଦକୁ,
ଘର ବୋହୂର ପାଉଁଜି, ଚୁଡ଼ିର ଛ
ମ୍ଛାମ୍, ଝୁମ୍‌ଝାମ୍ ଶବ୍ଦକୁ,
ରାଗରେ ଫିଙ୍ଗା ଫୁଙ୍କି କରୁଥିବା ସେହି
ବାସନ ଗୁଡିକର ଧ୍ୱନିକୁ,
ଜଣେ ପଢୁଥିବା ମଣିଷ ବସି ଓଲଟାଉ ଥିବା
ତା ଖାତାର ଫର୍ଦ୍ଦକୁ,
ମୋ ବାପା ବସି ଗାଉଥିବା
ସେହି ଗୁଣୁ ଗୁଣୁ ଗୀତକୁ,
ଅପରାହ୍ଣହୀନ ପାଉଁଶିଆ ସଞ୍ଜରେ,
କପେ ଚା'ରୁ ଉଠୁଥିବା ବାମ୍ଫରେ,
ଆଉ ଧୂଆଁ ସବୁକୁ ନିଜେ
ବର୍ଷା ଟୋପା ଓ କୁହୁଡି ପରି ଧଳା ଝାପ୍ସା
ଭିତରେ ଅପହରଣ କରିନିଏ,
ତା ସହ ଭିଜାଏ ଶବ୍ଦରେ
ଲୁଚାଇ ଦିଏ ସବୁକିଛିକୁ,
ଯେମିତି କେହି ଜାଣି ନ ପାରିବେ,
ବର୍ଷା ଭିଜାଉଥିଲା ଓ ତା ଶବ୍ଦରେ
ଲୁଚାଉଥିଲା
ଆଉ ଭିଜାଉଥିବ ଲୁଚାଉଥିବ ବି।

❤ କୁରୁଗୁଡା,
ଜୁନାଗଡ଼ (କଳାହାଣ୍ଡି)



## ହୃଦୟର ପ୍ରଥମ ସ୍ୱର
### ଡ. ଦୀପକ କୁମାର ମିଶ୍ର

ସେଦିନର ସମର୍ପିତ ମନର ବିଶ୍ୱାସକୁ
ଆଜି କୁହ ଏକ ଭୁଲ ନିଷ୍ପତି
ମନ ପରିବର୍ତ୍ତନ ହୋଇଚି ନା ମତ
ବୁଝିବା କଷ୍ଟକର ।

ମନପକ୍ଷୀକୁ ପଞ୍ଜୁରିରେ ରଖିହୁଏନା
ସେ ଛୁଇଁବାକୁ ଚାହେଁ ଦିଗବଳୟ
ଲୟର ବିଲକ୍ଷଣରେ
ନା ଶେଷ ହୁଏ ଦୃଷ୍ଟି
ନା ଅନନ୍ତ ଦିଗନ୍ତ
ତଥାପି ତୁମ ମୋ ଭିତରେ
ଥିବା ଆନ୍ତରିକତାରେ ଅନ୍ତରିକ୍ଷେ ଦୂରତା
ପ୍ରେମରେ ନୁହେଁ ବରଂ ବୁଝାମଣାରେ ।

ଚାଲ ଆଜି ପୁଣି
ପାରସ୍ପରିକ ଯତ୍-କିଞ୍ଚିତ ଆପୋଷ
ଅନୁରାଗର
ବୈଶିଷ୍ଟ୍ୟଗୁଡିକର ତର୍ଜମା କରିବା
ପ୍ରେମର ଏକ ନୂଆ ସ୍ମରଣିକାଟେ
ଉନ୍ମୋଚନ କରିବା ।

ଶରୀର, ମନ ଓ ହୃଦୟ
ମଧ୍ୟରେ ଅହରହ ଦ୍ୱନ୍ଦ୍ୱଯୁଦ୍ଧ
ତଥାପି ଯୌବନର ପ୍ରଥମ ସୋପାନରେ
ହୃଦୟର ପ୍ରଥମ ସ୍ୱରରେ
ଏତେ ଅବିଶ୍ୱାସ କାହିଁକି ଯେ !!!

❤ ଭୁବନେଶ୍ୱର
(ମୋ) ୮୨୮୦୨୧୧୦୦୦

## କବିଟିଏ ମରିଗଲା ପରେ
### ପ୍ରଭାତ କୁମାର ନାୟକ



ମୁଁ ଦିନେ ଚାଲିଯିବି ବହୁଦୂର
କେଉଁ ଏକ ଅଜଣା ପଥରେ,
ସେ ପଥରେ ଥିବ ଖାଲି
ଯିବାର ଯେ ପଦଚିହ୍ନ
ଫେରିବାର ଚିହ୍ନବର୍ଣ୍ଣ ନ ଥିବ
ସେଥିରେ....

ଯେତେ ମୋତେ ଖୋଜିଲେ ବି
ପାଇବନି ହଜିଜିବି କେଉଁ ଏକ
ଅଜଣା ରାଜ୍ୟରେ,
ଆକାଶର ତାରା ହୋଇ
ମିଞ୍ଜି ମିଞ୍ଜି ଜଳୁଥିବି
ତୁମେ ଖାଲି ଚାହିଁଥିବ ଅପଲକ ନୟନରେ
ନିଶବ୍ଦ ନିଶିରେ..

ଦୁଇ ବୁନ୍ଦା ଆଖି ଲୁହ ଢାଳି ତୁମେ
କହୁଥିବା ହାଏ.. କବିଟିଏ ଚାଲି ଗଲା
ଅଦିନ ଝଡ଼ରେ...!

ମୋ କବିତା ଦୁଇ ଧାଡ଼ି
ପଢୁଥିବ ମନେ ତୁମ
ଯାହା ଦିନେ ଲେଖିଥିଲି ତୁମରି
ନାଆଁରେ....

ଭୁଲିଯିବ ପଛ କଥା, ମନେ ତୁମ
ଦେଇଥିବି ଯଦି କେବେ ଦୁଃଖ ଓ
ବେଦନା ,
ରାଗ ଅଭିମାନ ସବୁ
ତୁମ ମନୁ ଖଇ ଓ କଉଡ଼ି ପରି
ବୁଣି ଦେବ
ମୋର ସବୁ ଯିବା ପଥେ
ହୋଇ ଗୋ ଅଜଣା...

ଜନନୀ ଭଗିନୀ ବନ୍ଧୁ ଜାୟା ପୁତ୍ର
ଯେତେ ସବୁ ସମ୍ପର୍କର ଖିଅ ,
ଏ ଦୁନିଆ ରଙ୍ଗ ମଞ୍ଚେ ଲାଗେ ସବୁ
ମୋତେ ଖାଲି ମାୟା ଜାଲ, ମରୀଚିକା,
ମିଛ ଅଭିନୟ ...

ଜାଣେନାହିଁ ଏ ଦୁନିଆ ରଙ୍ଗମଞ୍ଚେ
ଅଭିନୟ କେତେ ଠିକ୍ କେତେ ଭୁଲ୍ କଲି,
ମିଛ ଏହି ଅଭିନୟ କରୁ କରୁ
ମୋ ଆଖିର ସତ ଲୁହ କେତେ ମୁଁ
ପିଇଲି....!

ସବୁ କିଛି ଛାଡି ଦେଇ ଗଲା ପରେ
ମୋ ନିଜର ବୋଲି ଯାହା ଦୁନିଆ ବୁକୁରେ,
ମୋର ଏହି ଗୀତ ଓ କବିତା ସବୁ
ସ୍ମୃତି ହୋଇ ରହିଥିବ ତୁମ ହୃଦୟର ନିଭୃତ
କୋଣରେ.....

❤ ଚେନ୍ନାଇ, ତାମିଲନାଡୁ
ମୋ - ୮୧୨୨୮୦୩୨୪୬

## ଯା'...
### ପୁଷ୍ପାଞ୍ଜଳି ପଣ୍ଡା



ଯା ବାହାରି ଯା ଏ ଖଣ୍ଡ ମଣ୍ଡଳରୁ ।

ଧୋବଫରଫର ଆକାଶକୁ
କଅଁଳିଆ ସୁନେଲି ଖରାକୁ
ଝର ଝର ବର୍ଷାକୁ
ସାଇଁ ସାଇଁ ଥଣ୍ଡା ପବନକୁ
ତୋଫା ତୋରା ଜହ୍ନ ରାତିକୁ
ନୀଳନୀଳ ନଦୀଜଳକୁ
ଭିଜା ମାଟିର ଗନ୍ଧକୁ
ଆଖି ଲାଖିଲା ପରି
ମନ ଛୁଇଁଲା ଭଳି ଯେତେ ଯାହା
ଆପଣାର ସବୁକୁ
ଆଉ ଉଡେଇ ବୁଡ଼େଇ ନଦେଇ,
ବରଂ ସାଙ୍ଗରେ ବାନ୍ଧି ନେଇଯା ।

ଏଠି ନିଃସଙ୍ଗ ଏକଲାପଣ
ଘେରି ରହିଛି ଚାରିଆଡ଼କୁ।
ଡ଼ହ ଡହ ତତଲା ଖରାରେ
ପୋଡିଯାଉଥିବା ପୃଥିବୀର
ବିଷାକ୍ତ ବଳୟକୁ ।

ଯା ନେଇ ଯା ଏସବୁକୁ।
ମାଟି ପାଣି ପବନକୁ ମୁକ୍ତ କରିଦେ,
ମୁକ୍ତ ହେଲେ ତ ଯୁକ୍ତ ହେବ
ସ୍ୱପ୍ନ ସମ୍ଭାବନାର ବୀଜ ..!
ଅଙ୍କୁରିତ ହେବ ନୂଆ ଏକ ପୃଥିବୀ।

ଯିବା ପୂର୍ବରୁ ପାରିବୁ ତ
ଅଭିମନ୍ତ୍ରିତ କରି ପ୍ରେମରେ
ସିଞ୍ଚି ଦେ ଟିକେ ପବିତ୍ର ପାଣି ।

ମୁକୁଳାଇ ଦେ ଆତ୍ମାକୁ
ବନ୍ଧନରୁ, ଅନ୍ଧାରରୁ, ପାପରୁ ।
ଆଉ ଜୀଇ ହେଉନି ଜୀବନ..!!
ରକ୍ତ ମାଂସ ହାଡ଼ ଶରୀରରୁ
ହୃତପିଣ୍ଡକୁ କାଢି ନେଇଯା
ବଞ୍ଚିବା, ବୋଝ ମୁଣ୍ଡାଇ ଚାଲିବା
ଦରକାର ନାହିଁ ।

ନେଇଯା...
ଯାହାବି ଗଣ୍ଠିଲି ବାନ୍ଧିଛି
ଖାଲି କରି ସବୁ ନେଇ ଯା
ଯା ବାହାରି ଯା, ଏ ଖଣ୍ଡ ମଣ୍ଡଳରୁ ।

❤ ଯୋଜନା ସଂଯୋଜନା ବିଭାଗ
ଓଡ଼ିଶା ସରକାର

## ନିଳାଦ୍ରୀ ବିଜୟ
### ବାବାଜୀ ଚରଣ ଜେନା



କଳା ମାଧବହେ କଳା ମାଧବ
ଆଜି ନିଳାଦ୍ରୀ ବିଜୟ
ଚାତକୀ ପରାୟେ ଚାହିଁ ଛନ୍ତି ଲକ୍ଷ୍ମୀ
ଦେଖିବାକୁ ତୁମ ମୁହଁ
କଳା ମାଧବହେ...।୦।

ଯାଇଥିଲ ତୁମେ ଜନମ ବେଦୀକୁ
ଭାଇ ଭଗ୍ନୀ ସଙ୍ଗେ ନେଇ
ଫେରୁ ଅଛ ଆଜି ନିଳାଦ୍ରୀ ମଣ୍ଡପେ
ମଥାରେ ଟାହିଆ ନାଇ
ମନେ ପଡିଲାନି ଲକ୍ଷ୍ମୀ ଠାକୁରାଣୀ
ଆଉ ଯେତେ ତାଙ୍କ ସ୍ନେହ
ଭେଟ ମଣ୍ଡପରେ ଚାହିଁଛନ୍ତି ମାଆ
ଝାଉଁଳି ପଡିଛି ମୁହଁ
କଳା ମାଧବହେ...।୧।

ଭୂଲେଇ ଦେଉଛ ମାନ ଭାଙ୍ଗିବାକୁ
ରସଗୋଲା କିଛି ନେଇ
ତୁମେକି ବୁଝିବ ନାରୀର ହୃଦୟ
ହୃଦୟ ତୁମର ନାହିଁ
ଘର କଳି ତୁମ ଘରେ ରହିଥାଉ
ଚାଲୁଥାଉ ଅଭିନୟ
ଏଇ ଭକତର ତୁମ ପାଦପଦ୍ମେ
ରହି ଥାଉ ସଦା ଲୟ,
କଳା ମାଧବହେ...।୨।

❤ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର କଟକ-୪
ମୋ-୯୪୩୭୮୩୪୭୧୯

## ଶୂନ୍ୟତାର ସ୍କ୍ରିନ୍ ସଟ୍
### କୀର୍ତ୍ତି କିରଣ ମହାପାତ୍ର



ଶୂନ୍ୟତାର ଏକ ଶବ୍ଦ ଥାଏ।
ଯୋଉ ଶବ୍ଦ ଭାସିଆସେ
ତୁମ ସହ ବିତେଇଥିବା ସେଇ ନିର୍ଜନ
ରାତିରୁ,ତୁମ ହାତ ଧରି ଚାଲିଥିବା ସେଇ
ଶୂନଶାନ୍ ରାସ୍ତାରୁ
ଆହୁରି ବି
ସାରା ଜୀବନ ସାଥି ହେଇ ରହିବାର ତୁମେ
କଥା ଦେଇଥିବା ସେଇ ଗାଁ ଶେଷମୁଣ୍ଡ ବୁଢା
ବରଗଛ ମୂଳୁ ।

ଶୂନ୍ୟତା ପୁଣି ଥାଏ ଅକୁହାକଥାରେ
ଆମ ଅଧାଗଢା ସମ୍ପର୍କରେ, ଅଡୁଆ ସୂତା
ଭଳି ଗୁଡ଼େଇ ହେଇଥିବା ମୋ ଅନାବନା
ଭାବନାରେ,
କେବେ ହସରେ, କେବେ ଲୁହରେ
କେବେ ପୁଣି ନିରବତାରେ।

ଶୁଭେ ପୁଣି
ଶାନ୍ତ ପଡ଼ିଯାଇଥିବା ସମୁଦ୍ର ବୁକୁରେ
ଅସ୍ତ ହେଇ ଆସୁଥିବା ସୁରୁଜ ଭିତରୁ
ବନ୍ଦ ଡାଏରୀ ଭିତରେ ଶୁଖି ଯାଇଥିବା
ଗୋଲାପ ପାଖୁଡାରୁ, ଚିରା କାଗଜର ସେଇ
ଚିଠି ଭିତରୁ,
ଲୁହ ଶୁଖି ଯାଇଥିବା ଆଖି ହଳକରୁ ବି!।

ତୁମେ ଯେବେ ମନେ ପଡ଼, ମୁଁ ଯେବେ
ତୁମକୁ ଖୋଜି ବୁଲେ, ପାଇବାକୁ ବିକଳ
ହୁଏ, ତୁମକୁ ଥରୁଟିଏ ଦେଖିବାକୁ ମୋ ଆଖି
କାଇଁ କେତେ ଅପେକ୍ଷା କରେ,
ଆଉ ତୁମକୁ ନ ପାଇ ନିଜକୁ ଭୁଲି ଯାଏ।

ସେବେ ଶୁଭେ ଶୂନ୍ୟତାର ଶବ୍ଦ !

ହୁଅନ୍ତା କି ଶୂନ୍ୟତାକୁ ସ୍କ୍ରିନସଟ୍ କରି
ସାଇତି ରଖନ୍ତି ମୁଁ ହୃଦୟର ବନ୍ଦ ଚାରି
କୋଠରୀ ଭିତରେ।
କେବେ ଯଦି ତୁମେ ପଚାର ମୋ
ପ୍ରେମର ପରିଧି
ମୁଁ ଦେଖାନ୍ତି ସେଇ ଶୂନ୍ୟତାର ସ୍କ୍ରିନ୍ ସଟ୍।

❤ ବ୍ରହ୍ମପୁର, ଗଞ୍ଜାମ
ମୋ: ୯୦୭୮୨୨୩୯୫୬

## ବାହୁଡ଼ା ଯାତ୍ରା
### ପ୍ରଭାତ କୁମାର ଆଚାର୍ଯ୍ୟ



କାଲି ତୋ ବାହୁଡ଼ା ଯାତ୍ରା
ଫେରିବୁ ତୁ ଶ୍ରୀମନ୍ଦିର।
ମାଆ ଲକ୍ଷ୍ମୀଙ୍କ ପାଇଁ
ମନ ତୋ ହେଲାଣି ଉଚ୍ଛନ୍ନ,
ରାଗିଛନ୍ତି ବରୁଣ ନନ୍ଦିନୀ
ଭାଙ୍ଗିଛନ୍ତି ତୋ ରଥକାଠ,
କଥା ଦେଇଛୁ ପତ୍ନୀଙ୍କୁ
ଫେରିବାଟା ସୁନିଶ୍ଚିତ।
କେଉଁ ମାୟାରେ ହେଲୁ ତୁହି ବାୟା ?
ରେ କାଳିଆ !
କେଉଁ ମାୟାରେ ହେଲୁ ତୁହି ବାୟା,
ଦେଉଥାଉ ମାୟା ଛାଡ଼ିବାକୁ
ସଭିଙ୍କୁ ଉପଦେଶ, ମାତ୍ର
ମୁଁ ବୁଝି ପାରୁନି ତୋ କଥନି ଓ କରଣି
ମୁଁ କିନ୍ତୁ ବୁଝିଲିଣି ଜୀବନର ଅନ୍ତିମ ସତ୍ୟକୁ।
ମୋର ଆଉ ଲୋଡ଼ା ନାହିଁ
ପୃଥିବୀକୁ ଦଖଲ କରିବାର ନିଶା
କି ଫୁଲର ଝୁଲଣାରେ ଝୁଲିବାକୁ,
କି ଜନ୍ମ ପରେ ପୁଣି ଜନ୍ମ ହେବାକୁ,
କି ମୟା ବନ୍ଧନରେ ବାନ୍ଧି ହେବାକୁ ।
ତୋର ଯଦି ସାଆନ୍ତ ହେବାକୁ ଇଚ୍ଛା
କାଳିଆ!
ତେବେ ଭୋଗକର ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ
ନିଜ ଆଙ୍ଗୁଠିରେ ନଚା
କଣ୍ଢେଇ ପରି ଏ ଜୀବ ଜଗତ
ସାମାନ୍ୟ ଖୁଦ କଣିକା ପାଇଁ
ଉହଳ ବିକଳ ହୁଅନ୍ତୁ ସହସ୍ର ଯୋନି,
ଛନ୍ଦ କପଟରେ ଭରିଯାଉ
ଶାସନର ପ୍ରତ୍ୟେକଟି ତନ୍ତ୍ର,
ଥୁଣ୍ଟା କରିଦିଅ ସବୁଜ ବନାନୀ,
ଶୁଖାଇ ଦିଅ ସମୁଦ୍ର ଓ ହ୍ରଦ
ଅନ୍ଧପୁଟୁଳିର ଖେଳ ଖେଳି
ଯେତେ ଠକାଉଛ ଠକାଅ,
କିଛି କହିବିନି ତୋତେ କିଛି କହିବିନି,
ଶୁଣିଛି, ବାହୁଡ଼ା ଯାତ୍ରା ବେଳେ
ଯିଏ ଯାହା ମାଗେ
ଦେଇଦେଉ ଅକୁଣ୍ଠ ଚିତ୍ତରେ
ତେଣୁ ମାଗୁଛି ତୋତେରେ କାଳିଆ !
ଜଗତ ଆଖିରେ ଭରିଦେ
ଆଖିଏ ସମ୍ଭାବନା, ଛାତିଏ ପ୍ରେମ,
ଆକାଶେ ଆଶା, ସମୁଦ୍ରେ ହୃଦୟ
ବସୁଧେ ବିଶ୍ୱାସ।
ଆଉ ମୋ ପାଇଁ
ତିନିହାତ ଚାଖଣ୍ଡେ ଭୂମି ଦେ,
ତୋ ସ୍ୱର୍ଗ ଦୁଆରରେ,
ଯେଉଁଠି ଗୋଡ଼ ହାତ ଲମ୍ବେଇ
ଶୋଇ ପାରିବି ନିଶ୍ଚିନ୍ତରେ
ଶାନ୍ତିରେ,ଏଇ ବାହୁଡ଼ାରେ।

❤ ସଂସ୍କୃତ ଶିକ୍ଷକ,
ସିଦ୍ଧେଶ୍ୱର କଲୋନୀ, ଜାନୁଗଞ୍ଜ,
ବାଲେଶ୍ୱର

## ଆରପଟେ
### ଗଜାନନ ମିଶ୍ର

ପ୍ରାର୍ଥନାର ବିପରୀତ କଣ ?
ଆମେ ପହଂଚିଛେ କିଛି ନ ଜାଣି
ଆମଠି, ଭୋକ ଭୋକ କହି କହି
ରଡୁଥିଲାବେଳେ ପବନ।

ନାଇଁ, ଆବଶ୍ୟକ ନାଇଁ ଗୁଜବକୁ ଯିବା।
ଯାଇଛି ଯାହା ଚାଲି ନୀରବରେ
ନ ଖୋଜି ଆସୁଛି ଫେରି ବଜାର ଭିତରୁ
ସେଇ ଲୋଟଣୀ ପାରା।

କାନ୍ଦିବାକୁ କିଆଁ କରିବା ମନା!
କାଦୁଅରେ ଲଟପଟ ହେବାକୁ ହୁଏ
ଯୁଆଡେ ଯେତେ ଗଲେ ବି, ଜାଣିଛେ।

ଆଉ ଶୁଣିଛେ କେମିତି କଣ କିଏ
କରି ଚାଲିଛି ସମୁଦ୍ରର ଆରପଟେ
ଦଁ ଦଁ ଜଳୁଥିଲାବେଳେ
ଭିତରେ ଭିତରେ ନିଆଁ।

❤ ତପୋବନ,
ଟିଟିଲାଗଡ -୭୬୭୦୩୩

## ସୁନା ବେଶ
### ତାରାପ୍ରସାଦ ଜେନା



ମହଣ ମହଣ ସୁନାର ବେଶରେ
ସଜେଇ ହୋଇଛ ଧନ
ନୟନ ପୂରାଇ ଭଲରେ ଦେଖିବି
ଉଛନ୍ନ ଲାଗୁଛି ମନ...
ମହଣ ମହଣ ସୁନାର ବେଶରେ .....

ଖାଇବା ପିଇବା ମନ ପଡୁନାହିଁ
ମୋହନ ରୂପକୁ ବଶ
ଲାଜରେ ଲାଜରେ ନିରେଖି ଚାହୁଁଚି
ନାଲିଆ ଅଧର ହସ,
କାଳିଆ ଭଳିଆ କିଏ ଆଉ ଅଛି
ସୁନାର ଗୁଣରେ ମାନ ...
ମହଣ ମହଣ ସୁନାର ବେଶରେ .....

ସୁନାର ଦେବୀ ଯେ ମାନ କରୁଛନ୍ତି
ବଡ଼ ଦେଉଳରେ ଥାଇ
ବାହୁଡ଼ା ଯାତରା ଲଗେଇ ଦେଇଛ
ବାହାରେ ଦର୍ଶନ ଦେଇ,
ସୁନା ଆଧାରରେ ଭାଗ୍ୟରେ ମିଳିଛ
ମହିମା ଟାଣୁଛି କାନ...
ମହଣ ମହଣ ସୁନାର ବେଶରେ .....

ସୁନାର ବେଶକୁ ଦେବତା ଗନ୍ଧର୍ବ
ଭକତ ହୁଅନ୍ତି ଭୋଳା
ହରିବୋଲ ସାଥେ ହୁଳହୁଳି ପଡ଼େ
ଓଡ଼ିଶୀ ନାଚନ୍ତି ବାଳା
କାଳିଆ ଜମାଣି ବାହୁଡ଼ା ମେଳଣ
ପୁଣ୍ୟର ମୋକ୍ଷକୁ ଧ୍ୟାନ ...
ମହଣ ମହଣ ସୁନାର ବେଶରେ .....

❤ ସା.-ରଣପୁର (ଗୋଡ଼ିପାଟଣା
ସାହି),
ଡାକ-ରାଜ ରଣପୁର,
ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା
(ମୋ) ୯୩୪୮୦୫୪୩୦୦

## ବର୍ଷାର ଦୁଇଟି ଚିତ୍ର
### ଅକ୍ଷୟ କୁମାର ରାଉତ



କେବଳ ଚାତକ ନୁହେଁ
ମାଟି, ମଣିଷ,ପଶୁ ପକ୍ଷୀ ଘାସ ଫୁଲ
ସଭିଁଏ ପ୍ରତୀକ୍ଷା କରିଛନ୍ତି ବର୍ଷା କୁ
ବର୍ଷା ହେବ..
ଚାତକ ମେଣ୍ଟେଇବ ତୃଷ୍ଣା
ମାଟି ମହକିବ
ଘାସ ଫୁଲ ସତେଜ ହୋଇ ଉଠିବେ
ପଶୁ ପକ୍ଷୀ ଆନନ୍ଦରେ କୋଳାହଳ କରିବେ
ଚଷା ପୁଅ କ୍ଷେତରେ ଗାଇବ ରାମ ଯେ
ଲଇକ୍ଷଣ ଗୀତ
ପୋଖରୀ ଗାଡ଼ିଆରେ ବେଙ୍ଗ ବେଙ୍ଗୁଲି କେଳି
କରିବେ
କିଛି ନୂଆ ନୁହେଁ ସେଇ ଚିରାଚରିତ
ହେଲେ ବର୍ଷା ନହେଲେ !
ସବୁ କିଛି ଓଲଟ ପାଲଟ ।

ବିନା ମୌସୁମୀରେ ବି ବର୍ଷା ହୁଏ
ଆଖିର ବର୍ଷା ପ୍ରତୀକ୍ଷା କରେନି ଶ୍ରାବଣକୁ
ତା ପାଇଁ ନିଦାଘ ଆଉ ବସନ୍ତରେ
ବାଛବିଚାର ନଥାଏ
ବିନା ପୂର୍ବ ସଂକେତ ସେ ଆସେ
ଉବୁଟୁବୁ ହୁଏ, ଲହଡ଼ି ମାରେ ସୀମା
ଲଙ୍ଘିବାକୁ
ଏତେ ସହଜ ନୁହେଁ ଆଖିର ଚଉହଦିରେ
କଏଦ କରିବା
ନା ତାକୁ ରୋକିବାକୁ ବନ୍ଧ ଥାଏ ନା
ବ୍ୟାରେଜ୍
ସେ ଝରି ଚାଲେ ସାନ୍ତ୍ୱନା ଆଶ୍ୱାସନା ସତ୍ତ୍ୱେ
ପ୍ରତାରଣାର ବର୍ଷା ଅଧିକ କଷ୍ଟଦାୟକ
ଯନ୍ତ୍ରଣାର ବର୍ଷା ଠାରୁ
ଯନ୍ତ୍ରଣା ଥମି ଯାଏ
ବର୍ଷା ଥମି ଯାଏ
ହେଲେ ପ୍ରତାରଣାର ବୁନ୍ଦା କଳିଜା ଚିରି
ଝରି ଚାଲେ ସ୍ମୃତି ଥିବା ଯାଏ ।

❤ ବାଲକାଟି, ଆଳି,କେନ୍ଦ୍ରାପଡ଼ା

## ଖରା
### କବି ସୁଶାନ୍ତ ରଣା

ଇଟା କାଏଁ ଖରାର୍ ଖରା
କେଭେ ନାଇଁ କହିଥାଇ ଅଜାବୁଢ଼ା !

କହୁଥିଲା,
ଇଟା କାଏଁ ବର୍ଷାର୍ ବର୍ଷା,
ଇଟା କାଏଁ ଶୀତର୍ ଶୀତ୍
ଆମର ବେଲେରେ ବାବୁ
ସବୁ ଲାଗୁଥିଲା ଦିହିକେ ହିତ୍ !

ଆଏଜ୍,
ନାଇଁ ଅଜାବୁଢ଼ା ଦେଖେଇ ଥିଁତି
ସହୁଛୁ କେତନି କେତେ ଖରା ।
ଇଟା କାଏଁ ଖରାର୍ ଖରା
କେଭେ ନାଇଁ କହିଥାଇ ଅଜାବୁଢ଼ା !

ହଁ, କହିଥିତା....
ଜଙ୍ଗଲ କାଟି ଟାଙ୍ଗର୍ କଲୁ
ଆର୍ ଭି ସହେବୁ କେତେ ?
ଏସି ହାୱାନେ ଜୀବନ ଲୁକାଇ
କହୁଛୁ, ସହୁଛୁଁ କେତନି କେତେ...???

ଇଟା କାଏଁ ଖରାର୍ ଖରା
କେଭେ ନାଇଁ କହିଥାଇ ଅଜାବୁଢ଼ା !

ସତ୍ କହୁ ଥିଲା,
ଅଜାବୁଢ଼ା ମୋଁ....
ଥିଲା ତ୍ ଘର୍ ତରାନୁ ଜଙ୍ଗଲ
ବାହାରଲେ ବାଘ୍ ଭାଲୁ ହବଡଉ ଥିଲା
ସେ ଦିନ ଆଏଜ୍ ତ୍ ସାତ ସପନ୍....!

ଖରାବଲି ଖରା ହଉଛେ ଗୋ ଅଜା
ପାରୁଥିବୁ ସେନୁ ଦେଖି
ନିଜର ଗୁଡେ ନିଜେ କୁରାଢ଼ି ମାରିଛେ
ପାରୁଛେ ଗୋ ଏବେ ବୁଝି ।
ନିଜେ ଜିଇଁବାର୍ ସଂଗେ
ଆଏବାର ପିଢ଼ି ଲାଗି
ଗଛ ଜଗାବାକେ ହେବା
ନାଇଁ ହେଲେ ସଂସାର୍ ଉଜଡ଼ି ଯିବା
ସମିଆଁ ବେଶୀ ଆଉ ନାଇଁ ନା ।
ଇଟା କାଏଁ ଖରାର୍ ଖରା
କେଭେ ନାଇଁ କହିଥାଇ ଅଜାବୁଢ଼ା....!!

❤ ତେରେସିଂହା, ଜି. କଳାହାଣ୍ଡି
ମୋ. ୭୮୯୪୬୫୮୨୭୪

## ପାନୀୟ ଜଳକଷ୍ଟରୁ ମୁକ୍ତ ହେବ ବାଲେଶ୍ୱର, ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବ ଅମୃତ ଯୋଜନା

# ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କଲେ ସଦର ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର,୧୫/୭(ନିପ୍ର) : ନିର୍ବାଚନ ସମୟରେ ଜାରି ହୋଇଥିବା ସଂକଳ୍ପ ପତ୍ରର ପ୍ରତ୍ୟେକ ପ୍ରତିଶ୍ରୁତି ପାଳନ ପାଇଁ ଅଭିଯାନ ଜାରି ରଖିଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ । ବିଧାୟକ ଭାବେ ନିର୍ବାଚିତ ହେବାର କିଛି ଦିନ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସମୀକ୍ଷା ବୈଠକ ମାଧ୍ୟମରେ ସଦର ନିର୍ବାଚନମଣ୍ଡଳୀର ଜନସାଧାରଣ ସାମନା କରୁଥିବା ସମସ୍ୟାଗୁଡିକର ଆଶୁ ତଥା ଦୀର୍ଘମିଆଦି ସାମାଧାନ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ତେବେ ବାଲେଶ୍ୱର ସହରବାସୀଙ୍କ ପ୍ରମୁଖ ସମସ୍ୟା ଭାବେ ଦୃଷ୍ଟିଗୋଚର ହେଉଥିବା ପାନୀୟ ଜଳ କଷ୍ଟ ଦୂର ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏକ ସମୀକ୍ଷା ବୈଠକରେ ବିଧାୟକ ଶ୍ରୀ ଦତ୍ତ ଯୋଗଦେଇ କେନ୍ଦ୍ର ସରକାରଙ୍କ ଅମୃତ ସହର ଯୋଜନାରେ ପାନୀୟ ଜଳ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ । ୨୦୧୪ ମସିହାରୁ କେନ୍ଦ୍ର ସରକାରଙ୍କ ଅନୁଦାନରେ ଆରମ୍ଭ ହୋଇଥିବା ଅମୃତ ସହର ଯୋଜନାରେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରିତାକୁ ନେଇ ସହରବାସୀଙ୍କ ମନରେ ସୃଷ୍ଟି ହୋଇଥିବା ପ୍ରଶ୍ନକୁ ଦୂର କରିବା ଦିଗରେ ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଥିଲେ । ରାଜ୍ୟରେ ନୂତନ ସରକାର ଗଠନ ହୋଇଥିବାରୁ ଜନସାଧାରଣଙ୍କ ସମସ୍ୟା ନିବାରଣ ଦିଗରରେ ସକାରାତ୍ମକ ମନୋଭାବ ନେଇ ଅଧିକାରୀମାନେ କାର୍ଯ୍ୟ ସମ୍ପାଦନ ପାଇଁ ତତ୍ପର ରହିବାକୁ ଶ୍ରୀ ଦତ୍ତ ନିର୍ଦ୍ଦେଶ ଦେଇଥିଲେ । ଭୂତଳ ଜଳସ୍ତର ଦିନକୁ ଦିନ କମ ହେଉଥିବାରୁ ୱାଟର ଟ୍ରିଟମେଂଟ ପ୍ଲାଂଟ ସ୍ଥାପନ କରି ନଦୀଜଳକୁ ବ୍ୟବହାର କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ପୂର୍ବ ସରକାରଙ୍କ ଅମଳରେ ବନ୍ଦ ହୋଇ ଯାଇଥିବା ବୁଢାବଳଙ୍ଗ ନଦୀ ଜଳ ବିଶୋଧନ ଦ୍ୱାରା ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଦିଗରରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଦତ୍ତ କହିଥିଲେ । ଏହା ସହିତ ସହରବାସୀ ନିରନ୍ତର ପାନୀୟ ଜଳ ପାଇବା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନୂତନ ପାଇପ ବିଛାଇବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ ଜନସାଧାରଣଙ୍କ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ପାଇଁ ଯତ୍ନବାନ ହେବାକୁ ଶ୍ରୀ ଦତ୍ତ ପରାମର୍ଶ ଦେଇଥିଲେ । ବାଲେଶ୍ୱର ସହରାଂଚଳର ପ୍ରତ୍ୟେକ ସେକ୍ ?ସନରେ ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀମାନେ ନିୟମିତ କ୍ଷେତ୍ର ପରିଦର୍ଶନ ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ ପାଇଁ ପଦକ୍ଷେପ ନେବେ । ପୂର୍ବ ସରକାରଙ୍କ ଅମଳରେ ଜନସ୍ୱାସ୍ଥ୍ୟ ବିଭାଗ ଅବହେଳିତ ଅବସ୍ଥାରେ ରହିଥିବାରୁ ଏହାର ପୁନରୁଥାନ ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସହ ଆଲୋଚନା କରାଯିବ । ଲୋକଙ୍କ ସମସ୍ୟା ସାମାଧାନ ପାଇଁ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତ୍ୟେକ ପ୍ରତିଶ୍ରୁତି ରକ୍ଷା ଦିଗରେ ସମସ୍ତ କାର୍ଯ୍ୟ କରାଯିବ ବୋଲି ବିଧାୟକ ଶ୍ରୀ ଦତ୍ତ କହିଛନ୍ତି । ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ନବୀନ ସିଂହ, ଏସଡିଓ ବିଷ୍ଣୁପଦ ଦାସ, କନିଷ୍ଠ ଯନ୍ତ୍ରୀ ହିରାଲାଲ ନାୟକ ଓ ଅନୁପମା ସାହୁ ପ୍ରମୁଖ ଏହି ସମୀକ୍ଷା ବୈଠକର ଉପସ୍ଥିତ ରହି ବିଧାୟକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହିତ ସହରାଂଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଭିତ୍ତିଭୂମୀ ଓ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ବୈଠକରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ବାଲେଶ୍ୱର ପୌର ପରିଷଦର କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ରୋଜାଲିନ ପାଣି, ପ୍ରତିମା ବେହେରା, ନିତ୍ୟଗୋପଲ ସିଂ, ବିଭୂପଦ ଦାସ, ଜୟ ପ୍ରକାଶ ଦାଶଙ୍କ ସମେତ ବିଭିନ୍ନ ୱାର୍ଡ ପ୍ରତିନିଧି ଭାବେ ରାଜେନ୍ଦ୍ର ଚାଟାର୍ଜୀ, ଶୈଳେନ୍ଦ୍ର ଦାଶ, ମନ୍ମଥ ପାତ୍ର, ଦିଲ୍ଲୀପ ମାଝୀ, ଯୋଗେନ ରଣା, ମନୋରଞ୍ଜନ ନନ୍ଦି, ଧିରଜ ମହାନ୍ତି, ଅଶୋକ ଦାସ, ନସୀମା ବିବି, ସୁସ୍ମିତା ଶୁକ୍ଳା, ପବନ ସିଂହ, ପବନ କମିଳା, ଉମେଶ ବେହେରା ପ୍ରମୁଖ ଉପସ୍ଥିତ ରହି ପାନୀୟ ଜଳ ଯୋଗାଣକୁ ନେଇ ଦେଖାଦେଉଥିବା ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ ।

## ପ୍ରେସର ବଟିକା ଖାଇ ମହିଳାଙ୍କ ମୃତ୍ୟୁ



ବସ୍ତା, ୧୫।୭(ନିପ୍ର) ବସ୍ତାଥାନା ଅଧିନସ୍ଥ କୁଡିଆପଞ୍ଚାୟତ କଦଳୀ ହଣ୍ଡା ଗ୍ରାମର ଅଖିଳଜେନାଙ୍କ ଧର୍ମପତ୍ନୀ କନକ ଜେନା (୫୩) ରବିବାର ବିଳମ୍ବିତ ରାତିରେ ଚିକିସ୍ଥାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ସୂଚନାରୁ ପ୍ରକାଶ ଯେ କନକ ପ୍ରତ୍ଯେକ ଦିନ ଲୋ ପ୍ରେସର ବଟିକା ଗୋଟିଏ ଲେଖାଏଁ ରାତ୍ରୀରେ ସେବନ କରୁଥିବା ବେଳେ ଭୂଲ ବସତ ୬ଟି ଲୋ ପ୍ରେସର ଟ୍ୟାବଲେଟ ଖାଇ ଥିଲେ ।ଯାହାଫଳରେ ତାଙ୍କ ଅବସ୍ଥା ଗୁରୁତର ହେବାଯାଣି ପରିବାର ଲୋକେ ପ୍ରଥମେ ବସ୍ତା ପରେ ବାଲେଶ୍ୱର ରୁପୁଣି କଟକ ସ୍ଥାନାନ୍ତରିତ କରାଯାଇଥିଲା ହେଲେ ଚିକିସ୍ଥାଧିନ ଅବସ୍ଥାରେ ତାଙ୍କ ମୃତ୍ଯୁ ଘଟିଥିଲା । ତାଙ୍କ ମୃତ୍ଯୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା ।ସମୋବାର ୩ଟା ସମୟରେ ତାଙ୍କ ଶବ ପହଞ୍ଚିବାପରେ ତାଙ୍କ ଶେଷ ଦର୍ଶନ ପାଇଁ କୁଡିଆ ସରପଞ୍ଚ ଗୌରାଙ୍ଗ ବେହେରା ,ସମିତି ସଭ୍ୟ ପ୍ରକାଶ ବେହେରା,ପୂର୍ଣ୍ଣଚନ୍ଦ୍ର ଜେନା, ରାଜେଶ କୁମାର ଗିରି, ଅମରଜେନା,ରାଜିବ ଜେନା, ଗଦାଧରଦାସ,ଗୌତମ ପରିଡା, ସତ୍ୟାନନ୍ଦ ଗିରି, ଗଗନ ଗିରି,ରତିକାନ୍ତ ବେହେରା ସମେତ ବହୁ ମାନ୍ଯଗନ୍ଯ ବ୍ଯକ୍ତି ଶେଷ ଦର୍ଶନ କରିବା ସହିତ ପରିବାରକୁ ସମ ବେଦନା ଜଣାଇଥିଲେ ।ପୁଅ ଅରୁଣକୁମାରଜେନା ମୁଖାଗ୍ନୀ ଦେଇଥିଲେ ।

## ମାତା ତୁଳସୀ ଦେବୀଙ୍କ ପ୍ରତିଷ୍ଠା ମହୋତ୍ସବ



ବାରିପଦା,୧୫/୭(ନିପ୍ର) : ମଧୁବନ ବାରୁଣୀରୋଡ୍‌ସ୍ଥିତ ଷୋହଳ ପ୍ରହର ନାମଯଜ୍ଞ ମଣ୍ଡପରେ ମାତା ତୁଳସୀ ଦେବୀଙ୍କ ତୁଳସୀ ଚଉରା ପ୍ରତିଷ୍ଠା ମହୋତ୍ସବ ରେ ଯଥାବିଧି ପାଳିତ ହୋଇଯାଇଛି । ପ୍ରତିଷ୍ଠା ମହୋତ୍ସବ ରେ ବିଶିଷ୍ଟ ଅତିଥି, ସମାଜସେବୀ, ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ପ୍ରତିଷ୍ଠା ଉତ୍ସବ ଶେଷ ହେବା ପରେ ଶ୍ରଦ୍ଧାଳୁ ମାନେ ପ୍ରସାଦ ସେବନ କରିଥିଲେ କ୍ଷ ବାରିପଦା ପୌରପରିଷଦ ର ଉପାଧ୍ୟକ୍ଷ ସୀମା ଦାସ, ବରିଷ୍ଠ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଡ଼ ବିଜୟ କୁମାର ଅଗ୍ରୱାଲ, ବରିଷ୍ଠ ସାମ୍ବାଦିକ କବି ବିଷ୍ଣୁ ନାରାୟଣ ଶତପଥି ପ୍ରମୁଖ ଯୋଗ ଦେଇ ପ୍ରତିଷ୍ଠା ଉତ୍ସବ କୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏଥିସହ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମଧ ଉପସ୍ଥିତ ଥିଲେ । ଶେଷରେ ନାମ ସଂକୀର୍ତ୍ତନ ଓ ସାଂସ୍କୃତିକ ସଂଗଠନ ର ସଭାପତି ସରୋଜ କୁମାର ଖୁଣ୍ଟିଆ, ସମ୍ପାଦକ ଅଶ୍ୱିନୀ କୁମାର ପାତ୍ର ଏବଂ କୋଷାଧକ୍ଷ ଦୁଷ୍ମନ୍ତ କୁମାର ବେହେରା ଏବଂ ସଂଗଠନ ର ସମସ୍ତ ସଭ୍ୟସଭ୍ୟାମାନେ ଅତିଥି ଏବଂ ଶ୍ରଦ୍ଧାଳୁ ବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ଉତ୍ସବ କୁ ସମାପନ କରିଥିଲେ ।

## ରେଳ ଧାରଣାର ଦୁଇ ସ୍ଥାନରୁ ଖଣ୍ଡବିଖଣ୍ଡିତ ଦୁଇ ମୃତଦେହ ଉଦ୍ଧାର

ଜଳେଶ୍ୱର,୧୫/୭(ନିପ୍ର) : ଜଳେଶ୍ୱର ଜିଆର୍‌ପି ଷ୍ଟେସନର ଅନତୀ ଦୂର ଦୁଇଟି ସ୍ଥାନରୁ ୨ଟି ଶବ ଉଦ୍ଧାର କରିଛି। ଜଳେଶ୍ୱର ଥାନା ଅନ୍ତର୍ଗତ ଗୋପ ଗାଁର ଜ୍ଞାନ ପାତ୍ରଙ୍କ ପୁଅ ବିଶ୍ୱଜିତ୍ ପାତ୍ର (୩୭)ର ଖଣ୍ଡବିଖଣ୍ଡିତ ଶରୀର ଜିଆର୍‌ପି ରାଜପୁର ଗେଟ ନିକଟରୁ ଉଦ୍ଧାର କରିଛି । ତା ପକେଟରୁ ଶାଲିମାର-ସମ୍ବଲପୁର ମହିମା ଗୋସାଇଁ ଟ୍ରେନର ଏକ ଟିକେଟ ପୁଲିସ୍ ଜବତ୍ କରିଛି । ବିଶ୍ୱଜିତ୍ ପାତ୍ର ଅବିବାହିତ ଥାଇ ୫ବର୍ଷ ଧରି ଅନ୍ୟ ରାଜ୍ୟରେ କାର୍ଯ୍ୟ କରୁଥିଲେ । ଏଥିରେ ଜିଆର୍‌ପି କେସ୍ ନଂ ୫୯/୨୪ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି । ଗାଁ ଶ୍ମଶାନରେ ତାର ଶେଷକୃତ୍ୟ ହୋଇଥିବା ଜଣାଯାଇଛି । ଏପରି ଅକାଳ ବିୟୋଗରେ ତାର ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସମିତି ସଦସ୍ୟ ଜିତେନ୍ଦ୍ର ଦାସ ଓ ସରପଂଚ ରଂଜନ ମହାନ୍ତି, ସମାଜସେବୀ ହରିଭାଇ ନିବେଦନ କରିଛନ୍ତି । ସେହିପରି ଅପ୍‌ଲାଇନ୍‌ରେ ୧୯୭/୯/୧୧ କିମି.ସ୍ଥାନରୁ ଜିଆର୍‌ପି ଅନ୍ୟଜଣେ ଅଚିହ୍ନା ମହିଳାଙ୍କ ଶବ ରେଳ ଧାରଣାରୁ ପାଇଛି । ତାର ବୟସ ୩୮ ବୋଲି ଅନୁମାନ କରାଯାଉଥିବା ବେଳେ ହାତରେ ଶଂଖା, ଚୁଡି ରହିଛି । ମାଟିଆ ଛିଟ ରଂଗର ଶାଢି ଓ ସବୁଜ ରଂଗର ବ୍ଲାଉଜ ପିନ୍ଧିଥିବା ପୁଲିସ୍ କହିଛି । ଏଥିନେଇ ପୁଲିସ୍ ୬୦/୨୪ରେ ଏକ ମାମଲା ରୁଜୁ କରିଛି ।

## ଶୈଳଶ୍ରୀ ବିହାରରେ ବାହୁଡା ଯାତ୍ରା



ଭୁବନେଶ୍ୱର,୧୫/୭(ନିପ୍ର) : ଶୈଳଶ୍ରୀବିହାରର ଶୈଳଶ୍ରୀ କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବାହୁଡା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନୀଳାଦ୍ରି ବିହାର ମା ମଙ୍ଗଳା ଛକ ନିକଟସ୍ଥ ମାଉସୀ ମା ମନ୍ଦିରରେ ୯ ଦିନର ଲୀଳାଖେଳା ଶେଷ କରି ବାହୁଡି ଛନ୍ତି ମହାପ୍ରଭୁ। ଶ୍ରୀ ଜଗନ୍ନାଥ ଭକ୍ତି ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତ ନୀତିନିର୍ଘଣ୍ଟଅନୁଯାୟୀ ପ୍ରାତଃ ୫ ଘଟିକା ସମୟରେ ଜନ୍ମବେଦୀରେ ଶ୍ରୀଜୀଉଙ୍କୁ ମଙ୍ଗଳ ଆଳତି କରାଯାଇଥିଲା। ଏହାପରେ ମଇଲମ, ସୂର୍ଯ୍ୟପୂଜା ଓ ସମସ୍ତ ନୀତିକାନ୍ତି କରାଯାଇ ରଥ ମାର୍ଜନା କରାଯାଇଥିଲା। ପୂର୍ବାହ୍ନ ସାଢେ ୧୦ ଟାରେ ଶ୍ରୀଜୀଉମାନଙ୍କୁ ବିରାଟ ପଟୁଆରରେ ପହଣ୍ଡି କରାଯାଇ ରଥ ଉପରକୁ ନିଆଯାଇଥିଲା। ମହିଳା ଭକ୍ତମାନେ ମା ସୁଭଦ୍ରାଙ୍କୁ ପହଣ୍ଡି କରି ନେଇଥିଲେ। ଅପରାହ୍ନ ୩ ଟାରେ ଭୁବନେଶ୍ୱର ରାମକୃଷ୍ଣ ମଠର ମହାରାଜା ଛେରାପହଁରା କରିବା ପରେ ରଥ ଟଣା ଯାଇଥିଲା। ରଥଟଣା ଆରମ୍ଭରୁ ବର୍ଷା ହୋଇଥିଲେ ମଧ୍ୟ ଭକ୍ତମାନେ ମହାଆନନ୍ଦରେ ବର୍ଷାରେ ଭିଜିଭିଜି ରଥ ଟାଣିଥିଲେ। ଭଜନ, କୀର୍ତ୍ତନ, ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଶୈଳଶ୍ରୀବିହାର ପ୍ରକମ୍ପିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶୈଳଶ୍ରୀ ବିହାର ବାସିନ୍ଦା ତଥା ଯାଜପୁର ସାଂସଦ ରବିନ୍ଦ୍ର ବେହେରା ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଟ୍ରଷ୍ଟି ହେମନ୍ତ କୁମାର ମହାପାତ୍ର, ସମ୍ପାଦକ ଗୋପାଳକୃଷ୍ଣ ପଟ୍ଟନାୟକ ଉତ୍ସବକୁ ପରିଚାଳନା କରିଥିଲାବେଳେ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀମାନେ ସହଯୋଗ କରିଥିଲେ।

## ବିରାଟ ଲୀଳା କ୍ଷେତ୍ରରେ ଘୋଷଯାତ୍ରା : 'ଭାବବନ୍ଧନ' ପତ୍ରିକାର ଉନ୍ମୋଚନ ଓ ଆଲୋଚନାଚକ୍ର



ଉଦଳା ତା.୧୫/୦୭(ନି.ପ୍ର)- କପ୍ତିପଦା ବ୍ଲକ ଅଂର୍ଗତ ନୁଦଡ଼ିହା-ପିଙ୍ଗୁ ଗ୍ରାମସ୍ଥିତ ବିରାଟ ଲୀଳାକ୍ଷେତ୍ରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପବିତ୍ର ରଥଯାତ୍ରା ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ପ୍ରତିବର୍ଷ ଗ୍ରାମରେ ଥିବା ଶ୍ରୀ ଜଗନ୍ନାତ ମନ୍ଦିର କମିଟି ତରଫରୁ ପ୍ରକାଶ ପାଉଥିବା ଆଧାତ୍ମିକ ପତ୍ରିକା 'ଭାବବନ୍ଧନ'ର ନବମ ସଂଖ୍ୟା ଉନ୍ମୋଚନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ସେଥିପାଇଁ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଚଳିତ ଜୁଲାଇ ୧୫ ତାରିଖ ସୋମବାର ବାହୁଡ଼ା ଯାତ୍ରା ଦିନ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା । ଏଥିରେ ମନ୍ଦିର କମିଟିର ସଭାପତି ସର୍ବେଶ୍ୱର ରାଉତ, ଆଧାତ୍ମିକ ପତ୍ରିକା 'ଭାବବନ୍ଧନ'ର ପ୍ରକାଶନ ସହିତ ଆଜିର ଆଲୋଚନାଚକ୍ର ପାଇଁ ସହଯୋଗର ହାତ ବଢ଼ାଇଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜଣାଇଥିଲେ । ଏହାପରେ ମଂଚାସୀନ ଅତିଥି ବୃନ୍ଦ ଆଧାତ୍ମିକ ପତ୍ରିକା 'ଭାବବନ୍ଧନ'କୁ ଉନ୍ମୋଚନ କରିଥିଲେ । ପରେ ପତ୍ରିକାର ମୁଖ୍ୟ ସଂପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନୁଦଡ଼ିହା ଓ ପିଙ୍ଗୁ ଦୁଇଟି ପଂଚାୟତର ବାସିନ୍ଦା ମିଳିମିଶି ଏହି ଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ଏହାକୁ ବର୍ଷ ବର୍ଷ ଧରି ବଂଚାଇରଖିଥିବାରୁ ଉଭୟ ଗ୍ରାମବାସୀଙ୍କର ଉଦ୍ୟମକୁ ଭୂୟସୀ ପ୍ରସଂସା କରିଥିଲେ । ସେବା ନିବୃତ ପ୍ରଧାନ ଶିକ୍ଷକ କିଶୋରଚନ୍ଦ୍ର ଦାସ ବାବୁ ଜଗନ୍ନାତ ସଂସ୍କୃତିରେ ଥିବା ଅଲୌକିକତା ଆଜି କିପରି ସମଗ୍ର ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ପତ୍ରିକାର ସହସଂପାଦକ ପ୍ରଫୁଲ କୁମାର ଖିଲାର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ ଚନ୍ଦ୍ର ମହାଳିକ, ଅବସରପ୍ରାପ୍ତ ପ୍ରଶାସକ ଚନ୍ଦନ କୁମାର ଷଡ଼ଙ୍ଗୀ ଓ ବିଭୁତି ମହା' ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଆଧାତ୍ମିକତା ମଧ୍ୟରେ ଲୁଚି ରହିଥିବା ଅଲୌକିକତାକୁ କେବଳ ଅନୁଭବ କରାଯାଇପାରେ କିଂୁ ଏହାକୁ ଭାଷାରେ ବର୍ଣ୍ଣନା କରାଯାଇପାରିବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସର୍ବେଶ୍ୱର ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ରତିରଂଜନ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରଫୁଲ କୁମାର ପରିଡ଼ା, ମନୋରଂଜନ ମଲ୍ଲିକ, ବୃନ୍ଦାବନ ବେହେରା, ନକୁଳ ଜେନା, ରବିନାରାୟଣ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ନିଅଣ୍ଟିଆ ବର୍ଷା ଓ ଚାଷଜମି ଜଳ ସେଚନ ସମ୍ବନ୍ଧେ ଜିଲ୍ଲାପାଳଙ୍କ ଆଭାସୀ ବୈଠକ ଅନୁଷ୍ଠିତ

ବାଲେଶ୍ୱର,୧୫/୭(ନିପ୍ର) : ଜିଲ୍ଲାରେ ନିଅଣ୍ଟିଆ ବର୍ଷା ଚାଷୀକୂଳ ପାଇଁ ଏକ ଗମ୍ଭୀର ବିଷୟ ହୋଇ ରହିଥିବା ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେଙ୍କ ତତ୍ତ୍ୱାବଧାନରେ ସମସ୍ତ ଲାଇନ ବିଭାଗର ଅଧିକାରୀମାନଙ୍କ ସହିତ ଆଜି ଅପରାହ୍ନ ଘ. ୪.୩୦ ମି ସମୟରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲାରେ ସମସ୍ତ ଚାଷୀମାନଙ୍କ ସାମଗ୍ରିକ ବିକାଶର ଆଭିମୁଖ୍ୟ ଆଧାର କରି ଅଧିକାରୀମାନଙ୍କୁ ସେମାନଙ୍କ ସମସ୍ତ ଦାୟିତ୍ୱକୁ ସଠିକ ଭାବରେ ପାଳନ କରିବା ସହିତ ନିଜ ନିଜ ଅଞ୍ଚଳର ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ସମସ୍ତ ସୁବିଧା ଯୋଗାଇ ଦେବାକୁ ଜିଲ୍ଲାପାଳ କହିଛନ୍ତି। ନିଅଣ୍ଟିଆ ବର୍ଷା ଯୋଗୁଁ ଜଳ ସେଚନରେ କୌଣସି ଅସୁବିଧା ଯେପରି ନହୁଏ ସେଥିପାଇଁ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ଜଳାଶୟ ଗୁଡିକର ଚିହ୍ନଟ ଏବଂ ସେମାନଙ୍କ ପୁନରୁଦ୍ଧାର ସହିତ ବୋରୱେଲ ଜଳ ସେଚନ ପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟ ସହିତ ଜଡିତ ପ୍ରତ୍ୟେକ ଅଧିକାରୀ କ୍ଷେତ୍ର ଯାଞ୍ଚ କରିବା ସହିତ କାର୍ଯ୍ୟପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ପଦକ୍ଷେପ ନେବେ। ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷୀ ମାନଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ଭୟକୁ ଦୂର କରିବା ପାଇଁ ଜିଲ୍ଲା କୃଷି ଅଧିକାରୀଙ୍କୁ ସମସ୍ତ ପ୍ରକାରର ସଚେତନତା ଅଭିଯାନ ଆରମ୍ଭ କରିବା ଏବଂ ଗାଁ ଗାଁରେ ପ୍ରଶାସନ ନେଉଥିବା କୃଷି-ହିତକର କାର୍ଯ୍ୟକୁ ଜନମାନସରେ ଆଦୃତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନାଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, କୃଷି, ଉଦ୍ୟାନ କୃଷି, ଜଳ ସେଚନ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଏହି ବୈଠକରେ ନିଜ ବହୁମୂଲ୍ୟ ମତ ପ୍ରକାଶ କରିଥିଲେ।

## ବାହୁଡାଯାତ୍ରାରେ ଜନ୍ମନେଲା ଭଦ୍ରକରେ ନୂତନ ମହିଳା ସଂଗଠନ ଭୂମିକନ୍ୟା

### ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର

ଭଦ୍ରକ,୧୫/୭(ନିପ୍ର) : ଜଗତର ନାଥ ଜଗନ୍ନାଥଙ୍କ ପବିତ୍ର ବାହୁଡାଯାତ୍ରାରେ ଭୂମିକନ୍ୟା ନାମକ ଏକ ମହିଳା ସଂଗଠନ ଭଦ୍ରକରେ ଜନ୍ମ ନେଇଛି । ସହରର ଡଗମୁଣ୍ଡସ୍ଥିତ ହରିଶଙ୍କରପୁର ଠାରେ ଜଗନ୍ନାଥ ସଂସ୍କୃତି ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଏହି ନୂତନ ମହିଳା ସଂଗଠନ ଗଢିଉଠିଛି । ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅଧ୍ୟାପକ ନିହାର ରଂଜନ କର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥିଭାବେ ଭଦ୍ରକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା,ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପିକା ଭାନୁମତି ମାଟିଆ, ସମ୍ମାନୀତ ଅତିଥିଭାବେ ପ୍ରଧାନଶିକ୍ଷୟତ୍ରୀ ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ନାଟ୍ୟଶ୍ରୀ ନିର୍ମଳ ରାଉତ ଓ କଳାକାର ଗୌରାଙ୍ଗ ବାରିକ, କାବୟତ୍ରୀ ଦମୟନ୍ତୀ ନାଥ, ମୀନତି ବାରିକ ପ୍ରମୁଖ ଯୋଗଦେଇ ଜଗନ୍ନାଥ ହେଉଛନ୍ତି ଭାବ ଓ ଭକ୍ତିର ଠାକୁର । ସଂସ୍କୃତି ହେଉଛି ସଭ୍ୟତାର ପ୍ରାଣ । ଗୋଟିଏ ଜାତିର ଚିନ୍ତା ଓ ଚେତାନା, ଆବେଗ ଓ ବିକାଶ ଧାରା ହେଉଛି ଆମ ସଂସ୍କୃତି ଓଡିଶାର ଧର୍ମ, ସଂସ୍କୃତି, ଇତିହାସ.ସାହିତ୍ୟ ତଥା ବ୍ୟକ୍ତିଗତ ପାରିବାରିକ ଓ ସାମାଜିକ ଜୀବନର ପ୍ରାଣକେନ୍ଦ୍ର ହେଉଛି ଶ୍ରୀ ଜଗନ୍ନାଥ ।ଯାହାକି ଆଜିଭଳି ପବିତ୍ର ଦିବସରେ ଏହି ମହାଳା ସଂଗଠନ ଜନ୍ମ ନେଇଛି । ନିଶ୍ଚୟଭାବରେ ଏହାର ଉନ୍ନତି ଘଟିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଭୂମିକନ୍ୟା ସଂଗଠନ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ସର୍ବସମ୍ମତିକ୍ରମେ ସଭାପତିଭାବେ ସଂଯୁକ୍ତାବଳ ନାୟକ, ଉପ ସଭାପତିଭାବେ ଶଶିକଳା ମିଶ୍ର, ସଂପାଦକ ଭାବେ ଦମୟନ୍ତୀ ରାଉତ, ସହ ସଂପାଦିକା ଭାବେ ବୀଣାପାଣି ତ୍ରପାଠି ମନୋନୀତ ହୋଇଥିଲେ ।ମାର୍ଗଦର୍ଶକଭାବେ ଡ. ରାମଚନ୍ଦ୍ର ପଣ୍ଡା, ସାମ୍ବାଦିକ ରବିନାରାୟଣ ଖିଲାର, ଅଧ୍ୟାପକ ନିହାର ରଂଜନ କର,ନାଟ୍ୟଶ୍ରୀ ନିର୍ମଳ ରାଉତ ଓ କଳାକାର ଗୌରାଙ୍ଗ ବାରି.ସାମଜସେବୀ ନିରଂଜନ ନାୟକ ଓ ଉପଦେଷ୍ଟା ଭାବେ ପ୍ରାଧ୍ୟାପିକା ଭାନୁମତି ମାଟିଆ, ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ଦମୟନ୍ତୀ ନାଥ, ମୀନତି ବାରିକ ପ୍ରମୁଖ ମନୋନୀତ ହୋଇଛନ୍ତି ।

## ଆମେ କଳାକାର ଆମ ଓଡିଶା ସ୍ୱାଭିମାନ ଶିଳ୍ପୀ ସମ୍ମାନ

ଗୋପବନ୍ଧୁ ନଗର,୧୫/୭(ନିପ୍ର) : ମହାପ୍ରଭୁ ଙ୍କ ପବିତ୍ର ବାହୁଡା ଯାତ୍ରା ଅବସର ରେ ଓଡିଆ ଅସ୍ମିତା, କଳାଶିକ୍ଷାର ବାର୍ତ୍ତାବହ ୪୦ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ମୟୂର ଆର୍ଟିଷ୍ଟ ଏସୋସିଏସନ/ମାଆ ର ସାର୍ବଜନୀନ ଅଭିନୟ କଳାଶିକ୍ଷା ପ୍ଲାଟଫର୍ମ- ଆମେ କଳାକାର ଆମ ଓଡିଶା ପଲ୍ଲୀ ରୁ ଦିଲ୍ଲୀ ପହଞ୍ଚିବା ପରେ ଆନ୍ତର୍ଜାତୀକ ମାନ୍ୟତା ପାଇବା ସହ, ତଳକଡଦା ମାଆ କାର୍ଯ୍ୟାଳୟ ପରିସର ରେ ୪୧ଜଣ ବିଭିନ୍ନ ବର୍ଗ ର କଳାକାଙ୍କୁ ନେଇ ଆଲୋଚନା ଚକ୍ର/ପାଠ୍ୟଚକ୍ର ପରେ ଆୟୋଜନ କରିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଆମେ କଳାକାର ଆମ ଓଡିଶା ସ୍ୱାଭିମାନ ଶିଳ୍ପୀ ସମ୍ମାନ' । ସଂଗଠନ ର ସଭାପତି ପ୍ରାକ୍ତନ ଓଡିଶା ସାହିତ୍ୟ ଏକାଡେମୀ ର ସଦସ୍ୟ ଡକ୍ଟର ଭାଗବତ ପ୍ରସାଦ ଦାସ କାର୍ଯ୍ୟକ୍ରମ କୁ ଆନୁଷ୍ଠାନିକ ଉଦ୍ଘାଟନ କରିବାପରେ ସଂଗଠନର ପ୍ରତିଷ୍ଠିତା ସମ୍ପାଦକ ତଥା ପ୍ଲାଟଫର୍ମ ର ନିର୍ମାତା ଡକ୍ଟର ମନୋରଞ୍ଜନ ଦାଶ ଘୋଷଣା କରିଥିଲେ, ପ୍ରତିବର୍ଷ ୨୮ଅପ୍ରେଲ ସ୍ୱାଭିମାନ ଦିବସ ରୁ ୨୭ ମାର୍ଚ୍ଚ ବଶ୍ୱନାଟ୍ୟ ଦିବସ ମଧ୍ୟରେ ଆଲୋଚନା ଚକ୍ର/ପାଠ୍ୟଚକ୍ର/ତାଲିମ ଶିବିର/କର୍ମଶାଳା ମାଧ୍ୟମ ୪୦୭ ଜଣ ପଞ୍ଜିକୃତ କଳାକାର ଙ୍କୁ ନେଇ ଗତିଶୀଳ ଏହି ପ୍ଲାଟଫର୍ମ ରବିବାର ଛୁଟିଦିନ ମାନଙ୍କରେ ପୂର୍ବଭଳି କଳାଶିକ୍ଷା ଦାନ ଅବ୍ୟାହତ ରଖିବ। ପ୍ରତିଭା ଅନ୍ୱେଷଣ ,ପ୍ରତିଭା ପ୍ରଦର୍ଶନ ପରେ ପ୍ରମାଣ ପତ୍ର ଓ ସମ୍ବର୍ଦ୍ଧନା ସାଂଗଠନିକ ନିୟମ ହୋଇଥିବାରୁ ଆମେକଳାକାର ଆମ ଓଡିଶା ର ଅନ୍ୟତମ ସଂଯୋଜକ ପଦ୍ମଲୋଚନ ନନ୍ଦ ଉପସ୍ଥିତ କଳାକାରଙ୍କୁ କଳାପରିବେଷଣ କରିବାକୁ ଅନୁରୋଧ କରିଥିଲେ ।କବୟତ୍ରୀ ପଦ୍ମାବତୀ ସିହ୍ନା,ସଂଗୀତକାର ଧିରେନ ବେଙ୍କୁଳିଆ,ଖଞ୍ଜଣୀ ବାଦକ ଭୋଳେଶ୍ୱର ସେଠୀ,ପାଲାକାର ଧିରେନ କୁମାର ପଲେଇ,ମଞ୍ଚ କଳାକାର ଗିରୀଶ ଦାସ,ସଂକୀର୍ତ୍ତନ କଳାକାର ସୁକୁମାର ଗନ୍ତାୟତ,ଗୀତିକାର ସୁମନ୍ତ ମହାଳିକ କଣ୍ଠଶିଳ୍ପୀ କୁମାର ଶିବା,ଅଭିନ୍ନ ସୁନ୍ଦର ସମେତ ସମସ୍ତ କଳାକାର କଳାପରିବେଷଣ କରି ସ୍ୱାଭିମାନ ଶିଳ୍ପୀ ସମ୍ମାନ ପ୍ରମାଣ ପତ୍ର ସହ ପ୍ଲାଟଫର୍ମ ର ଆଜୀବନ ସଦସ୍ୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ।ପର୍ଯ୍ୟାୟ କ୍ରମେ ଅନ୍ୟସମସ୍ତ ପଞ୍ଜିକୃତ କଳାକାରଙ୍କୁ ଏହି ପର୍ଯ୍ୟାୟଭୁକ୍ତ କରାଯିବ ବୋଲି ପ୍ଲାଟଫର୍ମ ତରଫ ରୁ କୁହାଯାଇଥିଲା। ମାତ୍ର ୧୨ ବର୍ଷ ବୟସ ରୁ ୬୩ ବର୍ଷ,ଦୀର୍ଘ ୫୧ବର୍ଷ ଦୁଃଖ ଯନ୍ତ୍ରଣା ,ଅଭାବ ଅନାଟନ କୁ ପାଥେୟ କରି ପରିଣତ ବୟସ ରେ ବି ସଂଘର୍ଷ ଅବ୍ୟାହତ ରଖିଥିବା ଏବଂ କଳା ଓ କଳାକରଙ୍କ ମାନବୃଦ୍ଧି ପାଇଁ କାମ କରିଚାଲିଥିବା ବରିଷ୍ଠ ନାଟ୍ୟକାର ଡକ୍ଟର ମନୋରଞ୍ଜନ ଦାଶ ଦୀର୍ଘଜୀବନ କାମନା କଳାକାର ମାନେ ରଥାରୁଢ ତିନିଠାକୁର ଙ୍କ ନିକଟରେ କରିଥିଲେ ।

# ଭାରତୀୟ ଜନତାଦଳ ପକ୍ଷରୁ ମତଦାତା ଅଭିନନ୍ଦନ ସମାବେଶ ସହ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ



ନୀଳଗିରି,୧୫/୭(ନିପ୍ର) : ଚଳିତ ସାଧାରଣ ନିର୍ବାଚନରେ ବିଜୟ ଲାଭ କରିବା ପରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ମତଦାତାଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।ଏହି ପରିପ୍ରେକ୍ଷୀରେ ନୀଳଗିରି ସରକାରୀ ଡାକ୍‌ବଙ୍ଗଳା ପରିସରରେ ନିର୍ବାଚନମଣ୍ଡଳୀ ସ୍ତରୀୟ ଭାଜପା ଦଳର ବିଭିନ୍ନ ପଂଚାୟତରୁ ମତଦାତାଙ୍କୁ ନିମନ୍ତ୍ରଣ କରାଯାଇ ଥିଲା । ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମକୁ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭାରତ ମାତାଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ବିଜେପିର ସକ୍ରିୟ କର୍ମୀ ସମର ଶଙ୍କର କାନୁନଗୋ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ବରିଷ୍ଠ ଉପସଭାପତି କରୁଣାକର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମଞ୍ଚସିନ ଥାଇ ଉପସ୍ଥିତ ଭୋଟର ଭାଇ ଭଉଣୀ, କର୍ମୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ତାଙ୍କୁ ବହୁ ମତଦାନରେ ବିଜୟର ଟିକା ପିନ୍ଧାଇ ଥିବାରୁ କୃତଜ୍ଞତା ଜଣାଇଥିଲେ । ଜିଲ୍ଲା ସମ୍ପାଦିକା ରେଣୁବାଳା ବିଶ୍ୱାଳ ଓ ବିଜୟ କୁମାର ସାହୁ, ନୀଳଗିରି ଏନ,ଏ,ସି ଉପାଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା , ନୀଳଗିରି ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ, ଔପଦା ବ୍ଲକ ଅଧକ୍ଷା ବି.ପି. ବିପସା ପାତ୍ର, ନୀଳଗିରି ବ୍ଲକ ୧୨ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସିଂ, ଜିଲ୍ଲାସମ୍ପାଦକ ସମରଶଙ୍କର କାନୁନଗୋ, ଔପଦା ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ବେହେରା, ଔପଦା ବ୍ଲକ ୨ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, ମଞ୍ଚସୀନ ଥାଇ ଭୋଟର ଭାଇ ଭଉଣୀ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଉପସ୍ଥିତ ଦୁଇହଜାରରୁ ଉର୍ଦ୍ଧ ସମର୍ଥକଙ୍କୁ ସାଂସଦ ଓ ବିଧାୟକ ସଭାସ୍ଥଳୀରେ ପୁଷ୍ପ ବୃଷ୍ଟି କରି ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା । ବିଜେଡିରୁ ଔପଦା ବ୍ଲକ ୧ନଂ ଜିଲ୍ଲା ପରିଷଦ ସଭ୍ୟା ମୁନି ସିଂ, ଔପଦା ବ୍ଲକ ବିଜେଡ଼ି ପୂର୍ବତନ ସଭାପତି ଅଶୋକ ପ୍ରଧାନ ସହିତ ବିଭିନ୍ନ ପଞ୍ଚାୟତର ୨୭ରୁ ଉର୍ଦ୍ଧ କର୍ମୀ ଅନ୍ୟଦଳ ଛାଡ଼ି ବିଜେପିରେ ମିଶିଥିଲେ । ଶେଷରେ ବିଜେପି ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳେଶ୍ୱର ସହରରୁ ବାଇକ୍ ଚୋରୀ ତାଲିକା ଲମ୍ବୁଛି : ବାଇକ୍ ସହ ଦୃବୃର୍ତ୍ତଙ୍କୁ ଧରି ପୁଲିସ୍‌କୁ ଦେଲେ ଜିମା



ଜଳେଶ୍ୱର ,୧୫/୭(ନିପ୍ର) : ଗତ ଶନିବାର ଜଳେଶ୍ୱର ଗ୍ୟାରେଜ ବଜାରର ଝାଡେଶ୍ୱରପୁର ଛକ ନିକଟରେ ଅଲାଲପୁରର ସୂର୍ଯ୍ୟନାରାୟଣ ପରିଡା ନିଜର ସ୍ପେଲଣ୍ଡର ବାଇକ୍ ଓଡି୦୧ଏଆର୍-୧୦୯୦ ରଖି ନିକଟସ୍ଥ ଦୋକାନକୁ ଯାଇଥିଲେ । କିନ୍ତୁ ଫେରି ନିଜର ବାଇକ୍ ନ ପାଇ ନିଜ ବଂଧୁବାନ୍ଧବ, ବଣିକ ସଂଘ ସଭାପତିଙ୍କୁ ଜଣାଇଥିଲେ । ବଣିକ ସଂଘ ପକ୍ଷରୁ ଜଳେଶ୍ୱର ଏସ୍‌ଡିପିଓଙ୍କୁ ଫୋନ ଯୋଗ ଜଣାଇ ଦିଆଯାଇଥିଲା । କିନ୍ତୁ ବାଇକ୍ ମାଲିକ ସୂର୍ଯ୍ୟନାରାୟଣ ନିଜ ଲୋକଙ୍କ ଦ୍ୱାର ଜଳେଶ୍ୱରର ବିଭିନ୍ନ ମୁଖ୍ୟରାସ୍ତାରେ ଜଗାଇଦେଇଥିଲେ । ଦିନ ୨ଟାରେ ୬୦ନଂ ଜାତୀୟ ରାଜପଥର ଗଲାବେଳେ କେତେକେ ଏହି ବାଇକ୍‌କୁ ଦେଇ ପିଛା କରିଥିଲେ । କିନ୍ତୁ ବାଇକ୍‌ଟି ୫୭ ରାଜ୍ୟ ରାଜପଥରେ ପଶ୍ଚିମବଂଗକୁ ଗଲାବେଳେ ଆମ୍ବଳିଅଠା ପେଟ୍ରୋଲପମ୍ପ ନିକଟରେ ଅଟକାଇଥିଲେ । ସ୍ଥାନୀୟ ଲୋକେ ଯୁବକକୁ କାବୁ କରି ଉତ୍ତମ ମଧ୍ୟମ ଦେବାପରେ ପୁଣି ଏସଡିପିଓଙ୍କୁ ଜଣାଇ ଦିଆଯାଇଥିଲା । ଥାନାରୁ ପୋଲିସ୍ ଆସି ଉକ୍ତ ଯୁବକ ଓ ବାଇକ୍‌କୁ ଥାନାକୁ ନେଇଯାଇଥିଲେ । ପରେ ରାତି ୧୦ଟାରେ ବାଇକ୍ ମାଲିକକୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି । ଯୁବକର ପରିଚୟ ମିଳିପାରିନଥିବା ପୁଲିସ୍ କହିଛି । ପ୍ରକାଶଯୋଗ୍ୟ ଗତ ୧୦ ଦିନ ମଧ୍ୟରେ ୫ଟି ବାଇକ୍ ହେଚାରୀ ହୋଇଥିବା ବଣିକ ସଂଘ ପକ୍ଷରୁ ପ୍ରକାଶ । ପଶ୍ଚିମବଂଗ ସୀମାନ୍ତ ୬୦ ଜାତୀୟ ରାଜପଥ ଓ ୫୭ ରାଜ୍ୟ ରାଜପଥ ନିକଟରେ ଜଳେଶ୍ୱର ଅବସ୍ଥିତ ହୋଇଥିବାରୁ ଚୋରୀ, ଲୁଟତରାଜ ବଢିବାରେ ଲାଗିଛି । ତେଣୁ ପେଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ସାଧାରଣରେ ଦାବି ହେଉଛି ।

# ମାନ୍ଧାତା ଭକ୍ତିକ୍ଷେତ୍ରରେ ବାହୁଡ଼ା ଯାତ୍ରା



ଲଙ୍ଗଳେଶ୍ୱର ୧୫/୭( ନି ପ୍ର ) ବାଲିଆପାଳ ବ୍ଲକ ମାନ୍ଧାତା ବଜାର ସ୍ଥିତ ଭକ୍ତିକ୍ଷେତ୍ରରେ ଆଜି ପବିତ୍ର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାହୁଡ଼ା ଯାତ୍ରା ପାଇଁ ଶ୍ରୀ ଜଗନ୍ନାଥ, ବଡ ଭାଇ ବଳଭଦ୍ର, ମାତା ସୁଭଦ୍ରା ପ୍ରମୁଖଙ୍କ ସମସ୍ତ ନୀତି କାନ୍ତି ପ୍ରାତଃରୁ ସମ୍ପନ୍ନ ହୋଇଛି ।ଆଜି ଶ୍ରୀ ଜୀଉ ମାନଙ୍କ ଠାରେ ପୋଡ ପିଠା ଲାଗିବାର ପରମ୍ପରା ଥିବାରୁ ତାହା ସମ୍ପନ୍ନ ହୋଇଛି । ଅପରାହ୍ନକୁ ଚକ୍ରରାଜ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା, ଶ୍ରୀ ଜଗନ୍ନାଥ ପ୍ରମୁଖଙ୍କୁ ଭକ୍ତ ମାନେ ଗୋଟି ପହଣ୍ଡିରେ ବିଜେ କରାଇ ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥରେ ଆରୋଢ଼ କରାଇ ଥିଲେ । ଜଗନ୍ନାଥ ଜୀଉ ସେବକ ନିଯୋଗ ସଭାପତି ଗୋପାଳ କୃଷ୍ଣ ପାତ୍ର ତିନି ରଥରେ ଛେରା ପହଁରା କଲା ପରେ ରଥ ଟଣା ଆରମ୍ଭ ହୋଇ ଥିଲା । ଏଠରେ ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳା ମାନେ ଟାଣି ଥାନ୍ତି । ନିର୍ଦ୍ଧାରିତ ସମୟରେ ତିନି ରଥ ଦକ୍ଷିଣ ମହାବଳା ମାଉସୀ ବାଡ଼ିରୁ ଭକ୍ତମାନେ ତିନି ରଥ କୁ ଟାଣି କରି ମାନ୍ଧାତା ବଜାର ମନ୍ଦିରକୁ ଆଣିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଲିଆପାଳ ଥାନା ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଟ୍ରଷ୍ଟ ବୋର୍ଡ ସମ୍ପାଦକ ସନାତନ ପାତ୍ର, କୃଷ୍ଣା ନନ୍ଦ ପାତ୍ର, ପ୍ରଦୀପ କୁମାର ଜେନା, ସରୋଜ ତୋଳା, ଗଜେନ୍ଦ୍ର ଧଳ, ଅଜୟ କୁମାର ପାତ୍ର, ମନୋରଞ୍ଜନ ସାମଲ, କୁମାରେଶ୍ ଆଦକ, ଦେବେନ୍ଦ୍ର ଗିରି, ବୈକୁଣ୍ଠ ରାଉତ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ଏଠାରେ ବାହୁଡ଼ା ଯାତ୍ରା ପାଇଁ ପ୍ରବଳ ଜନ ସମାଗମ ହୋଇଛି ।

# ଡ଼ିଜେ ଓ ବାଣର ବ୍ୟବହାର ବ୍ୟାନ କରିବା ଲାଗି ରାଜ୍ୟ ମାନବଧିକାର କମିଶନଙ୍କ ନିକଟରେ ପିଟିସନ

କୋରାଇ, ୧୫/୦୭ :– ଦିନକୁ ଦିନ ରାଜ୍ୟରେ ଉଚ୍ଚ କ୍ଷମତା ସମ୍ପନ୍ନ ସାଉଣ୍ଡ ସହିତ ବାଣର ବ୍ୟବହାର ବଢ଼ି ଚାଲିଛି । ରାଜନୈତିକ ଶୋଭାଯାତ୍ରା ହେଉ କି ବିବାହ ବରଯାତ୍ରୀ ଶୋଭାଯାତ୍ରା ଡ଼ିଜେ ଓ ବାଣ ଏକ ଫେସନ ଓ ଷ୍ଟାଟସରେ ପରିଣତ ହୋଇଗଲାଣି । ତେବେ ଉକ୍ତ ଦୁଇଟିର କାରଣରୁ ରାଜ୍ୟରେ ଦିନକୁ ଦିନ ମୃତ୍ୟୁ ହାର ବଢି ଚାଲିଥିବା ବେଳେ କିନ୍ତୁ ଏହା ଉପରେ ପ୍ରଶାସନ କିମ୍ବା ସରକାର ରୋକ ଲଗାଇ ପାରୁନାହାନ୍ତି । ଡ଼ିଜେ ସାଉଣ୍ଡ କାରଣରୁ ବୟସ୍କ ଲୋକ କିମ୍ବା ହୃଦରୋଗୀ ମୃତ୍ୟୁ ବରଣ କରୁଥିବା ବେଳେ ଶବ୍ଦ ପ୍ରଦୁଷଣର ମାତ୍ର ବଢି ଚାଲିଛି । ଏଥିସହିତ ତାଳ ଦେଉଛି ବାଣ । ନିକଟରେ ନରେନ୍ଦ୍ର ପୋଖରୀ ବାଣ ବିସ୍ଫୋରଣରେ ଅନେକ ଜୀବନ ଦୀପ ଲିଭିଯାଇଥିବା ବେଳେ ବହୁ ଲୋକ ମାନେ ଏବେ ବି ଚିକିତ୍ସାଧିନ ଅଛନ୍ତି । ତା ସହିତ ବାଣରେ ବ୍ୟବହାର କରାଯାଉଥିବା ସଲଫର (ଗନ୍ଧକ) ନାମକ ରାସାୟନିକ ପଦାର୍ଥ ବାୟୁ ମଣ୍ଡଳରେ ମିଶିବା ଦ୍ୱାରା ଚର୍ମ କର୍କଟ ଭଳି ରୋଗ ସୃଷ୍ଟି ହେଉଛି । ଏଥି ସହିତ ଡ଼ିଜେ ଓ ବାଣରୁ ବାହାରୁଥିବା ଉଚ୍ଚ ଶକ୍ତି ସମ୍ପନ୍ନ ଧ୍ୱନିର ପ୍ରଭାବରେ ବହୁ ପକ୍ଷୀ ଓ ପଶୁ ମଧ୍ୟ ମୃତ୍ୟୁ ବରଣ କରୁଛନ୍ତି । ସରକାରୀ ପ୍ରୋତ୍ସହନ କାରଣରୁ ଉକ୍ତ ଦୁଇଟି ବ୍ୟବସାୟକୁ ଲୋକମାନେ କୁଟୀର ଶିଳ୍ପରେ ପରିଣତ କରିସାରିଲେଣି । ଗାଁ ଗାଁରେ ଏବେ ବି ଲୁଚାଛପାରେ ବାଣ ଭିଡ଼ା ଓ ଡ଼ିଜେ ମାଇକ ବ୍ୟବସାୟ ଚାଲୁ ରହିଛି । ନା ଏହାକୁ ରୋକିବା ଲାଗି ପୁଲିସର ତତ୍ପରତା ରହିଛି ନା ପ୍ରଶାସନ ଓ ସରକାରଙ୍କ ଦାୟିତ୍ୱ ରହିଛି । ବାରମ୍ବାର ଗଣ ମାଧ୍ୟମରେ ଏ ସଂକ୍ରାନ୍ତରେ ଖବର ପ୍ରସାରଣ ହେଲେ ବି ମଧ୍ୟ ଚେତୁନାହାନ୍ତି ସରକାର । ଏ ସଂକ୍ରାନ୍ତରେ ଗତ ୨୦୨୩ ଡିସେମ୍ବର ୧୩ ତାରିଖରେ ପୁର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଉକ୍ତ ଦୁଇଟି ପ୍ରଦୁଷଣ ସୃଷ୍ଟି କରୁଥିବା ଡ଼ିଜେ ଓ ବାଣକୁ ବେଆଇନ ଘୋଷଣା ଲାଗି ନିବେଦନ କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଲାନାହିଁ । ତେଣୁ ଏହାର ପ୍ରସ୍ତୁତ ଓ ବ୍ୟବହାର ବେଆଇନ ବୋଲି ଘୋଷଣା କରିବାକୁ ନିର୍ଦ୍ଦେଶ ଦେବା ଲାଗି ରାଜ୍ୟ ସରକାରଙ୍କୁ ପକ୍ଷ ଭୁକ୍ତ କରି ପାଣିକୋଇଲିର ସାମ୍ବାଦିକ ତଥା ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ରାଜ୍ୟ ମାନବଧିକାର କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଯାହାର ନମ୍ବର ୨୯୧/ ଆଇଏନ/୨୦୨୪ । ମାନ୍ୟବର କମିଶନ ମଧ୍ୟ ଉକ୍ତ ପିଟିସନକୁ ବିଚାର ଲାଗି ତାଲିକାଭୁକ୍ତ କରିଛନ୍ତି ।

# ନୂଆଦିଲ୍ଲୀ ହଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫ /୭: - କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀ ସ୍ଥିତ ହଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିରରେ ଧର୍ମପତ୍ନୀ ମୃଦୁଳା ଟି. ପ୍ରଧାନଙ୍କ ସହିତ 'ବାହୁଡ଼ା ଯାତ୍ରା'ରେ ସାମିଲ ହେବା ସହ ରଥାରୂଢ଼ ଚତୁର୍ଦ୍ଧାମୂରତିଙ୍କ ଦର୍ଶନ କରିଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଓଡ଼ିଆ ସଂସ୍କୃତିର ଅନନ୍ୟ ପର୍ବ । ସମଗ୍ର ବିଶ୍ୱରେ ରଥଯାତ୍ରା ଏବଂ ଏହାର ରୀତିନୀତି ଅଭୁତପୂର୍ବ ଉତ୍ସାହ ଓ ଭକ୍ତିର ସହ ପାଳନ ହୋଇଛି । ଚତୁର୍ଦ୍ଧାମୂରତି ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦିରୁ ରତ୍ନବେଦିକୁ ବାହୁଡ଼ିବାର ଅନନ୍ୟ ପରମ୍ପରାର ପ୍ରତୀକ ହେଉଛି ବାହୁଡ଼ା ଯାତ୍ରା । ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀର ହଜଖାସ୍ ଶ୍ରୀଜଗନ୍ନାଥ ମନ୍ଦିର ବିଗତ ବର୍ଷ ବର୍ଷ ଧରି ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ସାକ୍ଷୀ ଭାବେ ଠିଆ ହୋଇଛି । ଆଜି ଏହି ମନ୍ଦିରରେ ଅନେକ ଭକ୍ତଙ୍କ ଗହଣରେ ବାହୁଡା ଯାତ୍ରାରେ ସାମିଲ ହେବା ସହ ମହାପ୍ରଭୁଙ୍କ ସେବା କରିବା ମୋର ସୌଭାଗ୍ୟ ।

# ଗୁଜରାଟର ଆଣଂଦ ନିକଟରେ ସଡକ ଦୁର୍ଘଟଣା, ୬ ମୃତ

ଆଣନ୍ଦ, , ୧୫/୭ - ଗୁଜରାଟର ଆଣନ୍ଦ ନିକଟରେ ଆଜି ସକାଳେ ଏକ ସଡକ ଦୁର୍ଘଟଣାରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮ଜଣ ଆହତ ହୋଇଛନ୍ତି । ଏଥିରେ କିଛି ଲୋକ ଆହତ ହୋଇଛନ୍ତି । ମୃତକଙ୍କ ସଂଖ୍ୟା ବଢିବାର ଆଶଙ୍କା ରହିଛି । ଅହମଦାବାଦ-ଭଦୋଦରା ଏକ୍ସପ୍ରେସ ହାଇୱେରେ ଆଣନ୍ଦ ନିକଟ ଚିଖୋଦରାରେ ଏହି ଦୁର୍ଘଟଣା ଘଟିଛି । ହଠାତ୍ ଏକ ଟ୍ରକର ଟାୟାର ଫାଟିବାରୁ ଏହା ଭାରସାମ୍ୟ ହରାଇ ରାସ୍ତା କଡରେ ଠିଆ ହୋଇଥିବା ଏକ ବସରେ ଧକ୍କା ହୋଇଥିଲା । ଏହି ଧକ୍କା ଯୋଗୁ ବସଟି ଡିଭାଇଡର ଉପରେ ବସିଥିବା ଯାତ୍ରୀଙ୍କ ଉପରକୁ ଓଲଟିପଡିଥିଲା । ଏଥିରେ ୬ଜଣ ଯାତ୍ରୀ ଚାପି ହୋଇଯାଇଥିଲେ । ଏମାନଙ୍କ ମଧ୍ୟରୁ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ଜଣ ହସ୍ପିଟାଲରେ ମୃତ୍ୟୁବରଣ କରିଛନ୍ତି ।

# ଉଦ୍ଧାର ହେଲେ ଅପହୃତ ମିଲ୍ ମାଲିକ

ଭୁବନେଶ୍ୱର/ଜୟପୁର, ୧୫/୭ - ଅପହରଣ ହୋଇଥିବା ମିଲ ମାଲିକ ୪୮ ଘଂଟା ପରେ ଉଦ୍ଧାର ହୋଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ତାଙ୍କୁ ପୋଲିସ ଉଦ୍ଧାର କରିଛି । ଅପହରଣ କରିଥିବା ତିନି ଅଭିଯୁକ୍ତଙ୍କୁ ମଧ ପୋଲିସ ଗିରଫ କରିଛି । ସେମାନେ ବ୍ୟବହାର କରିଥିବା କାର ଜବତ ହୋଇଛି । ମିଲ ମାଲିକଙ୍କ କାର ମଧ ଉଦ୍ଧାର ହୋଇଛି ।

# କଡା ସୁରକ୍ଷା ବଳୟରେ ଶ୍ରୀମନ୍ଦିର- ଏଡିଜି ଆଇନ ଶୃଙ୍ଖଳା

ପୁରୀ, ୧୫ /୭ : - ଗତକାଲି ରତ୍ନଭଣ୍ଡାର ଖୋଲାଯାଇଥିବା ବେଳେ ଏବେ କଡା ସୁରକ୍ଷା ବଳୟରେ ରହିଛି ଶ୍ରୀମନ୍ଦିର । ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାରଙ୍କ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ମହାପ୍ରଭୁଙ୍କ ରତ୍ନ ଭଣ୍ଡାର ଖୋଲା ଯାଇଛି । ସେ ଦୃଷ୍ଟିରୁ ସମସ୍ତ ସୁରକ୍ଷା ପାଇଁ ବ୍ୟବସ୍ଥା ଆପଣା ଯାଇଛି । କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହିଛି ମନ୍ଦିର । କୌଣସି ପ୍ରକାର ସ୍ଥିତିକୁ ବି ମୁକାବିଲା କରିବା ପାଇଁ ଆମେ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

# ରୋଗୀ ବେଶରେ ଆସି ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର

ଭୁବନେଶ୍ୱର/ବୌଦ୍ଧ, ୧୫/୭: ବୌଦ୍ଧରେ ଅଭିନବ ଲୁଟ । ଗତକାଲି ବିଳମ୍ବିତ ରାତିରେ ରୋଗୀ ବେଶରେ ଆସି ଲୁଟି ନେଲେ ଲକ୍ଷାଧିକ ଟଙ୍କାର ଅଳଙ୍କାର କ୍ଷ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଦହ୍ୟା ଗାଁରେ ସଶସ୍ତ୍ର ଡକାୟତି । ବିଳମ୍ବିତ ରାତିରେ ଘରେ ପଶି ଭୁଜାଲି ଦେଖାଇ ସ୍ୱାମୀ ସ୍ତ୍ରୀଙ୍କୁ ବାନ୍ଧି ଲୁଟି ନଗଦ ଟଙ୍କା, ଲକ୍ଷାଧିକ ମୂଲ୍ୟର ସୁନା ଅଳଙ୍କାର ଲୁଟ୍ ହୋଇଛି । ମନମୁଣ୍ଡା ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ସମ୍ବଲପୁର ପର୍ଯ୍ୟଟନକୁ ...

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ମହାନଦୀ କୂଳରେ ଅବସ୍ଥିତ ସମ୍ବଲପୁରର ଐତିହାସିକ ମହତ୍ତ୍ୱ ଓ ପ୍ରାକୃତିକ ଆକର୍ଷଣ ରହିଛି । ମହାନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବିଶ୍ୱସ୍ତରୀୟ ରିଭରଫ୍ରଂଟ ପ୍ରକଳ୍ପରେ ପରିଣତ କରିବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି । ସମ୍ବଲପୁରର ଆଧାତ୍ମିକ ଐତିହ୍ୟକୁ ସୁରକ୍ଷିତ ରଖିବା ସହ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ତଥା ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଯୋଗ କରିବା ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ମହାନଦୀ ପାର୍ଶ୍ୱରେ ଥିବା ପୁରୁଣା ଅଯୋଧା ସାଗର ବନ୍ଧକୁ ଅତ୍ୟାଧୁନିକ ଜ୍ଞାନକୌଶଳ ସାହାଯ୍ୟରେ ପୁନରୁଦ୍ଧାର କରାଯାଇ ରିଭରଫ୍ରଣ୍ଟ ଥିବା ୭ କିଲୋମିଟର ଲମ୍ବା ଜଳାଶୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଏହି ପୁରୁଣା ବନ୍ଧର ନବୀକରଣ ଦ୍ୱାରା ଜଳଭଣ୍ଡାର କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ । ଏହି ଜଳଭଣ୍ଡାର ହୀରାକୁଦ ଜଳଭଣ୍ଡାରର ବିଦ୍ୟୁତ୍ ଚ୍ୟାନେଲରୁ ବାହାରୁଥିବା ଜଳକୁ ପ୍ରଭାବଶାଳୀ ଭାବରେ ଉପଯୋଗ କରିପାରିବ ଏବଂ ପ୍ରସ୍ତାବିତ ରିଭରଫ୍ରଂଟ ଡେଭଲପମେଂଟ ପ୍ରକଳ୍ପ ପାଇଁ ମହାନଦୀରେ ଆବଶ୍ୟକ ପୋଖରୀ ସୃଷ୍ଟି କରିପାରିବ । ବିଦ୍ୟମାନ ଅଚଳ ସ୍ଲୁଇସ୍ ଗୁଡ଼ିକୁ ପୁନରୁଦ୍ଧାର କରାଯାଇପାରିବ କିମ୍ବା ବନ୍ଧକୁ ସୁରୁଖୁରୁରେ ଚଳାଇବା ପାଇଁ ନୂତନ ଢାଞ୍ଚା ସହିତ ବଦଳାଯାଇପାରିବ । ଅଯୋଧା ସାଗର ବନ୍ଧର ଆଧୁନିକୀକରଣ ବ୍ୟତୀତ ଉଭୟ ନଦୀକୁ ମଜଭୁତ୍ କରାଯିବ । ବୋଟିଂ ସୁବିଧା ସହ ସ୍ନାନ ଘାଟ (ଜେଟି ନଦୀ) ଏବଂ ଆରତି ଘାଟ ନିକଟରେ ଥିବା ଦଳ ଗୁଡ଼ିକୁ ସଫା କରାଯାଇ ନଦୀକୂଳରେ ସଠିକ୍ ଭାବରେ ଜଳ ଯୋଗାଣ କରାଯାଇପାରିବ । ଏହାବ୍ୟତୀତ ସମ୍ବଲପୁର ସହରରେ ଡ୍ରେନେଜ୍ ସମସ୍ୟାକୁ ହ୍ରାସ କରିବା ପାଇଁ ପ୍ରସ୍ତାବିତ ପୋଖରୀକୁ ସଂଯୋଗ କରୁଥିବା ସମସ୍ତ ନାଳରେ ସ୍ଲୁଇସର ଆବଶ୍ୟକ ବ୍ୟବସ୍ଥା କରାଯାଇପାରେ । ସମ୍ବଲପୁରରେ ମହାନଦୀ କୂଳରେ ଉପରୋକ୍ତ ରିଭରଫ୍ରଂଟ ଉନ୍ନୟନ ପ୍ରକଳ୍ପ ଏକ ରୋମାଞ୍ଚକର ଦୃଶ୍ୟ ସୃଷ୍ଟି କରିଛି । ଏଠାରେ ପାର୍କ, ୱାକ୍ ୱେ, ଜିମ୍, ଆମ୍ଫିଥିଏଟର, ଆରତୀ ଘାଟ ଏବଂ ନଦୀ କୂଳରେ ଗାଧୋଇବା ଭଳି ସୁବିଧା ସୁଯୋଗ ସୃଷ୍ଟି କରିପାରିବା । ଏହା କେବଳ ଏହି ଅଞ୍ଚଳର ସାଂସ୍କୃତିକ ଢାଞ୍ଚାକୁ ସମୃଦ୍ଧ କରିବ ନାହିଁ ବରଂ ଏହାର ଆଧାତ୍ମିକ ଏବଂ ମନୋରଞ୍ଜନ ଆକର୍ଷଣକୁ ବଢାଇବାରେ ଯୋଗଦାନ ରଖିବ । ମହାନଦୀ ସାଂସ୍କୃତିକ, ମନୋରଞ୍ଜନ ଓ ଅର୍ଥନୈତିକ କାର୍ଯ୍ୟର କେନ୍ଦ୍ରବିନ୍ଦୁ ପାଲଟିପାରିବ । ଏହା ଦ୍ୱାରା ସ୍ଥାନୀୟ ଲୋକମାନେ ଉପକୃତ ହେବା ସହ ଏହି ସ୍ଥାନ ଦୂରଦୂରାନ୍ତରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ । ସମ୍ବଲପୁରରେ ମହାନଦୀ ରିଭରଫ୍ରଂଟ ଡେଭଲପମେଂଟ ପ୍ରକଳ୍ପ ଏହି ଅଞ୍ଚଳର ଅପର୍ଯ୍ୟାପ୍ତ ସମ୍ଭାବନାକୁ ପ୍ରସ୍ଫୁଟିତ କରିପାରିବ ଏବଂ ସମ୍ବଲପୁରକୁ ଭାରତର ଏକ ସମୃଦ୍ଧ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିପାରିବ । ଓଡ଼ିଶାବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରସ୍ତାବକୁ ବ୍ୟକ୍ତିଗତ ଭାବରେ ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀଙ୍କୁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି ।

### ଧ୍ୟାନମୂଳଂ ଗୁରୁମୂର୍ତ୍ତିଂ, ପୂଜାମୂଳଂ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଆଷାଢ଼ ଶୁକ୍ଳ ପକ୍ଷେତୁ ପୂର୍ଣ୍ଣିମାଂ ଗୁରୌ ତଥା । ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣବେନୁଭିଃ, କୃତେ ଦ୍ୱୟା ବିପ୍ର ମସ୍ୱରୂପସ୍ୟ ଦର୍ଶେନମ୍ ।' ଅର୍ଥାତ୍ - ଆଷାଢ଼ ଶୁକ୍ଳ ପୂର୍ଣ୍ଣିମା ମୋର ଜନ୍ମ ଦିବସ ଅଟେ । ଏହାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ପୁରା ଶ୍ରଦ୍ଧାର ସହ ଗୁରୁଙ୍କ ସୁନ୍ଦର ବସ୍ତ୍ର, ଆଭୁଷଣ, ଫଳ ପୁଷ୍ପ, ରତ୍ନ, ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ତାଙ୍କର ପୂଜା କରିବା ଉଚିତ । ଏମିତି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପ ଦର୍ଶନ ହେବ । ପୁରାଣରେ ଗୁରୁଙ୍କୁ ନେଇ ଆଉ ଏକ ଶ୍ଳୋକ ମଧ ବର୍ଣ୍ଣିତ ରହିଛି - 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।' ଅର୍ଥାତ୍ - ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଏବଂ ଗୁରୁ ହିଁ ଭଗବାନ ଶଙ୍କର ଅଟନ୍ତି । ଗୁରୁ ହିଁ ସାକ୍ଷାତ ପରଂବ୍ରହ୍ମ ଅଟନ୍ତି । ଏମିତି ଗୁରୁଙ୍କ ମୁଁ ପ୍ରଣାମ କରୁଛି । ଗୁରୁ ପୂର୍ଣ୍ଣିମା ଅର୍ଥାତ୍ ଗୁରୁଙ୍କ ପୂଜା ଏବଂ ଗୁରୁଙ୍କ ଆଦର କରିବାର ଦିନ । ଏହା କୌଣସି ବ୍ୟକ୍ତିଙ୍କ ପୂଜା ନୁହେଁ । ଗୁରୁଙ୍କ ଦେହ ଭିତରେ ଯେଉଁ ବିଦେହି ଆତ୍ମା ରହିଛି, ପରଂବ୍ରହ୍ମ ପରମାତ୍ମାଙ୍କ ଆଦର, ଜ୍ଞାନର ଆଦର ତଥା ପୂଜା ହିଁ ବ୍ରହ୍ମଜ୍ଞାନର ପୂଜନ କରିବା ତଥା ଗୁରୁଙ୍କ ପୂଜା କରିବା ।

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ରଥ ଉପରୁ ଅଣସେବାୟତଙ୍କୁ ବାହାର କଲେ ମୁଖ୍ୟ ପ୍ରଶାସକ

ପୁରୀ/ଭୁବନେଶ୍ୱର,୧୫ /୦୭: ବାରଣ ସତ୍ତ୍ୱେ ରଥ ଉପରେ ଚଢିଥିବା ଅଣସେବାୟତଙ୍କୁ ନିଜେ ହାତ ଟାଣି ବାହାର କରିଛନ୍ତି ମୁଖ୍ୟ ପ୍ରଶାସକ । ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ରଥ ଉପରୁ ଅଣସେବକମାନଙ୍କୁ ବାହାର କରିଥିବାର ଦେଖିବାକୁ ମିଳିଛି । ଏନେଇ ଶ୍ରୀ ପାଢୀ କହିଛନ୍ତି ରଥରେ ଅଣସେବାୟତ ଦେଖି ତୁରନ୍ତ ତଳକୁ ଓହ୍ଲାଇଦେଲି । କିଏ, କାହିଁକି ରଥ ଉପରେ ଚଢ଼ିଥିଲେ ତଦନ୍ତ ହେବ । ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ସିଂହଦ୍ୱାର ଥାନାରେ ଏତଲା ଦେବାକୁ ଜିଲ୍ଲାପାଳଙ୍କୁ କୁହାଯାଇଛି । ସୂଚନାଯୋଗ୍ୟ, କୌଣସି ଅଣସେବକ ରଥ ଉପରକୁ ଚଢିବା ନିଷେଧ । ଏନେଇ ବ୍ୟତିକ୍ରମ ସାମ୍ନାକୁ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ନିର୍ଦ୍ଦିଷ୍ଟ ଭାବେ ୨ଜଣ ଅନଧିକୃତ ବ୍ୟକ୍ତି ରଥ ଉପରକୁ ଚଢିବା ଶ୍ରୀମନ୍ଦିର ପ୍ରଶାସନ ନଜରକୁ ଆସିଛି । ସମ୍ପୃକ୍ତ ବ୍ୟକ୍ତି ଜଣେ କେନ୍ଦ୍ର ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ଆଉ ଜଣେ ବେସରକାରୀ /ସମବାୟ ଅନୁଷ୍ଠାନର ଅଧିକାରୀ ବୋଲି ପ୍ରାଥମିକ ସୂଚନା ମିଳିଛି । ଏସମ୍ପର୍କରେ ଆବଶ୍ୟକ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ସିଂହଦ୍ୱାର ଥାନାରେ ଅଭିଯୋଗ ଦାଖଲ ପାଇଁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି ।

# ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କାର୍ଯ୍ୟକ୍ରମ ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୫/୦୭ : ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ସୋମବାର ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେଇଯାଇଛି । 'ସକ୍ଷମ' ଅନୁଷ୍ଠାନର ପ୍ରତିନିଧିମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରି ଗ୍ରାମାଂଚଳରେ ରହୁଥିବା ଭିନ୍ନକ୍ଷମମାନଙ୍କର ବିଭିନ୍ନ ସମସ୍ୟା ଏବଂ ତା'ର ସମାଧାନ ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ । ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠି ବିଭାଗରେ ଭିନ୍ନକ୍ଷମ ମାନଙ୍କ ନିମନ୍ତେ ରହିଥିବା ବିଭିନ୍ନ ଯୋଜନାଗୁଡିକ ଉପରେ ବିସ୍ତୃତ ବିବରଣୀ ରଖିଥିଲେ । ବୈଠକରେ ଭିନ୍ନକ୍ଷମମାନଙ୍କ ଉନ୍ନତି ନିମନ୍ତେ ବ୍ଲକ ସ୍ତରରେ ଭିନ୍ନକ୍ଷମ ମିତ୍ରମାନଙ୍କୁ ଚୟନ କରାଯାଇ ଏହାକୁ ଗ୍ରାମ ସହ ସଂଯୋଜନ କରାଯାଇ ଭିନ୍ନକ୍ଷମମାନଙ୍କ ପାଇଁ ପ୍ରଚଳିତ ଥିବା ଯୋଜନାଗୁଡିକୁ ସୁବିଧାରେ ଉପଲବ୍ଧ କାରାଯିବା ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିଲା । ଭିନ୍ନକ୍ଷମମାନଙ୍କ ନିମନ୍ତେ ଉଚ୍ଚଶିକ୍ଷା ଓ ରୋଜଗାର କ୍ଷେତ୍ରରେ ଆଇନ ଅନୁଯାୟୀ ସଂରକ୍ଷଣ ବ୍ୟବସ୍ଥା ଉପରେ ମଧ ଆଲୋଚନା କରାଯାଇଥିଲା । ଭିନ୍ନକ୍ଷମମାନଙ୍କୁ ପରିବହନ କ୍ଷେତ୍ରରେ ସ୍ଥାନ ସଂରକ୍ଷଣର ସୁବିଧା, ଆନ୍ତଃଭିନ୍ନକ୍ଷମ ବିବାହରେ ପ୍ରୋତ୍ସାହନ ରାଶି, ସୁସ୍ଥ କୁଷ୍ଠରୋଗୀଙ୍କ ପ୍ରତି ଅସ୍ପୃଶ୍ୟତା ମନୋଭାବ ଦୂରୀକରଣ, ସୁଗମ୍ୟ ପାର୍କ, ବିନାସୁଧାରେ ଋଣ ପ୍ରଦାନ ଆଦି ସୁବିଧା ଯୋଗାଇଦେବା ପାଇଁ ପଦକ୍ଷେପ ନେବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ବୟୋଜ୍ୟେଷ୍ଠମାନଙ୍କ ନିମନ୍ତେ ଗୋଷ୍ଠୀ ଆବାସ କେନ୍ଦ୍ର ଖୋଲିବା ନିମନ୍ତେ ସରକାର ନିକଟ ଭବିଷ୍ୟତରେ ବିଚାର କରିବା ନିମନ୍ତେ ମତପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା, ବିଭାଗର ଅତିରିକ୍ତ ଶାସନ ସଚିବ ଓ ଉପ ଶାସନ ସଚିବ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଜୁଲାଇ ୧୮ରେ ପରିବେଶ ରତ୍ନ ସମ୍ମାନ ସମାରୋହର ତୃତୀୟ ସଂସ୍କରଣ

ଭୁବନେଶ୍ୱର, ୧୫/୭: - ଦେଶର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ଆସନ୍ତା ୧୮ ଜୁଲାଇାରିଖରେ ପରିବେଶ ରତ୍ନ ସମ୍ମାନ ସମାରୋହର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ । ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସାରା ଦେଶରୁ ପରିବେଶ ବିଜ୍ଞାନୀ, ବୁଦ୍ଧିଜୀବି ତଥା ପରିବେଶପ୍ରେମୀମାନେ ଏକାଠି ହେବେ । ଏହି ଅବସରରେ 'ଜଳବାୟୁ ପରିବର୍ତନ; ଆହ୍ୱାନ ଏବଂ ସୁଯୋଗ' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ମଧ ଅନୁଷ୍ଠିତ ହେବ । ଯେଉଁଥିରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ଉପରେ କାମ କରି ଆସୁଥିବା ବୈଜ୍ଞାନିକ, ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନେ ଅଂଶଗ୍ରହଣ କରି ନିଜର ମତ ରଖିବେ । ତା ସହିତ ପରିବେଶ ସୁରକ୍ଷାରେ ବ୍ରତୀ ଥିବା କିଛି ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ମାନଙ୍କୁ ପରିବେଶ ରତ୍ନ ସମ୍ମାନରେ ସମ୍ମାନିତ କରାଯିବ । ଅନୁଷ୍ଠାନ ପକ୍ଷରୁ ସୋମବାର ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ଅଧକ୍ଷ ଡ. ବିପିନ ବିହାରୀ ମିଶ୍ର କହିଥିଲେ କି ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଦୀର୍ଘ ଦିନ ହେବ ପରିବେଶ ସୁରକ୍ଷା ଦିଗରେ କାମ କରି ଆସୁଅଛି । ଆମେ ଦୀର୍ଘ ବର୍ଷ ହେବ ବର୍ଷାରତୁ ଆରମ୍ଭରେ ବିଭିନ୍ନ ସ୍ଥାନରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମମାନ ଆୟୋଜନ କରି ଆସୁଛୁ ।

ମଙ୍ଗଳବାର, ଜୁଲାଇ ୧୬, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାହୁଡ଼ାରେ ଶ୍ରୀ ବିଗ୍ରହଙ୍କ ପହଣ୍ଡି ବିଜେ : ରଥାରୁଢ଼ ହେଲେ ଦାରୁ ଦେବତା

ନୀଳଗିର,୧୫/୭(ନିପ୍ର): ଓଡ଼ିଶାର ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଘୋଷଯାତ୍ରାର ଅନ୍ତିମ ପର୍ବ ବାହୁଡା ଯାତ୍ରା ଉପଲକ୍ଷେ ଚତୁର୍ଦ୍ଧାମୂର୍ତ୍ତୀ ଜନ୍ମବେଦୀରେ ଲୀଳାଖେଳା ସାରି ରତ୍ନବେଦୀ ବାହୁଡିଯିବେ। କୋଟି ଓଡିଆଙ୍କ ହୃଦୟର ଦେବତା ମହାପ୍ରଭୁ ଜଗନ୍ନାଥଙ୍କ ଚଳିତ ବର୍ଷ ବାହୁଡ଼ାଯାତ୍ରାର ଆଦ୍ୟ ପର୍ବ ନୀଳଗିରିରେ ଆଜି ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ଉପଲକ୍ଷେ ପହଣ୍ଡି ବିଜେ ନୀତି ସମାପନ ହୋଇଛି। ସୋମବାର ଅପରାହ୍ନ ପ୍ରାୟ ସାଢ଼େ ଚାରିଟାରେ ଆଡ଼ପ ମଣ୍ଡପରେ ସମସ୍ତ ନିତିକାନ୍ତି ସମ୍ପନ୍ନ ପରେ ପହଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ ପହଣ୍ଡିରେ ଯାଇ ରଥାରୁଢ଼ ହୋଇଥିଲେ। ପରେ ବଡଠାକୁର ଶ୍ରୀବଳଭଦ୍ର, ଜଗତ ମାତା ସୁଭଦ୍ରା, ସର୍ବଶେଷରେ କାଳିଆଠାକୁରଙ୍କୁ ଗୋଟି ପହଣ୍ଡିରେ ରଥାରୁଢ଼ କର-।ଯାଇଥିଲା। ହଜାର ହଜାର ଭକ୍ତଙ୍କ ସମାଗମରେ ପହଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ନୀଳଗିରି ରାଜା ସାହେବ ଜୟନ୍ତଚନ୍ଦ୍ରମର୍ଦ୍ଦରାଜ,ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ନୀଳଗିରି ଆଇ. ଆଇ. ସି ଗୋପାଳ ଚନ୍ଦ୍ର କର୍ଣ୍ଣ ଙ୍କ ସମେତ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଆଜି ଠାରୁ ଦୁଇଦିନ ପର୍ଯ୍ୟନ୍ତ ରଥଟଣା ହେବାର କାର୍ଯ୍ୟକ୍ରମ ରହିଛି। ପରେ ଚତୁର୍ଦ୍ଧାମୂର୍ତ୍ତୀ ବଡଦେଉଳ ବାହୁଡ଼ି ଯିବେ।



ସର୍ବୋପରି ରଥଯାତ୍ରା ଅବସରରେ ବିଭିନ୍ନ ଘରକରଣା ସାମଗ୍ରୀ ସହିତ ପିଲା ମାନଙ୍କର ମନୋରଞ୍ଜନ ପାଇଁ ନାନା ପ୍ରକାରର ଦୋଳି, ଖେଳନା ସାମଗ୍ରୀ କିଣାବିକା ହେଉଥିବା ଦେଖିବାକୁ ମିଳିଛି।

# ବନ୍ତ ବ୍ଲକରେ ମିଳିତ ଜନ ଶୁଣାଣି ଶିବିର




ଭଦ୍ରକ,୧୫/୭(ନିପ୍ର) : ରିଖ। ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ବନ୍ତ ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୪୬ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥି ମଧ୍ୟରେ ୪୧ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୫ଟି ସାମୁହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ଜିଲ୍ଲାପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ବନ୍ତ ବି.ଡ଼ି.ଓ. ପ୍ରଦୀପ କୁମାର ସେଠୀ, ବନ୍ତ ତହସିଲଦାର ସାରା ହେମ୍ବ୍ରମ ପ୍ରମୁଖ ଏହି ଜନାଭିଯୋଗ ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗ ସବୁର ସମାଧାନ ପାଇଁ ବୈଠକରେ ଉପସ୍ଥିତ ଜିଲ୍ଲା ଓ ଉକ୍ତ ବ୍ଲକସ୍ତରୀୟ ସଂପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ‘ଚନ୍ଦ୍ରଭାଗା ପ୍ରକାଶନୀ’ ପକ୍ଷରୁ ନାଟ୍ୟକାର ବାସନ୍ତୀ ପାଣିଙ୍କ ‘ଏକୋଇଶ ଏକାଙ୍କିକା’ ଲୋକାର୍ପିତ




ବାଲେଶ୍ୱର,ତା୧୫/୦୭:(ନି.ପ୍ର) ‘ଚନ୍ଦ୍ରଭାଗା ପ୍ରକାଶନୀ’ କୃତ ନାଟ୍ୟକାର ବାସନ୍ତୀ ପାଣିଙ୍କ ‘ଏକୋଇଶ ଏକାଙ୍କିକା’ ପୁସ୍ତକ ହରିଶ ପାଣି ଫାଉଣ୍ଡେସନ୍ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟେସନ୍ କ୍ଲବ୍ ସଭାଗୃହରେ ଗବେଷକ ନାଟ୍ୟକାର ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଚର୍ଚ୍ଚିତ ଅଭିନେତା ଲୋକନାଥ ଲେଙ୍କା, ଏକାଡେମୀ ପୁରସ୍କୃତ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, କବି-ନାଟ୍ୟକାର ଡ. ହରିଶ୍ଚନ୍ଦ୍ର ବେହେରା, ନାଟ୍ୟ-ଗବେଷକ ଡ. ରମାକାନ୍ତ ନାୟକଙ୍କ ମିଳିତ ସମାବେଶରେ ଏବଂ କେନ୍ଦ୍ର ସାହିତ୍ୟ ଅକାଦେମୀ ସଦସ୍ୟ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଲୋକାର୍ପିତ ହୋଇଯାଇଛି। ଏହି ଅବକାଶରେ ବାଲେଶ୍ୱର ମାଟିକୁ ଗୌରବାନ୍ୱିତ କରିଥିବା କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବପୁରସ୍କାର ପ୍ରାପ୍ତ କଥାକାର ସଂଜୟ କୁମାର ପଣ୍ଡା, ନବ ନିର୍ବାଚିତ ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ରେମୁଣା ନିର୍ବାଚନ ମଣ୍ଡଳୀରୁ ଦ୍ୱିତୀୟଥର ବିଧାୟକ ନିର୍ବାଚିତ ଗୋବିନ୍ଦ ଦାସ ଏବଂ ସର୍ବକନିଷ୍ଠ ନିର୍ବାଚିତ ପ୍ରାର୍ଥୀ ବାଲେଶ୍ୱର ନିର୍ବାଚନ ମଣ୍ଡଳୀର ବିଧାୟକ ମାନସ କୁମାର ଦତ୍ତଙ୍କୁ ‘ଆମ ମାଟିର ଗୌରବ’ ସମ୍ମାନରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିା ସଂଗେସଂଗେ ସମ୍ବର୍ଦ୍ଧିତ ପ୍ରତିଭାମାନେ ସେମାନଙ୍କ ବାଲେଶ୍ୱର ମାଟି ପାଇଁ ଅଙ୍ଗୀକୃତ ଅଭିବ୍ୟକ୍ତି ରଖିଥିଲେ। ଚନ୍ଦ୍ରଭାଗର ନିର୍ଦ୍ଦେଶକ କବି ଶ୍ରୀଦେବ ତଥା ହରିଶ୍ଚନ୍ଦ୍ର ପାଣି ଫାଉଣ୍ଡେସନ୍‌ର ବିଜୟ ପାଣି, ଅଜୟ ପାଣି ଏବଂ ସଂଜୟ ପାଣିଙ୍କ ଯୁଗ୍ମ ଆବାହକତ୍ୱରେ ଏବଂ ବରିଷ୍ଠ ଆଇନଜୀବୀ ପର୍ଶୁରାମ ପ୍ରଧାନଙ୍କ ସଂଯୋଜନାରେ ‘ଆମ ନାଟକ: ଭୂମି ଓ ଭୂମିକା’ ଶୀର୍ଷକ ଆଲୋଚନା ଚକ୍ରରେ ଶ୍ରୀମତୀ ଯଶୋଧାରା ଦାସ, ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଗବେଷକ ଡ. ଶିରିଶ ଚନ୍ଦ୍ର ଜେନା, ଡ. ଦିଲ୍ଲୀପ ରଥ, ଆଶିଷ ଚକ୍ରବର୍ତ୍ତୀ, ସଂଗ୍ରାମ ମହାନ୍ତି, ସୁଶାନ୍ତ କୁମାର ଦାସ ପ୍ରମୁଖ ଆମ ନାଟକର ଭୂମି ଓ ଭୂମିକା ସଂପର୍କିତ ନିଜନିଜର ବହୁବିଧ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସର୍ବଶେଷରେ ସ୍ୱର୍ଗତ ହରିଶ୍ଚନ୍ଦ୍ର ପାଣିଙ୍କ କନିଷ୍ଠ ପୁତ୍ର ସଂଜୟ ପାଣି ଉପସ୍ଥିତ ଅତିଥି, ବିଧାୟକ ଏବଂ ନାଟ୍ୟପ୍ରେମୀ ସାରସ୍ୱତ ଅନୁଗ୍ରାହୀମାନଙ୍କୁ କୃତଜ୍ଞତା ଜଣାଇଥିଲେ। ନାଟ୍ୟକାର ଶ୍ରୀମତୀ ବାସନ୍ତୀ ପାଣିଙ୍କ ପରିବାରର ଅନ୍ୟମାନଙ୍କ ସହ ଶ୍ରୀମତୀ ପ୍ରିୟଙ୍କା ପାଣି କାର୍ଯ୍ୟକ୍ରମକୁ ସଫଳତାର ସହ ତ୍ୱରାନ୍ୱିତ କରିଥିଲେ।

# ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ




ବାରିପଦା,୧୫/୭(ନିପ୍ର) :୨୦୨୪ରିଖ ପ୍ରତିବର୍ଷପରି ଚଳିତ ବର୍ଷ ମଧ ଶ୍ରୀ ରାଧାମୋହନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ଭକ୍ତ ସମାଜ ତରଫରୁ ଗତ ତା.୧୦/୦୭/୨୦୨୪ରିଖ ଠାରୁ ଚାଲିଥିବା ମାନବ ଧର୍ମ ସମ୍ପର୍କୀୟ ଆଧ୍ୟାତ୍ମିକ ପ୍ରବଚନ ଉଦ୍‌ଯାପିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଭାଗବତ ପଣ୍ଡା ସ୍କନ୍ଦ ପୁରାଣ ଆଧାରିତ ଶ୍ରୀ ଜଗନ୍ନାଥଙ୍କ ମାନବୀୟ ଲୀଳା ତଥା ଦାରବୀତନୁ ଧାରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମାନସକେଳି କଲ୍ଲୋଳ ପଣ୍ଡିତ ହୃଦାନନ୍ଦ ସାହୁ ଶ୍ରୀରାମଚରିତମାନସର ଅରଣ୍ୟ କାଣ୍ଡ ଉପରେ ତାତ୍ତ୍ୱିକ ପ୍ରବଚନ ପ୍ରଦାନ କରିଥିଲେ। ଉଦ୍‌ଯାପନ ଉତ୍ସବରେ ଉ ବର୍ଷ ମଧ ଭକ୍ତ ସମାଜ ତରଫରୁ ଅମ୍ରିତ କୁମାର ମିଶ୍ର, ଦେବକାନ୍ତ ପଣ୍ଡା, ଦେବାଶିଷ ପଣ୍ଡା, ପ୍ରଦୀପ କୁମାର ପଣ୍ଡା, କାମେଶ୍ୱର ତ୍ରିପାଠୀ, ସୁନୀଲ କୁମାର ପଣ୍ଡା ଓ ଚଣ୍ଡି ପ୍ରସାଦ ଦାସ ପ୍ରମୁଖ ସେବକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସୁଲଳିତ ଭଜନ ପରିବେଷଣ ପାଇଁ ଅଧାପକ ପ୍ରଦୀପ କୁମାର ଦତ ଓ ଶ୍ରୀହରୀ ଦତଙ୍କୁ ଗାୟକ ଭାବେ ତଥା ମୃଦଙ୍ଗ ବାଦକ ଭାବେ ଗୋପାଳ ଚନ୍ଦ୍ର ଦତ ଓ ତୋଫାନ ସିଂ ଏବଂ ଶ୍ରୀ ପାଳିଆ ଭାବେ ଗୋବର୍ଦ୍ଧନ ସିଂ ଓ ଭବାନୀ ଶଙ୍କର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ଗାୟକ ଉମେଶ ଚନ୍ଦ୍ର ବାରିକଙ୍କୁ ଗାୟକ ରତ୍ନ ଉପାଧି ପ୍ରଦାନ ପୂର୍ବକ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବିଜୟ କୁମାର ମହାନ୍ତିଙ୍କୁ ଭାଗବତରତ୍ନ ଉପାଧି ପ୍ରଦାନ ପୂର୍ବକ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରବାଚକ ଭାଗବତ ପଣ୍ଡା ସଂଚାଳନ କରିଥିବା ବେଳେ ବିଜୟ କୁମାର ମହାନ୍ତି ପ୍ରାରମ୍ଭିକ ବକ୍ତବ୍ୟ ଓ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶହ ଶହ ଶ୍ରଦ୍ଧାଳୁ ଭକ୍ତ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ପ୍ରବଚନ କାର୍ଯ୍ୟକ୍ରମକୁ ଶ୍ରବଣ କରିଥିଲେ।

# ଭଦ୍ରକ ସ୍ୱତନ୍ତ୍ର କାରାଗାରରେ ବାହୁଡା ଯାତ୍ରା

ଭଦ୍ରକ,୧୫/୭(ନିପ୍ର) : ଆଜି ଭଦ୍ରକ ସ୍ୱତନ୍ତ୍ର କାରାଗାରରେ ଅନୁଷ୍ଠିତ ହୋଇଯାଇଛି ପବିତ୍ର ବାହୁଡା ଯାତ୍ରା। ଅପରାହ୍ନରେ ଜେଲ ପରିସରରେ କାରା ଅଧିକ୍ଷକ ଋଷିନାଥ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଏହି ପବିତ୍ର ଉତ୍ସବ। ଶଙ୍ଖ, ଘଣ୍ଟକୀର୍ତ୍ତନ ଓ ମୃଦଙ୍ଗର ତାଳେ ତାଳେ ଜେଲ ମଧ୍ୟରେ ଥିବା ୭ନମ୍ବର ସେଲ୍‌ର ମାଉସୀମା ବାଡିରୁ ତିନି ଦିଅଁଙ୍କ ରଥକୁ ଡାକ୍ତରଖାନାର ୧ନମ୍ବର ହଲ୍‌କୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବନ୍ଦୀମାନେ ଟାଣି ଟାଣି ନେଇଥିଲେ। ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠିଥିଲା ଜେଲ ପରିସର। ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତିକୁ ପହଣ୍ଡି ବିଜେ ପରେ ଅନ୍ତେବାସୀ ନୀଳମଣି ଦାସ ଛେରା ପହଁରା କରିବାପରେ ବନ୍ଦୀଭାଇମାନେ ବଡଭାଇ ବଳିଆ, ସାନଭାଇ କାଳିଆ ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ରଥକୁ ଟାଣି ନେଇଥିଲେ ଡାକ୍ତରଖାନାର ୧ନଂ ହଲ୍‌କୁ। ଏହି ବାହୁଡା ଉତ୍ସବରେ ମହିଳା କାରାରକ୍ଷୀ କଳ୍ପନା ବେହେରା, ଜମାଦାର ସୁରେନ୍ଦ୍ର ସାମଲ, ସବ୍ ଆସିଷ୍ଟାଣ୍ଟ ଜେଲର ନିନିବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ବିରାଟ ଲୀଳା କ୍ଷେତ୍ରରେ ଘୋଷଯାତ୍ରା ‘ଭାବବନ୍ଧନ’ ପତ୍ରିକାର ଉନ୍ମୋଚନ ଓ ଆଲୋଚନାଚକ୍ର



ଉଦଳା ତା.୧୫/୦୭(ନି.ପ୍ର)- କପ୍ତିପଦା ବ୍ଲକ ଅ'ର୍ଗତ ନୁଦଡ଼ିହା-ପିଙ୍ଗୁ ଗ୍ରାମସ୍ଥିତ ବିରାଟ ଲୀଳାକ୍ଷେତ୍ରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପବିତ୍ର ରଥଯାତ୍ରା ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ପ୍ରତିବର୍ଷ ଗ୍ରାମରେ ଥିବା ଶ୍ରୀ ଜଗନ୍ନାତ ମନ୍ଦିର କମିଟି ତରଫରୁ ପ୍ରକାଶ ପାଉଥିବା ଆଧ୍ୟାତ୍ମିକ ପତ୍ରିକା 'ଭାବବନ୍ଧନ'ର ନବମ ସଂଖ୍ୟା ଉନ୍ମୋଚନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ସେଥିପାଇଁ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଚଳିତ ଜୁଲାଇ ୧୫ ତାରିଖ ସୋମବାର ବାହୁଡ଼ା ଯାତ୍ରା ଦିନ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା । ଏଥିରେ ମନ୍ଦିର କମିଟିର ସଭାପତି ସର୍ବେଶ୍ୱର ରାଉତ, ଆଧ୍ୟାତ୍ମିକ ପତ୍ରିକା 'ଭାବବନ୍ଧନ'ର ପ୍ରକାଶନ ସହିତ ଆଜିର ଆଲୋଚନାଚକ୍ର ପାଇଁ ସହଯୋଗର ହାତ ବଢ଼ାଇଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜଣାଇଥିଲେ। ଏହାପରେ ମଂଚାସୀନ ଅତିଥି ବୃନ୍ଦ ଆଧ୍ୟାତ୍ମିକ ପତ୍ରିକା 'ଭାବବନ୍ଧନ'କୁ ଉନ୍ମୋଚନ କରିଥିଲେ। ପରେ ପତ୍ରିକାର ମୁଖ୍ୟ ସଂପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନୁଦଡ଼ିହା ଓ ପିଙ୍ଗୁ ଦୁଇଟି ପଂଚାୟତର ବାସିନ୍ଦା ମିଳିମିଶି ଏହି ଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ଏହାକୁ ବର୍ଷ ବର୍ଷ ଧରି ବଂଚାଇରଖିଥିବାରୁ ଉଭୟ ଗ୍ରାମବାସୀଙ୍କର ଉଦ୍ୟମକୁ ଭୂୟସୀ ପ୍ରସଂସା କରିଥିଲେ। ସେବା ନିବୃତ ପ୍ରଧାନ ଶିକ୍ଷକ କିଶୋରଚନ୍ଦ୍ର ଦାସ ବାବୁ ଜଗନ୍ନାତ ସଂସ୍କୃତିରେ ଥିବା ଅଲୌକିକତା ଆଜି କିପରି ସମଗ୍ର ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ପତ୍ରିକାର ସହସଂପାଦକ ପ୍ରଫୁଲ କୁମାର ଖିଲାର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ ଚନ୍ଦ୍ର ମହାଳିକ, ଅବସରପ୍ରାପ୍ତ ପ୍ରଶାସକ ଚନ୍ଦନ କୁମାର ଷଡ଼ଙ୍ଗୀ ଓ ବିଭୁତି ମହା' ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଆଧ୍ୟାତ୍ମିକତା ମଧ୍ୟରେ ଲୁଚି ରହିଥିବା ଅଲୌକିକତାକୁ କେବଳ ଅନୁଭବ କରାଯାଇପାରେ କିଂୁ ଏହାକୁ ଭାଷାରେ ବର୍ଣ୍ଣନା କରାଯାଇପାରିବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସର୍ବେଶ୍ୱର ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ରତିରଂଜନ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରଫୁଲ କୁମାର ପରିଡ଼ା, ମନୋରଂଜନ ମଲ୍ଲିକ, ବୃନ୍ଦାବନ ବେହେରା, ନକୁଳ ଜେନା, ରବିନାରାୟଣ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ସମାଜ କଲ୍ୟାଣ ବିକାଶ ପରିଷଦ ଓ ଜଳେଶ୍ୱର ସାମ୍ବାଦିକଙ୍କ ପକ୍ଷରୁ ସମ୍ବର୍ଦ୍ଧନା ସଭା



ଜଳେଶ୍ୱର ୧୫/୭(ନି.ପ୍ର) : ଆଜି ଅପରାହ୍ନରେ ଜଳେଶ୍ୱରର ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ କାଳୀମନ୍ଦିର ପରିସରରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ଉତ୍କଳମଣି ଗୋପବଂଧୁ ଦାସଙ୍କ ୯୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଦୈନିକ ସମାଜ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବଭବନ ପରିସରରେ କେତେକ ବରିଷ୍ଠ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ପୂର୍ବରୁ ଲୋକସେବକ ମଣ୍ଡଳର ସଭାପତି ରାଜକୁମାର ଚୋପ୍ରାଙ୍କ ସଭାପତିତ୍ୱରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି, ଦେଶର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଇଥିଲେ । ଏହି ସଭାରେ ସମାଜର ସଂପାଦକ ତଥା ଲୋକ ସେବକ ମଣ୍ଡଳର କେନ୍ଦ୍ରୀୟ ସଂପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଏ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତଙ୍କ ମଧ୍ୟରେ ବାଲେଶ୍ୱର ଜିଲାରୁ ସେ ଜଣେମାତ୍ର ବୋଲି ଜଣାଯାଇଛି । ଏହି ଉପଲକ୍ଷେ ଆଜି ସମାଜ କଲ୍ୟାଣ ବିକାଶ ପରିଷଦ ଓ ଜଳେଶ୍ୱରର କେତେକ ସାମ୍ବାଦିକ ମାନଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଷ୍ଟେସନବଜାର କାଳୀମନ୍ଦିର ନିକଟରେ ଅନୁଷ୍ଠିତ ସଭାରେ ପରିଷଦର କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଂଜ ସଭାପତିତ୍ୱ କରିଥିଲେ । ଏଥିରେ ପରିଷଦର ସଂପାଦକ ତଥା ହାଇକୋର୍ଟର ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ସଂଯୋଜନା କରି ପ୍ରତିଭାବାନ ମାନଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇ ଅନ୍ୟମାନଙ୍କ ଲାଗି ପ୍ରେରଣା ସୃଷ୍ଟି କରିବା ଏହା ଏକ ପ୍ରୟାସ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ତଥା ବଣିକ ସଂଘ ସଭାପତି ସୁଧିର ମହାନ୍ତି, ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ ଶ୍ରୀ ଚନ୍ଦଙ୍କ ୪୫ବର୍ଷର ସାମ୍ବାଦିକ ଜୀବନ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନମାଳୀ ଧଳ, ଶ୍ରୀମନ୍ତ ଘୋଷ, ଶରତ ପରିଡା, ସଚ୍ଚିଦାନନ୍ଦ ମହାନ୍ତି, ସିଦ୍ଧେଶ୍ୱର ପଣ୍ଡା, ଆଦିତ୍ୟ ନାରାୟଣ ପାତ୍ର ପ୍ରମୁଖ ଯୋଗ ଦେଇ ଗୋପବଂଧୁଙ୍କ ଜୀବନ ଶୈଳୀରେ ନିଜକୁ ସାମିଲ କରିଥିବା ଅବନୀ ଚାନ୍ଦ ଜଳେଶ୍ୱରର ଅନ୍ୟ ସାମ୍ବାଦିକ ମାନଙ୍କର ଉଦାହରଣ ହେବ ବୋଲି କହିଥିଲେ । ଡ. ଅଜିତ୍ କୁମାର ମହାନ୍ତି ସୂଚନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ରବିନାରାୟଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତର ଶ୍ରୀ ଚନ୍ଦ ସାମ୍ପ୍ରତିକ ସମାଜରେ ସାମ୍ବାଦିକ ନିଜର ଗୁରୁ ଦାୟିତ୍ୱ ତୁଲାଇବା ସହ ସମାଜ ଗଠନ କରିବା, ସତ୍ୟ ନିରପେକ୍ଷ ସମ୍ବାଦ ପରିବେଶଣ କରିବା ତଥା ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ସମ୍ବାଦ ସଂଗ୍ର କରିବା ସଂପର୍କରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଗୌରଗୋପାଳ ସେଣ, ସତ୍ୟନାରାୟଣ ଦାସ, ଦୁର୍ଗାଶଂକର ଗିରି, ଜଗନ୍ନାଥ ଗୋଚ୍ଛାୟତ, ରବିନ୍ଦ୍ର ପାତ୍ର, କେଶବ ପରିଡା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।

# ନେପାଳର ନୂଆ ପ୍ରଧାନମନ୍ତ୍ରୀ ଓଲିଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦି

ନୂଆଦିଲ୍ଲୀ, ୧୫ ଜୁଲାଇ - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେପାଳର ନୂଆ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସୋସିଆଲ ହ୍ୟାଣ୍ଡେଲ ଏକ୍ସରେ ପିଏମ ମୋଦି କହିଛନ୍ତି ଯେ, ନେପାଳର ପ୍ରଧାନମନ୍ତ୍ରୀ ଭାବେ ଆପଣଙ୍କ ନିଯୁକ୍ତିକୁ ନେଇ ଶୁଭେଚ୍ଛା । ମୁଁ ଦୁଇଦେଶ ମଧ୍ୟରେ ବନ୍ଧୁତାର ଗଭୀର ସଂପର୍କକୁ ଆହୁରି ମଜବୁତ କରିବା ତଥା ଆମର ଲୋକଙ୍କ ପ୍ରଗତି ଓ ସମୃଦ୍ଧି ପାଇଁ ପାରସ୍ପରିକ ଭାବେ ଲାଭକାରୀ ସହଯୋଗକୁ ବିସ୍ତାର କରିବା ପାଇଁ ମିଳିତ ଭାବେ କାମ କରିବା ପାଇଁ ତତ୍ପର ଅଟେ । ଏଠାରେ ସୂଚନାଯୋଗ୍ୟ, ନେପାଳରେ ସିପିଏମ-ୟୁଏମଏଲ ପାର୍ଟି ଅଧକ୍ଷ କେପି ଶର୍ମା ଓଲିଙ୍କୁ କାଲି ନୂଆ ମେଂଟ ସରକାର ଚତୁର୍ଥ ଥର ଦେଶର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରିଛି ।

# ରାଜ୍ୟ ପୋଲିସ୍‌ର ଡିଜି ପଦବୀକୁ ରାଜୀବ କୁମାର ଫେରିଲେ : ହଟାଇଥିଲେ ନିର୍ବାଚନ ଆୟୋଗ

କୋଲକାତା, ୧୫ ଜୁଲାଇ (ହିସ) - ରାଜୀବ କୁମାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ପଦକୁ ଫେରିଛନ୍ତି। ଲୋକସଭା ନିର୍ବାଚନ ଘୋଷଣା ପରେ ହିଁ ନିର୍ବାଚନ ଆୟୋଗ ତାଙ୍କୁ ଡିଜି ପଦରୁ ହଟାଇ ଦେଇଥିଲେ । ତାଙ୍କ ସ୍ଥାନରେ ଆଇପିଏସ୍ ସଞ୍ଜୟ ମୁଖାର୍ଜୀଙ୍କୁ ଡିଜି କରାଯାଇଥିଲା। ନିର୍ବାଚନ ସମାପ୍ତ ହେବା ପରେ (ରାଜ୍ୟ ସଚିବାଳୟ) ପୁନର୍ବାର ରାଜୀବଙ୍କୁ ଡିଜି ପଦରେ ପୁନ ସ୍ଥାପିତ କରିଥିଲେ। ଲୋକସଭା ନିର୍ବାଚନ ଘୋଷଣା ପରେ ନିର୍ବାଚନ ଆୟୋଗ ରାଜୀବ କୁମାରଙ୍କୁ ଡିଜି ପଦରୁ ହଟାଇ ସଞ୍ଜୟ ମୁଖାର୍ଜୀଙ୍କୁ ନିଯୁକ୍ତ କରିଛନ୍ତି। ତିନିମାସ ପୂର୍ବେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଯିଏକି ରାଜ୍ୟ ଗୃହମନ୍ତ୍ରୀ, ରାଜୀବ କୁମାରଙ୍କୁ ଡିଜି ପଦରେ ନିଯୁକ୍ତ କରିଥିଲେ। ପରବର୍ତ୍ତୀ ସମୟରେ ନିର୍ବାଚନ ଆୟୋଗ ତାଙ୍କୁ ଏହି ପଦରୁ ହଟାଇ ଦେଇଥିଲେ ଏବଂ ସେ ରାଜ୍ୟ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ଭାବରେ କାର୍ଯ୍ୟ କରିଥିଲେ। ନିର୍ବାଚନ ସମାପ୍ତ ହେବା ପରେ ଆୟୋଗର ନିର୍ଦ୍ଦେଶ ଅନୁଯାୟୀ ଅପସାରିତ ଅଧିକାରୀମାନଙ୍କୁ ସେମାନଙ୍କର ମୂଳ ପଦବୀରେ ପୁନ ସ୍ଥାପନ କରିବା ଏକ ସାଧାରଣ ଅଭ୍ୟାସ। ପ୍ରକାଶ ଥାଉକି, ଜୁନ୍ ୨ ରେ ଆଚରଣ ବିଦ୍ଧି ଶେଷ ହେବା ସତ୍ତ୍ୱେ ରାଜ୍ୟରେ ଚାରିଟି ବିଧାନସଭା ଉପ-ନିର୍ବାଚନ ହୋଇଥିବାରୁ ରାଜୀବ କୁମାରଙ୍କ ଫେରସ୍ତ ହୋଇପାରିଲା ନଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo